ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ 25

PARYABEKHYAK

ପର୍ଯ୍ୟବେକ୍ଷକ

Vol.26 . No.311 Bhubaneswar Sunday January 28 2024 | ୨୬ତମ ବର୍ଷ ସଂଖ୍ୟା-୩୧୧ ଭୁବନେଶ୍ୱର, ରବିବାର, ଜାନୁଆରୀ ୨୮, ୨୦୨୪ (୮ ପୃଷ୍ଠା) ମୂଲ୍ୟ-୧.୫୦ ₹ 1.50 (Air Surcharge - 0.50P) Member-INS

## ଗଭୀର ସମୁଦ୍ରରେ ବ୍ରିଟିଶ ତୈଳ ଟ୍ୟାଙ୍କରକୁ ମିଶାଇଲ ମାଡ଼, ଜାହାଜରେ ଅଛନ୍ତି ୨୨ ଭାରତୀୟ



ଭୁବନେଶ୍ୱର,୨୭।୧(ପି.ଏନ): ଗଭୀର ସମୁଦ୍ରରେ ବ୍ରିଟିଶ ତୈଳ ଟ୍ୟାଙ୍କରରେ ଲାଗିଛି ନିଆଁ। ହାଉତି ବିକ୍ଷୋଭକାରୀ ଟ୍ୟାଙ୍କରକୁ ଟାର୍ଗେଟ କରି ମିସାଇଲ ମାଡ଼ କରିବା ପରେ ଟ୍ୟାଙ୍କରରେ ନିଆଁ ଲାଗିଯାଇଛି। ଏଥିରେ ୨୨ ଜଣ ଭାରତୀୟ ଥିବା ସୂଚନା ମିଳିଛି। ଖବର ପାଇ ଭାରତୀୟ ନୌସେନା ଘଟଣାସ୍ଥଳରେ ପହଞ୍ଚି ନିଆଁ ଲିଭା କାର୍ଯ୍ୟରେ ସହଯୋଗ କରୁଛି। ଖବର ମୁତାବକ, ଗତକାଲି ଗଫ୍ ଅଫ୍ ଆଡେନରେ ବ୍ରିଟିଶ ଅଏଲ୍ ଟ୍ୟାଙ୍କର ମାର୍ଲିନ ଲୌଣ୍ଡା ଉପରକୁ ମିସାଇଲ ମାଡ କରାଯାଇଥିଲା। ୟେମନର ଇରାନ ସମର୍ଥିତ ହାଉତିମାନେ ଏହି ମିଶାଇଲ ମାଡ଼ କରିଛନ୍ତି। ଫଳରେ ଟ୍ୟାଙ୍କରରେ ନିଆଁ ଲାଗିଯାଇଛି। ଏଥିରେ ୨୨ ଜଣ ଭାରତୀୟ ଥିବା ଖବର ପାଇ ନୌସେନା କର୍ମଚାରୀ ସେଠାରେ ପହଞ୍ଚିଛନ୍ତି। କିନ୍ତୁ ବର୍ତ୍ତମାନ ସୁଦ୍ଧା ଉଦ୍ଧାର କାର୍ଯ୍ୟ ସଫଳ ହୋଇନାହିଁ।

## ସମଲେଇ ପ୍ରକଳ୍ପ ଲୋକାର୍ପଣ କଲେ ମୁଖ୍ୟମନ୍ତ୍ରୀ: ଭକ୍ତ ଓ ଶ୍ରଦ୍ଧାଳୁଙ୍କ ଦୀର୍ଘଦିନର ସ୍ୱପ୍ନ ପୂରଣ ହେଲା



ଭୁବନେଶ୍ୱର,୨୭।୧(ପି.ଏନ) : ପଶ୍ଚିମ ଓଡିଶାର ଇଷ୍ଟଦେବୀ ମା' ସମଲେଇ ପ୍ରକଳ୍ପକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଲୋକାର୍ପଣ କରିଛନ୍ତି । ବିପୁଳ ଉତ୍ସାହ ଓ ଭକ୍ତି ଭାବନା ସହ ଏହି ଉତ୍ସବ ଅନୁଷ୍ଠିତ ହୋଇଛି । ମୁଖ୍ୟମନ୍ତ୍ରୀ ଯଜ୍ଞ ସ୍ଥଳରେ ଉପସ୍ଥିତ ରହିଥିବା ବେଳେ ମା'ଙ୍କର ଲୋକାର୍ପଣ କାର୍ଯ୍ୟ ସମସ୍ତ ରୀତିନିତି ମୁତାବକ ସମ୍ପନ୍ନ ହୋଇଥିଲା । ଏହି ଅବସରରେ ମନ୍ତ୍ର ଧ୍ୱନିରେ ଏକ ଧାର୍ମିକ ପରିବେଶ ସୃଷ୍ଟି ହୋଇଥିଲା । ମା'ଙ୍କର ପ୍ରକଳ୍ପ ଲୋକାର୍ପଣ ହେବା ଫଳରେ ବହୁ ଭକ୍ତ ଓ ଶ୍ରଦ୍ଧାଳୁଙ୍କ ଦୀର୍ଘଦିନର ସ୍ୱପ୍ନ ପୂରଣ ହୋଇଛି ।ଏହି ଲୋକାର୍ପଣ ଉତ୍ସବ ପାଇଁ ରାଜ୍ୟ ସରକାର ଜାନୁଆରୀ ୨୭ ତାରିଖକୁ ପୂର୍ବରୁ ଛୁଟି ଘୋଷଣା କରିଥିଲେ । ସେଥିପାଇଁ ଆଜି ରାଜ୍ୟର ସମସ୍ତ ସ୍କୁଲ ଓ କଲେଜ ବନ୍ଦ ରହିଥିଲା । ୪୦ ଏକର ପରିମିତ ଅଞ୍ଚଳରେ ସମ୍ବଲପୁରର ଅଧିଷ୍ଠାତ୍ରୀ ଦେବୀ ମା' ସମଲେଶ୍ୱରୀଙ୍କ ମନ୍ଦିରର ଭବ୍ୟ ରୂପାନ୍ତରଣ ହୋଇଛି । ଏହି କାର୍ଯ୍ୟ ପାଇଁ ୩ ହଜାରରୁ ଅଧିକ ଶ୍ରମିକ ଓ କର୍ମଚାରୀ ଦିନରାତି ପରିଶ୍ରମ କରିଥିଲେ । ମା' ସମଲେଇ ମନ୍ଦିରକୁ ଆସୁଥିବା ଶ୍ରଦ୍ଧାଳୁମାନେ ଏହି ପ୍ରକଳ୍ପ ଓ ମନ୍ଦିରର ବିକାଶ କାର୍ଯ୍ୟ ଦେଖି ଖୁସି ଜାହିର କରିଛନ୍ତି । ଏହି ପ୍ରକଳ୍ପରେ ୪ଟି ଦ୍ୱାର, ମନ୍ଦିର ଟ୍ରଷ୍ଟ ବୋର୍ଡ କାର୍ଯ୍ୟାଳୟ, ୱାଚ୍ ଟାୱର, ଭୋଗ ମଣ୍ଡପ, ଦୀପ ଗୃହ, ଫାଉଣ୍ଟେନ, ଯାତ୍ରୀଙ୍କ ବିଶ୍ରାମ ଗୃହ ସହିତ ମିଶନ ଶକ୍ତି କାଫେ ରହିଛି । ପ୍ରଥମ ଥର ପାଇଁ ପଶ୍ଚିମ ଓଡିଶାରେ ସମଲେଇ ପ୍ରକଳ୍ପରେ ବିଦ୍ୟୁତ ବିଭାଗ ଭୂତଳ ବିଦ୍ୟୁତ ବ୍ୟବସ୍ଥା କରିଛନ୍ତି । ମୁଖ୍ୟ ଯଜ୍ଞସ୍ଥଳୀକୁ ଛାଡିଦେଲେ ୪ଟି ମୁଖ୍ୟ ଦ୍ୱାରରେ ୪ଟି ଯଜ୍ଞସ୍ଥଳୀ କରାଯାଇଛି ।ଲୋକାର୍ପଣ ଉତ୍ସବ ପୂର୍ବରୁ ଗତକାଲି ମୁଖ୍ୟମନ୍ତ୍ରୀ ରାଜ୍ୟବାସୀଙ୍କ ଉଦ୍ଦେଶ୍ୟରେ ବାର୍ତ୍ତା ପ୍ରଦାନ କରିଥିଲେ । ସମଲେଇ ପ୍ରକଳ୍ପ ଭାଇଚାରା ଓ ମା'ଙ୍କ ଆଶିର୍ବାଦର ପରିଚୟ । ରୂପାନ୍ତରଣ ପରେ ୩୮ ଏକର ଜାଗାରେ ମା' ଝଲସୁଛନ୍ତି । ଏହି ପ୍ରକଳ୍ପ ଓଡିଶାର ପର୍ଯ୍ୟଟନ କ୍ଷେତ୍ର ଓ ଅର୍ଥନୀତିକୁ ଆଗକୁ ନେବ । ମା'ଙ୍କ କୃପାରୁ ରେକର୍ଡ ସମୟ ଭିତରେ ଏହ ପ୍ରକଳ୍ପ କାର୍ଯ୍ୟ ସମାପ୍ତ ହୋଇଛି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ । ଏହି ଉତ୍ସବ ଅବସରରେ ଆଜି ମା'ଙ୍କ ପୀଠରେ ହଜାର ହଜାର ଭକ୍ତଙ୍କ ସମାଗମ ହୋଇଥିଲା । ତେଣୁ ସୁରକ୍ଷା ବ୍ୟବସ୍ଥାକୁ କଡାକଡି କରାଯିବା ସହ ୩୫ ପ୍ଲାଟୁନ ଫୋର୍ସ ମୁତୟନ କରାଯାଇଥିଲା । ଏଥିସହିତ ଶ୍ରଦ୍ଧାଳୁଙ୍କ ଦର୍ଶନ ପାଇଁ ବ୍ୟାରିକେଡ୍ ବ୍ୟବସ୍ଥା ମଧ୍ୟ କରାଯାଇଥିଲା ।

## ବର୍ଷୀୟାନ ସ୍ୱାଧୀନତା ସଂଗ୍ରାମୀ ନୀଳମଣି ସାମଲଙ୍କ ପରଲୋକ



ଯାଜପୁର,୨୭।୧(ପି.ଏନ): ଯାଜପୁର ଜିଲ୍ଲାର ଶତାୟୁ ପୁରୁଷ ତଥା ବର୍ଷୀୟାନ ସ୍ୱାଧୀନତା ସଂଗ୍ରାମୀ ନୀଳମଣି ସାମଲଙ୍କ ପରଲୋକ । କଟକ ବଡ଼ ଡ଼ାକ୍ତରଖାନାରେ ଚିକିତ୍ସାଧୀନ ଅବସ୍ଥାରେ ଆଜି ତାଙ୍କର ପରଲୋକ ଘଟିଥିବା ସୂଚନା ମିଳିଛି । ମୃତ୍ୟୁ ବେଳକୁ ତାଙ୍କୁ ୧୦୨ ବର୍ଷ ବୟସ ହୋଇଥିଲା । ସ୍ୱାଧୀନତା ସଂଗ୍ରାମୀ ନୀଳମଣି ସାମଲଙ୍କ ମୃତ୍ୟୁକୁ ନେଇ ବିଭିନ୍ନ ମହଲରେ ଶୋକର ଛାୟା ଖେଳିଯାଇଛି ।

## କ୍ୟାପିଟାଲ୍ ହସ୍ପିଟାଲ୍‌ରେ ଝିଅ ଛାଡି ପଳାଇଗଲେ ବାପା



ଭୁବନେଶ୍ୱର,୨୭।୧(ପି.ଏନ): ରାଜଧାନୀ ଭୁବନେଶ୍ୱରରେ ଚାଞ୍ଚଲ୍ୟ। କ୍ୟାପିଟାଲ୍ ହସ୍ପିଟାଲ୍‌ରେ ଝିଅକୁ ଛାଡି ପଳାଗଲେ ବାପା। ଫୋନ୍ କଲେ ମଧ୍ୟ ଉଠାଉ ନାହାନ୍ତି। କ୍ୟାପିଟାଲ୍ ହସ୍ପିଟାଲ୍ କର୍ତ୍ତୃପକ୍ଷ ଏନେଇ କମିଶନରେଟ୍ ପୁଲିସ୍‌କୁ ଅବଗତ କରାଇଛି ।କ୍ୟାପିଟାଲ୍ ହସ୍ପିଟାଲ୍ କର୍ତ୍ତୃପକ୍ଷଙ୍କ କହିବା ଅନୁସାରେ ପ୍ରଶାନ୍ତ ନାୟକଙ୍କ ପତ୍ନୀ ମମତା ନୟାଗଡ ମେଡିକାଲ୍ ?ରେ ଏକ ଶିଶୁକନ୍ୟା ପ୍ରସବ କରିଥିଲେ। ଛୁଆର ଓଜନ ୮୬୦ ଗ୍ରାମ୍ ଥିଲା। ତେଣୁ ଶିଶୁଟିକୁ ଏସ୍‌ଏନ୍‌ସିୟରେ ଭର୍ତ୍ତି କରାଯାଇଥିଲା। ସେଠାରେ ୨ରୁ ୩ ଦିନ ଗତ ୧୮ ତାରିଖରେ ପ୍ରଶାନ୍ତ ଛୁଆକୁ ଧରି କ୍ୟାପିଟାଲ୍ ହସ୍ପିଟାଲ୍ ଆସିଥିଲେ। ଆବଶ୍ୟକ କାଗଜପତ୍ର ଦାଖଲ କରିବା ପରେ ଛୁଆକୁ ଏସ୍‌ଏନ୍‌ସିୟୁରେ ରଖାଯାଇଥିଲା। ଛୁଆର ସ୍ୱାସ୍ଥ୍ୟ ଅବସ୍ଥା ଜଟିଳ ଥିବାରୁ ନିୟମିତ ବ୍ୟବଧାନରେ ମେଡିସିନ୍ ଓ ବ୍ଲଡ୍ ଦିଆଯାଉଥିଲା। ହେଲେ ବାପା ଓ ମାଆଙ୍କ ଦେଖାଯାଇ ନାହିଁ। ଛୁଅ ସମ୍ପର୍କରେ ସୂଚନା ଦେବା ପାଇଁ ମାଆ ମମତା ଓ ବାପା ପ୍ରଶାନ୍ତଙ୍କ ଫୋନ୍ କରାଯାଉଛି। ମାତ୍ର ସେମାନେ ଫୋନ୍ ଉଠାଉ ନାହାନ୍ତି।

## ୪୦ ଫୁଟ୍ ତଳକୁ ଖସିଲା କାର, ୪ ଜଣ ଆହତ



ଗଜପତି,୨୭।୧(ପି.ଏନ): ମହେନ୍ଦ୍ରଗିରି ଶୈବପୀଠରେ କାର ଦୁର୍ଘଟଣା । ୪୦ ଫୁଟ୍ ତଳକୁ ଖସିଲା କାର । ବ୍ରହ୍ମପୁରରୁ ୪ ଜଣ ସାଙ୍ଗ ମହେନ୍ଦ୍ରଗିରି ଶୈବପୀଠ ବୁଲିବା ପାଇଁ ଆସିଥିବା ବେଳେ ଏହି ଅଘଟଣ ଘଟିଥିଲା । ସମସ୍ତେ ସୁରକ୍ଷିତ ଥିବା ସୂଚନା ମିଳିଛି ।ତେବେ ପର୍ଯ୍ୟଟନ ଋତୁ ପାଖେଇ ଆସିଲେ ବିଭିନ୍ନ ପର୍ଯ୍ୟଟନ ସ୍ଥଳୀରେ ଶ୍ରଦ୍ଧାଳୁଙ୍କ ଭିଡ ଦେଖିବାକୁ ମିଳିଥାଏ । ଏହି ସମୟରେ ପ୍ରାୟ ଘାଟି ରାସ୍ତାରେ ଭାରସମ୍ୟ ହରାଇବା କାରଣରୁ ଯାନବାହନ ଦୁର୍ଘଟଣାଗ୍ରସ୍ତ ହେବାର ଖବର ସାମ୍ନାକୁ ଆସିଥାଏ । ତେଣୁ ଏଥିପ୍ରତି ଟିକେ ଯତ୍ନବାନ ହେବା ଆବଶ୍ୟକ । ଏହା ପୂର୍ବରୁ ମୟୁରଭଞ୍ଜ ବାଙ୍ଗିରୀପୋଷି ଦୁଆରଶୁଣୀ ଘାଟିରେ ଏକ ମର୍ମନ୍ତୁଦ ସଡକ ଦୁର୍ଘଟଣା ହୋଇଥିଲା ଯେଉଁଥିରେ ଘାଟି ତଳକୁ ଖସିପଡିଥିଲା ଯାତ୍ରାପାର୍ଟି ଟ୍ରକ୍ ।

## ପିକନିକ୍ ବସ ଦୁର୍ଘଟଣାଗ୍ରସ୍ତ, ୩ ମୃତ, ୧୧ ଆହତ

ଦଶପଲ୍ଲା,୨୭।୧(ପି.ଏନ): ଶାଳଭଙ୍ଗା ଜଙ୍ଗଲ ରାସ୍ତାରେ ଘଟିଯାଇଛି ଏକ ଅଭାବନୀୟ ଦୁର୍ଘଟଣା । ଏକ ପିକନିକ୍ ଯାଉଥିବା ବସ ଦୁର୍ଘଟଣାଗ୍ରସ୍ତ ହୋଇଥିବାର ଖବର ସାମ୍ନାକୁ ଆସିଛି । ଉକ୍ତ ଜଙ୍ଗଲ ରାସ୍ତାରେ ଟ୍ରକ୍ ଓ ପିକନିକ୍ ବସ ମୁହାଁମୁହିଁ ହୋଇଥିଲା । ଏହି ଦୁର୍ଘଟଣାରେ ଦଶମ ଶ୍ରେଣୀର ୩ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ୧୧ ଜଣ ଗୁରୁତର ଅଛନ୍ତି । ତେବେ ସମସ୍ତ ଗୁରୁତରଙ୍କୁ ନୟାଗଡ ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତରିତ କରାଯାଇଛି । ସୂଚନାରୁ ପ୍ରକାଶ ଏକ ଘରୋଇ କୋଚିଂ ସେଣ୍ଟରର ୫୦ ଜଣ ଛାତ୍ରଛାତ୍ରୀ ପିକନିକ୍ ଯାଉଥିବା ସମୟରେ ବସଟି ଦୁର୍ଘଟଣାଗ୍ରସ୍ତ ହୋଇଥିଲା । ତେବେ ଦୁର୍ଘଟଣା ଘଟାଇଥିବା ଟ୍ରକର ଡ୍ରାଇଭର ଓ ହେଲ୍ପର ଅଟକ ଥିବା ଜଣାପଡିଛି ।

## ସାଂସଦ ଜୁଏଲ ଓରାମଙ୍କ କାର୍ ଧକ୍କାରେ ଯୁବକ ମୃତ



କାମାକ୍ଷାନଗର,୨୭।୧(ପି.ଏନ): ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥା ସୁନ୍ଦରଗଡ ସାଂସଦ ଜୁଏଲ ଓରାମଙ୍କ କାର୍ ଧକ୍କାରେ ଯୁବକ ମୃତ । ଢେଙ୍କାନାଳ ଜିଲ୍ଲା କାମାକ୍ଷାନଗର ଥାନା ପୁରୁଣା ରେକୁଲା ନିକଟରେ ଏହି ଦୁର୍ଘଟଣା ହୋଇଛି । ମୃତ ବ୍ୟକ୍ତି ଜଣକ ହେଲେ କମଗରାପ।ଟଣା ଗାଁର ସର୍ବେଶ୍ୱର ଚୌଧୁରୀ ।ଖବର ମୁତାବକ, ସାଂସଦ ଜୁଏଲ ଓରାମ ଆଜି ଅପରାହ୍ନରେ ଭୁବନେଶ୍ୱରରୁ ରାଉରକେଲା ଅଭିମୁଖେ ଯାଉଥିଲେ । ଏହି ସମୟରେ ବିପରୀତ ଦିଗରୁ ଆସୁଥିବା ସର୍ବେଶ୍ୱର ଚୌଧୁରୀ ଙ୍କ ବାଇକ ସହ ସାଂସଦଙ୍କ କାର ମୁହାଁମୁହିଁ ଧକ୍କା ହୋଇଥିଲା । ଫଳରେ ସର୍ବେଶ୍ୱର ଚୌଧୁରୀ ଗୁରୁତର ହୋଇଛନ୍ତି ।

## ପ୍ରଧାନମନ୍ତ୍ରୀ ରାହତ କୋଷ ଯୋଜନାରେ ୨.୩୫ କୋଟି ଠକେଇ, ୨ ଅଭିଯୁକ୍ତଙ୍କୁ ୧୦ ବର୍ଷ ଜେଲ



ଭୁବନେଶ୍ୱର,୨୭।୧(ପି.ଏନ): ୨.୩୫ କୋଟି ଠକେଇ ଅଭିଯୋଗରେ ୨ଜଣ ଦୋଷୀ ସାବ୍ୟସ୍ତ। ଦୋଷୀ ହେଲେ ବିଜୟ ଭରଦ୍ୱାଜ ଓ ହିମାଂଶୁ ଭଣ୍ଡାରୀ। ବାଲେଶ୍ୱର ଓପିଆଇଡି କୋର୍ଟ ପକ୍ଷରୁ ଏମାନଙ୍କୁ ୧୦ ବର୍ଷ କାରାଦଣ୍ଡରେ ଦଣ୍ଡିତ କରାଯାଇଛି। ଅଭିଯୁକ୍ତଙ୍କୁ ୩ ଲକ୍ଷ ଟଙ୍କାର ଆର୍ଥିକ ଜରିମାନା ଆଦେଶ ଦେଇଛନ୍ତି କୋର୍ଟ। ଜରିମାନା ଅନାଦେୟ ୨ ବର୍ଷ ଅଧିକ ଜେଲ ହେବ ।

## ମନୋଜ ନାରାୟଣ ଷଡ଼ଙ୍ଗୀଙ୍କୁ ରାଷ୍ଟ୍ରପତି ପଦକ



ଭୁବନେଶ୍ୱର,୨୭।୧(ପି.ଏନ): ପୁରୀ ଜିଲ୍ଲା କାରଗାର ପରିବୀକ୍ଷଣ ଅଧିକାରୀ ମନୋଜ ନାରାୟଣ ଷଡ଼ଙ୍ଗୀଙ୍କ ଦାୟିତ୍ୱବୋଧ ଓ କ□ବ୍ୟ ନିଷ୍ଠାର ସ୍ୱୀକୃତି ସ୍ୱରୂପ ଭାରତର ମାନ୍ୟବର ରାଷ୍ଟ୍ରପତି ତାଙ୍କୁ ୨୦୨୩ ମସିହା ସ୍ୱାଧୀନତା ଦିବସ ଅବସରରେ ପ୍ରଶଂସନୀୟ ସେବା ନିମନ୍ତେ ରାଷ୍ଟ୍ରପତିଙ୍କ ସଂସ୍କାର ସେବା ପଦକ ପ୍ରଦାନ କରିଛନ୍ତି। ରାଜ୍ୟସରକାର ମଧ୍ୟ ଷଡ଼ଙ୍ଗୀଙ୍କୁ ସାତ ହଜାର ପା□ଶହ ଟଙ୍କାର ପ୍ରୋତ୍ସାହନ ମୂଳକ ପୁରସ୍କାର ପ୍ରଦାନ କରିଛନ୍ତି। ସୂଚନାଯୋଗ୍ୟ ଶ୍ରୀ ଷଡ଼ଙ୍ଗୀ ୨୦୦୩ ମସିହାରେ ରାଜ୍ୟ ସଂସ୍କାର ସେବାରେ କନିଷ୍ଠ ସଂସ୍କାର ସେବା ଅଧିକାରୀ ଭାବେ ଯୋଗଦାନ କରିଥିଲେ ଏବଂ ୨୦୧୮ ମସିହାରେ ଜିଲ୍ଲା ପରିବୀକ୍ଷଣ ଅଧିକାରୀ ପଦବୀକୁ ପଦୋନ୍ନତି ପାଇଥିଲେ। କାରାବନ୍ଦୀ ମାନଙ୍କ ସକ୍ରୀୟ ଅଂଶଗ୍ରହଣକୁ ସୁନିଶ୍ଚିତ କରି କାରାଗାର ଭିତରେ ବହୁ ସଂଖ୍ୟକ ସାଂସ୍କୃତିକ ଏବଂ ଆଧ୍ୟାତ୍ମିକ କାର୍ଯ୍ୟକ୍ରମ ଆୟୋଜନ କରିବାରେ ସେ ପ୍ରମୁଖ ଭୂମିକା ଗ୍ରହଣ କରି ଆସିଛନ୍ତି। କାରାବନ୍ଦୀମାନଙ୍କୁ ଶିକ୍ଷା ପ୍ରଦାନ ଏବଂ କାରାଗାରଭିତରେ ଧନ୍ଦାମୂଳକ ତାଲିମ ଖୋଲିବା ଦିଗରେ ତାଙ୍କର ଉଦ୍ୟମ ଅତ୍ୟନ୍ତ ପ୍ରଶଂସନୀୟ ଅଟେ। ୨୦୨୧ ମସିହାରେ କାରାଗାରରେ କଲ୍ୟାଣ ସେବା ପରିଚାଳନାରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ତାଙ୍କୁ କାରାଗାର ମହାନିର୍ଦ୍ଦେଶକଙ୍କ ଦ୍ୱାରା ପ୍ରଶଂସା ପତ୍ର ପ୍ରଦାନ କରାଯାଇଛି। ଜୟଦେବ ଭବନରେ ସାଧାରଣ ତନ୍ତ୍ର ଦିବସ ଉପଲକ୍ଷେ ଅନୁଷ୍ଠିତ ରାଜ୍ୟସ୍ତରୀୟ ପଦକ ପ୍ରଦାନ ଉତ୍ସବରେ ମାନ୍ୟବର ରାଜ୍ୟପାଳ ରଘୁବୀର ଦାସ, ମୁଖ୍ୟମନ୍ତ୍ରୀ ଶ୍ରୀ ରବି ପଟ୍ଟନାୟକ, ମୁଖ୍ୟ ସଚିବ ଶ୍ରୀ ପ୍ରଦୀପ ଜେନା, ପୋଲିସ ମହାନିର୍ଦ୍ଦେଶକ ଶ୍ରୀ ଅରୁଣ ଷଡ଼ଙ୍ଗୀ, ଗୃହ ସଚିବ ଶ୍ରୀ ଦେଓ ରଞ୍ଜନ ସିଂ ଓ ଜେଲ ଅତିରିକ୍ତ ମହାନିର୍ଦ୍ଦେଶକଙ୍କ ଉପସ୍ଥିତିରେ ଶ୍ରୀ ମନୋଜ କୁମାର ଷଡ଼ଙ୍ଗୀଙ୍କୁ ପଦକ ପ୍ରଦାନ କରାଯାଇଥିଲା।

## ୨୯ରେ ଓଡ଼ିଶା ଆସିବେ ଏଆଇସିସି ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡ଼୍‌ଗେ





ଭୁବନେଶ୍ୱର, ୨୭।୧ : ଏଆଇସିସି ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡ଼୍‌ଗେ ଆସ'। ୨୯ ତାରିଖରେ 'ଓଡ଼ିଶା ବଂଚାଅ' ସମାବେଶରେ ଯୋଗଦେବେ । ସେ ଅଧ୍ୟକ୍ଷ ହେବା ପରେ ଏହା ତାଙ୍କର ପ୍ରଥମ ଓଡ଼ିଶା ଗସ୍ତ । ଏହି ପରିପ୍ରେକ୍ଷୀରେ କଂଗ୍ରେସ ଭବନଠାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀକୁ ସମ୍ବୋଧିତ କରି ପ୍ରଦେଶ କଂଗ୍ରେସ କମିଟିର ସଭାପତି ଶରତ ପଟ୍ଟନାୟକ କହିଥିଲେ ଯେ ଶ୍ରୀଯୁକ୍ତ ଖଡ଼୍‌ଗେ ତଳସ୍ତରରୁ ଜଣେ ସାଧାରଣ କଂଗ୍ରେସ କର୍ମୀଭାବେ ଜୀବନ ଆରମ୍ଭ କରି ନିଜର ଚେଷ୍ଟା, ନିଷ୍ଠା ଓ ସମର୍ପଣ ପାଇଁ ଏବେ ସେ ଅଖିଳ ଭାରତ କଂଗ୍ରେସ କମିଟିର ଅଧ୍ୟକ୍ଷ ପଦରେ ଅବସ୍ଥାପିତ ହୋଇପାରିଛନ୍ତି । ସେ ଜଣେ ଅନୁଭବୀ ନେତା ଭାବେ ଦେଶକୁ ଅତି ନିକଟରୁ ଦେଖିଥିବାବେଳେ ଓଡ଼ିଶାର ଅବସ୍ଥାକୁ ମଧ୍ୟ ଭଲଭାବେ ବୁଝିଛନ୍ତି । ଶ୍ରୀ ପଟ୍ଟନାୟକ କହିଥିଲେ ଯେ ବିଜେଡି ଶାସନର ୨୪ ବର୍ଷ ପରେ ମଧ୍ୟ ୫୨% ଲୋକ ଆଜିବି ଗରିବ । ରାଜ୍ୟରେ ହାରାହାରି ୨ଲକ୍ଷ ସରକାରୀ ପଦବୀ ଖାଲି ପଡ଼ିଥିବାବେଳେ ୧୦ଲକ୍ଷ ପଞ୍ଜିକୃତ ବେକାର ଶିକ୍ଷିତ ଯୁବକଯୁବତୀ ବେସାହାରା ହୋଇପଡ଼ିଛନ୍ତି । ଆଜି ବି ସାଧାରଣ ଲୋକ ମୌଳିକ ସୁବିଧା ସୁଯୋଗରୁ ବଂଚିତ ହେଉଛନ୍ତି । ଅପରପକ୍ଷରେ ଓଡ଼ିଆ ଜାତିକୁ ଧ୍ୱଂସ କରିବାକୁ ରୀତିମତ ଷଡଯନ୍ତ୍ର ରଚାଯାଉଛି । ଏପରିକି ଅଣଓଡ଼ିଆଙ୍କ ହାତକୁ ଶାସନ କ୍ଷମତା ଟେକି ଦେବାପାଇଁ ମସୁଧା ଚାଲିଛି, ଯାହାକୁ କଂଗ୍ରେସ କେବେ ବରଦାସ୍ତ କରିବ ନାହିଁ । ଓଡ଼ିଶାରେ ଓଡ଼ିଆଙ୍କ ହକ୍ ରହିଛି । ଏହି ହକ୍ ଉପରେ ଆକ୍ରମଣ ହେଲେ ଓଡ଼ିଶା କଂଗ୍ରେସ କେବେ ଚୁପ୍ ହୋଇ ବସିବ ନାହିଁ । ଉକ୍ତ ସାମ୍ବାଦିକ ସମ୍ମିଳନୀରେ ଏଆଇସିସି ଅଧ୍ୟକ୍ଷଙ୍କ ଓଡ଼ିଶା ଗସ୍ତ କାର୍ଯ୍ୟକ୍ରମ ପାଇଁ ନିଯୁକ୍ତ ଅଧ୍ୟକ୍ଷ ତଥା ପିସିସିର ପୂର୍ବତନ ସଭାପତି ଜୟଦେବ ଜେନା କହିଛନ୍ତି ଯେ ରାଜ୍ୟରେ ଭ୍ରଷ୍ଟାଚାର, ଦୁର୍ନୀତି ଓ ଅତ୍ୟାଚାର ସୀମା ଟପିଛି । ବିଜେଡି-ବିଜେପି ଅଘୋଷିତ ମେଂଟ ଏବେ ସାର୍ବଜନୀନ ହୋଇଛି । ଏମାନଙ୍କର ଦୌରାତ୍ମ୍ୟରୁ ରାଜ୍ୟକୁ ମୁକ୍ତ କରିବା ପାଇଁ 'ଓଡ଼ିଶା ବଂଚାଅ' ସମାବେଶରେ ଯୋଗଦେବାକୁ ଖଡ଼୍‌ଗେଜୀ ଓଡ଼ିଶା ଆସୁଛନ୍ତି । ସ୍ୱତଃପ୍ରବୃତ ଭାବେ 'ଓଡ଼ିଶା ବଂଚାଅ'କାର୍ଯ୍ୟକ୍ରମରେ ଯୋଗଦେବାକୁ ଶ୍ରୀ ଜେନା ରାଜ୍ୟବାସୀଙ୍କୁ ନିବେଦନ କରିଛନ୍ତି । ସାମ୍ବାଦିକମାନଙ୍କୁ ସମ୍ବୋଧନ କରି ପିସିସିର ପୂର୍ବତନ ସଭାପତି ପ୍ରସାଦ ହରିଚନ୍ଦନ କହିଛନ୍ତି ଯେ ୨୦୨୪ ମସିହାରେ ହେବାକୁ ଥିବା ଅଷ୍ଟାଦଶ ଲୋକସଭା ଓ ସପ୍ତଦଶ ବିଧାନସଭା ନିର୍ବାଚନ ପୂର୍ବରୁ ଏଆଇସିସି ସଭାପତିଙ୍କ ଓଡ଼ିଶାଗସ୍ତ କାର୍ଯ୍ୟକ୍ରମ ଦୁଇଟି ଦିଗରୁ ମହତ୍ୱପୂର୍ଣ୍ଣ । ସେ ଆହୁରି କହିଥିଲେ ଯେ ଉଭୟ ବିଜେଡି ଓ ବିଜେପିଙ୍କ ଚୋରା ପୀରତି ଧରାପଡ଼ିଯାଇଛି । ୧୦ ବର୍ଷ ମିଶି ସରକାର କରିବା ପରେ ଲିଭ୍‌ଇନ୍ ରିଲେସନ୍‌ସିପ ଏବେ ଦାଣ୍ଡରେ ପଡ଼ି ହାଟରେ ଗଡ଼ୁଛି । ବିଜେଡି ୨୪ ବର୍ଷ ପରେ ନୂଆ-ଓଡ଼ିଶା ଗଢିବା କଥା କହୁଛି ତେବେ ୨୩ବର୍ଷ ପୂର୍ବରୁ ଗଢିପାରିଲେନି କାହିଁକି ବୋଲି ସେ ପ୍ରଶ୍ନ କରିଥିଲେ । ଉଭୟଙ୍କ ଚିତ୍ର ଓ ଚରିତ୍ରକୁ ରାଜ୍ୟବାସୀ ବୁଝି ଗଲେଣି ଏବେ ବିଜେଡି ଓ ବିଜେପିକୁ ହଟାଇବାର ସମୟ ଆସିଛି । ପିସିସି ଗଣମାଧ୍ୟମ ବିଭାଗର ଅଧ୍ୟକ୍ଷ ଡଃ ବିଶ୍ୱରଂଜନ ମହାନ୍ତି କହିଥିଲେ ଯେ ଓଡ଼ିଶା ଓ ଓଡ଼ିଆ ଅସ୍ମିତା ପାଇଁ ହେଉଥିବା ଲଢେଇକୁ ଶକ୍ତିଶାଳୀ କରିବ 'ଓଡ଼ିଶା ବଂଚାଅ' ସମାବେଶ । ଏହି ସମ୍ମିଳନୀରେ ଏଆଇସିସିର ସମ୍ପାଦକ ତଥା ଓଡ଼ିଶାର ସହପ୍ରଭାରୀ ଶ୍ରୀ ସାହାନାୱାଜ ଚୌଧୁରୀ ଏବଂ ପିସିସି ସାମାଜିକ ଗଣମାଧ୍ୟମର ଅଧ୍ୟକ୍ଷ ଶ୍ରୀ ଅମୀୟ ପାଣ୍ଡବ ଉପସ୍ଥିତ ଥିଲେ ।

## ରାଜ୍ୟରେ ଆଜିଠୁ ପୁଣି ବଢ଼ିବ ଶୀତ, ୩ ଦିନ ପାଇଁ ଏହିସବୁ ଜିଲ୍ଲାକୁ ୟେଲୋ ଆଲର୍ଟ



ଭୁବନେଶ୍ୱର,୨୭।୧(ପି.ଏନ): ରାଜ୍ୟରେ ଆଜିଠୁ ପାଣିପାଗରେ ପରିବର୍ତ୍ତନ ଦେଖାଯିବ । ଏଥିସହ ବର୍ଷାରେ ବ୍ରେକ ମଧ୍ୟ ଲାଗିଛି । ଆଜିଠୁ ପ୍ରବଳ ଜାଡ ଅନୁଭୂତ ହେବ ବୋଲି ପାଣିପାଗ ବିଭାଗ ଆକଳନ କରିଛି। ଆସନ୍ତା ୩ ଦିନ ପର୍ଯ୍ୟନ୍ତ ଶୀତ ସହ ଘନ କୁହୁଡ଼ି ଅସ୍ତବ୍ୟସ୍ତ କରିବ। ତେବେ ଉତ୍ତର-ପଶ୍ଚିମ ଦିଗରୁ ଓଡ଼ିଶାକୁ ବହୁଛି ଥଣ୍ଡା ଶୁଷ୍କ ପବନ । ଏହାରି ପ୍ରଭାବରେ ଦୁଇଦିନ ମଧ୍ୟରେ ୨ରୁ ୩ ଡିଗ୍ରୀ ପର୍ଯ୍ୟନ୍ତ ତାପମାତ୍ରା କମିବ। ଆଭ୍ୟନ୍ତରୀଣ ଓଡିଶାରେ ଶୀତ ଲହରୀ ନେଇ ସତର୍କତା ଜାରି କରିଛି ପାଣିପାଗ ବିଭାଗ । ପ୍ରବଳ ଜାଡ ନେଇ ସୁନ୍ଦରଗଡ, ଦେବଗଡ଼, କେନ୍ଦୁଝର, ଅନୁଗୁଳ ଓ ଝାରସୁଗୁଡାକୁ ୟେଲୋ ଆଲର୍ଟ ଜାରି କରାଯାଇଥିବା ବେଳେ ଘନ କୁହୁଡି ନେଇ ଆଭ୍ୟନ୍ତରୀଣ ଏବଂ ଉପକୂଳ ଓଡ଼ିଶାକୁ ସତର୍କ କରାଇଛି ।ଏହି ସବୁ ଅଞ୍ଚଳରେ ଶୁକ୍ରବାର ମଧ୍ୟ ରାତ୍ରିରୁ ସକାଳ ମଧ୍ୟରେ ଦୃଶ୍ୟମାନ ଦୂରତା ୨୦୦ ରୁ ୫୦ ମିଟର ମଧ୍ୟରେ ସୀମିତ ରହିବାର ସମ୍ଭାବନା ଥିବାରୁ ଯାତାୟତରେ ବାଧା ଉପୁଜିବା ସମ୍ଭାବନା ରହିଛି।








# ଟି ଟାଇମ୍

## ଥକ୍କାପଣ ଦୂର କରିବ ପ୍ରୋଟିନ୍ ଖାଦ୍ୟ

ଅଧିକାଂଶ ସମୟ ଲୋକଙ୍କର ଅଭିଯୋଗ ରହିଆସିଛି ଯେ, ସେମାନେ ଅଳ୍ପ କାମ ରେ ଜଲଦି ଥକିପଡ଼ନ୍ତି । କିଛି ବ୍ୟକ୍ତି ଏଭଳି ବି ଅଛନ୍ତି ଯିଏ କିଛି କାମ ନ କରି ମଧ୍ୟ ଥକ୍କା ଅନୁଭବ କରିଥାନ୍ତି। ଶରୀରରେ ଶକ୍ତିର କମି ଫଳରେ ଜଣେ ବ୍ୟକ୍ତି ଥକ୍କା ଅନୁବବ କରିଥାଏ । ତେଣୁ ଶରୀରକୁ ଶକ୍ତିଶାଳୀ ବନାଇବାପାଇଁ ଆପଣ ଆପଣଙ୍କ ଖାଦ୍ୟରେ ଦିନଚର୍ଯ୍ୟାରେ ପ୍ରୋଟିନ୍ ଯୁକ୍ତ ଖାଦ୍ୟ ସାମିଲ କରନ୍ତୁ । ପୂରା ଦିନ ପାଣି କିମ୍ୱା କିଛି ତରଳ ପଦାର୍ଥ ପିଇବା ଉଚିତ୍ । ପାଣି ଶରୀରର ହାନୀକାରକ ତତ୍ତ୍ୱକୁ ବାହାରକୁ ବାହାର କରି ଶାରୀରିକ ପ୍ରଣାଳୀରେ ନୂତନ ଶକ୍ତି ସୃଷ୍ଟି କରିଥାଏ । ସର୍ବତ, ଫଳରସ, ନଡ଼ିଆ ପାଣି ଭଳି ପାଣି ଜିନିଷ ପିଇବା ଉଚିତ୍ । ଶାରୀରିକ ସତେଜ ରହିବା ପାଇଁ ପ୍ରୋଟୀନ୍ ଯୁକ୍ତ ଖାଦ୍ୟ ନିଜ ଖାଦ୍ୟରେ ଗ୍ରହଣ କରିବା ଉଚିତ୍ । କାର୍ବୋହାଇଡ୍ରେଟ୍ରୁ ଶରୀରକୁ ଶକ୍ତି ମିଳିଥାଏ। ଫଳମାନଙ୍କ ମଧ୍ୟରେ କମଳା, ଆତାବି, ଲିଚି ଆଦି ଖାଇବା ଉଚିତ୍ । ଏଥିରେ ପ୍ରଚୁର ମାତ୍ରାରେ ଗ୍ଲୁକୋଜ ରହିଥାଏ । କ୍ଷୀରରେ ମହୁ ମିଶାଇ ଓ କଦଳୀର ସେକ୍ ପିଇଲେ ଶରୀରକୁ ଭଲ ଶକ୍ତି ମିଳିଥାଏ । ସବୁଠାରୁ ମହତ୍ତ୍ୱପୂର୍ଣ୍ଣ କଥା ହେଉଛି ଆପଣ ପୂରା ଦିନ ଯେତେ କାମ କରିଲେ ମଧ୍ୟ ୭ରୁ ୮ ଘଣ୍ଟାର ନୀଦ ପୂରା କରିବା ଉଚିତ୍ । ଏଭଳି କଲେ ପର ଆପଣଙ୍କୁ ସଠିକ୍ ଶକ୍ତି ମିଳିପାରିବ । ଯେବେ ବି ଥକ୍କାପଣ ଅନୁଭବ ହୁଏ ତେବେ ୧୫ କିମ୍ୱା ୨୦ମିନିଟ୍ର ବିଶ୍ରାମ ଯେମିତି ହେଲେ ନେବେ । ନୀଦ ପୂରା ନହେଲେ ଶରୀରର ଓଜନ ମଧ୍ୟ ବଢ଼ିଥାଏ ଓ ଥକ୍କାପଣ ଜଲଦି ଆସିଯାଇଥାଏ ।

## କାଳୀ ଚରଣ ପଟ୍ଟନାୟକ

ଓଡିଆ ନାଟ୍ୟକାର ଓ କବି ଥିଲେ। ସେ ୧୮୯୭ ଡିସେମ୍ବର ୩ ତାରିଖ, ବକୁଳ ଅମାବାସ୍ୟା ଦିନ ବାଙ୍କୀ ସହର ଉପକଣ୍ଠରେ ଥିବା ଖମାରଙ୍ଗା ଗ୍ରାମରେ ପିତା ଦୁର୍ଗାଚରଣ ପଟ୍ଟନାୟକ ଓ ମାତା ରାଧାମାଳୀ ଦେବୀଙ୍କଠାରୁ ଜନ୍ମ ଗ୍ରହଣ କରିଥିଲେ। ସେ ପିତାମାତାଙ୍କର ଦ୍ୱିତୀୟ ସନ୍ତାନ ଥିଲେ। କାଳୀଚରଣଙ୍କ ପିତା ବଡମ୍ବାଗଡର ଦେବାନ ଥିଲେ। କାଳୀଚରଣ ପାରମ୍ପରିକ ଲୀଳା ନାଟକ ପ୍ରଦର୍ଶନ କରି ନିଜର ନାଟ୍ୟକାର ଜୀବନ ଆରମ୍ଭ କରିଥିଲେ ୪ର୍ଥ ଦଶକ ଦେବଳକୁ ସେ ଆଧୁନିକ ମଞ୍ଚ ନାଟକ ଲେଖି ତାହାର ବିପଣନ କରିବା ଆରମ୍ଭ କରିଥିଲେ। ସେଥି ପାଇଁ ୧୯୨୯ ମସିହାରେ "ସାକ୍ଷୀଗୋପାଳନାଟକ ସଂଘ" ଓ ୧୯୩୯ରେ "ଓଡିଶା ଥିଏଟର୍ସ" ନାମରେ ଏକ ରଙ୍ଗମଂଚ ଗଠନ କରି ଓଡିଶା ନାଟକାଭିନୟ ଜଗତର ପ୍ରସାର ଓ ଉନ୍ନତି କରିଥିଲେ। ତାଙ୍କର ଜନପ୍ରିୟ ନଟକ ଗାର୍ଲ ସ୍କୁଲ (୧୯୩୯) ଓଡିଆ ମଞ୍ଚାଭିନୟରେ ନୂତନ ଯୁଗର ଆରମ୍ଭ କରିଥିଲେ। ତାଙ୍କୁ ଆଧୁନିକ ଓଡଆ ନାଟ୍ୟଶାସ୍ତ୍ରର 'ଭରତ ମୁନି' ବୋଲି ମଧ୍ୟ କୁହାଯାଏ। ତାଙ୍କ ପ୍ରଚେଷ୍ଟାରୁ ୧୯୫୮ ମସିହାରେ ଓଡିଶୀ ନୃତ୍ୟ ଶାସ୍ତ୍ରୀୟ ମର୍ଯ୍ୟାଦା ପାଇଥିଲେ। ସେଥି ପାଇଁ ସମସ୍ତ ଓଡିଶୀ ନାଟ୍ୟଗୁରୁ ଓ ନୃତ୍ୟଶିଳ୍ପୀମାନେ ତାଙ୍କୁ ମନେ ରଖିଛନ୍ତି। କାଳୀଚରଣ ତାଙ୍କର ପ୍ରାଥମିକ ଶିକ୍ଷା ଚର୍ଚ୍ଚିକା ପ୍ରାଥମିକ ବିଦ୍ୟାଳୟରେ ସମ୍ପନ୍ନ କରି ଖୋର୍ଦ୍ଧା ଉଚ୍ଚବିଦ୍ୟାଳୟରେ ମାଟ୍ରିକ ପଢ଼ିଥିଲେ। କଟକର ରେଭେନ୍ସା କଲେଜରୁ ସେ ଉଚ୍ଚତର ଶିକ୍ଷା ଗ୍ରହଣ କରିଥିଲେ। ଖୋର୍ଦ୍ଧା ସ୍କୁଲରେ ପଢୁଥିବା ସମୟରେ ସଙ୍ଗୀତ ନାଟକ ପ୍ରତି ଆସକ୍ତ କଳୀଚରଣ ପ୍ରଥମ ସଙ୍ଗୀତଜ୍ଞ ବାସୁଦେବ ମହାପାତ୍ର ଓ ପରେ ଓସ୍ତାଦ୍ ଖାନୁ ଖାଁ, ବନୱାରୀ ମିଶ୍ରଙ୍କ ଭଳି ବିଶାରଦଙ୍କଠାରୁ ଶାସ୍ତ୍ରୀୟ ସଂଗୀତ ଶିକ୍ଷା କରିଥିଲେ। ବାଙ୍କୀର ମହାପର୍ବତ ଦେଖି ମହାପର୍ବତ ନାମକ ଖଣ୍ଡକାବ୍ୟ ଓ କଳଙ୍କ ଭଂଜନମାଳା ନାଟକ ରଚନା କରିବା ପରେ ଶିକ୍ଷକ ପଣ୍ଡିତ କୃପାସିନ୍ଧୁ ହୋତାଙ୍କ ପ୍ରକୃତି ବର୍ଣ୍ଣନା ପାଇଁ ଉପଦେଶ ତାଙ୍କର ରଚନାତ୍ମକ ଦୃଷ୍ଟିଭଙ୍ଗୀରେ ଏକ ଉଲ୍ଲେଖନୀୟ ପରିବର୍ତ୍ତନ ଆଣିଥିଲା। ଗୋବିନ୍ଦଚନ୍ଦ୍ର ଶୂଦଦେଓଙ୍କ ସମ୍ପର୍କରେ ଆସି ତାଙ୍କର ନାଟକ ସୁଲଭତା ବିକଶିତ ହୋଇଥିଲା। ୧୯୧୮ ମସିହାରେ ଆଇ.ଏ ପଢ଼ିବାବେଳେ ସେ ପ୍ରଥମ ନାଟକ ଧ୍ରୁବ ରଚନା କରିଥିଲେ ମଧ୍ୟ ତାଙ୍କର ପ୍ରଥମ ସାମାଜିକ ନାଟକ ଥିଲା ୧୯୩୪ ମସିହାରେ ରଚିତ ପ୍ରତିଶେଶଧ। ପ୍ରାୟ ୪୦ ଟି ପୂର୍ଣ୍ଣାଙ୍ଗ ନାଟକ ସହିତ ସେ ରଚନା କରିଯାଇଛନ୍ତି ବହୁ ନୃତ ନାଟିକା, କାବ୍ୟ ନାଟିକା, ଗଳ୍ପ, ଉପନ୍ୟାସ, କବିତା ଆଦି ଅନେକ ଅନବଦ୍ୟ କୃତି।

## ଦେବୀ ରାଧାଙ୍କ ଜନ୍ମ ରହସ୍ୟ

ବ୍ରହ୍ମବୈବର୍ତ୍ତ ପୁରାଣରେ ଦେବୀ ରାଧାଙ୍କ ଜନ୍ମ ରହସ୍ୟ କଥା ଉଲ୍ଲେଖ କରାଯାଇଛି । ଦେବୀ ରାଧା ଭଗବାନ୍ ଶ୍ରୀକୃଷ୍ଣଙ୍କ ସହ ଗୋଲକରେ ନିବାସ କରୁଥାନ୍ତି । ଥରେ ଗୋଲକରେ ଦେବୀ ସୀତା ନଥିଲେ । ଶ୍ରୀକୃଷ୍ଣ ବିରଜା ନାମକ ପତ୍ନୀଙ୍କ ସହ ବିବାହ କରୁଥିଲେ । କୃଷ୍ଣ ଓ ବିରଜାଙ୍କ ବିବାହର କଥା ରାଧାଙ୍କୁ ସୂଚନା ମିଳିବା ମାତ୍ରେ ସେ ଗୋଲକକୁ ଆସିଲେ । ସେ କୃଷ୍ଣ ଓ ବିରଜାଙ୍କୁ ଦେଖି ରାଗିଯାଇ ଶ୍ରୀକୃଷ୍ଣଙ୍କୁ ଅନେକ କଥା ଶୁଣାଇଲେ । ଯାହାଫଳରେ ଶ୍ରୀକୃଷ୍ଣଙ୍କ ମିତ୍ର ସୁଦାମାଙ୍କୁ କ୍ରୋଧ ଆସିଲା । ସେ କ୍ରୋଧିତ ହୋଇ ଦେବୀ ରାଧାଙ୍କୁ ଅପମାନ କଲେ । ଯାହାଫଳରେ ଦେବୀ ରାଧା ଓ ସୁଦାମା ପରସ୍ପରକୁ ଅଭିଶାପ ଦେଲେ । ସୁଦାମାଙ୍କ ଅଭିଶାପ କଥା ରାଧା ଶ୍ରୀକୃଷ୍ଣଙ୍କୁ କହିଥିଲେ । ଶ୍ରୀକୃଷ୍ଣ ଦେବୀ ରାଧାଙ୍କୁ କହିଥିଲେ ଯେ ପୃଥିବୀରେ ତୁମେ ଗୋକୁଳରେ ଦେବୀ କୀର୍ତ୍ତି ଏବଂ ବୃଷଭାନୁଙ୍କ କନ୍ୟାରୂପେ ଜନ୍ମଗ୍ରହଣ କରିବ। ସେଠାରେ ତୁମର ବିବାହ ରାୟାଣ ନାମକ ଏକ ବୈଶ୍ୟ ସହ ହେବ ଏବଂ ସାଂସାରିକ ଭାବେ ତୁମେ ରାୟାଣଙ୍କ ପତ୍ନୀ ବୋଲି କୁହାଯିବ । ରାୟାଣ ହେଉଛି ମୋର ଏକ ଅଂଶ । ରାଧା ରୂପରେ ତୁମର ମୋର ପ୍ରିୟା ହୋଇ ରହିବ ଏବଂ କିଛି ସମୟ ପାଇଁ ଆମ ମଧ୍ୟରେ ବିଚ୍ଛେଦ ହେବ। ସୁଦାମାଙ୍କ ଅଭିଶାପରେ ଗୋକୁଳରେ ଦେବୀ ରାଧା କୀର୍ତ୍ତି ଏବଂ ବୃଷଭାନୁଙ୍କୁ କନ୍ୟା ରୂପରେ ଜନ୍ମଗ୍ରହଣ କଲେ ।

# ପୁରାଣ କାହାଣୀ

## ପଂଚବଟୀ ରେ ରାମଚନ୍ଦ୍ର

ଭାରତ ରାମଙ୍କୁ ବହୁତ ଅନୁନୟ ବିନୟ ପୂର୍ବକ ଫେରିଆସିବାକୁ ଏବଂ ରାଜ୍ୟ ଭାର ଗ୍ରହଣ କରିବାକୁ ଆକୁଳ ପ୍ରାର୍ଥନା କଲେ। ମାତ୍ର ରାମ ଭରତଙ୍କ ଅନୁରୋଧ ପ୍ରତ୍ୟାଖାନା କରିଥିଲେ। ରାମ, ସୀତା ଏବଂ ଲକ୍ଷ୍ମଣ ଏହି ବନବାସ ସମୟରେ ଗୋଦାବରୀ ନାଦୀ ତଟରେ ଗମନ କରି ପଞ୍ଚବଟୀ ଠାରେ ଏକ କୁଟୁର ନିର୍ମାଣ କରି ଅବସ୍ଥାନ କଲେ। ସେହି ସମୟରେ ଋଷିମୁନିମାନଙ୍କର ଅନୁରୋଧ କ୍ରମେ ସେମାନେ ଅନେକ ରାକ୍ଷ କୁ ବଧ କରିଥିଲେ। ବିରାଧ ରାକ୍ଷସ ଏମାନଙ୍କ ମଧ୍ୟରେ ପ୍ରଥମ ଥିଲା।



## ପତ୍ନୀ ଛାଡ଼ି ପଳାଇଲେ ଉପହାରରେ ମିଳୁଛି ଅବିବାହିତ ଝିଅ

ବେଜିଂ ଯଦି କୌଣସି ବ୍ୟକ୍ତିଙ୍କ ପତ୍ନୀ ତାଙ୍କୁ ଛାଡି ଅନ୍ୟ କାହା ସହ ଫେରାର ହୋଇଥାନ୍ତି ତେବେ ଏନେଇ ସ୍ୱାମୀଙ୍କୁ ଚିନ୍ତା କରିବାର ଆଉ ଆବଶ୍ୟକତା ନାହିଁ। କାରଣ ଏଭଳି ସ୍ୱାମୀଙ୍କୁ ଉପହାରରେ ଦିଆଯାଉଛି ଅବିବାହିତ ଝିଅ। ତା' ପୁଣି ପତ୍ନୀ ଛାଡି ପଳାଇବାର ୧ବର୍ଷ ଭିତରେ। ଚୀନର ଏକ ମ୍ୟାରେଜ ବ୍ୟୁରୋ ସଂସ୍ଥା ନିଜ ବିଜ୍ଞାପନରେ ଏହି ଅଫର ଦେଇଛି। ସୋସିଆଲ ମିଡିଆରେ ପ୍ରକାଶିତ ଖବର ଅନୁସାରେ ଚୀନର ଏକ ମ୍ୟାରେଜ



ବ୍ୟୁରୋ ସଂସ୍ଥା ନିଜ ବିଜ୍ଞାପନରେ ଉଲ୍ଲେଖ କରିଛି ଯେ ଯଦି କୌଣସି ଚୀନର ବ୍ୟକ୍ତି ଭିଏତନାମର ମହିଳାଙ୍କୁ ବିବାହ କରିଛନ୍ତି ଏବଂ ଏହି ମହିଳା ତାଙ୍କୁ ଛାଡି ଅନ୍ୟତ୍ର ଘର ବସାଉଛନ୍ତି ତେବେ ଏହାର ପ୍ରତିବଦଳରେ ଉକ୍ତ ବ୍ୟକ୍ତିଙ୍କୁ ଭିଏତ୍ନାମର ଜଣେ ଅବିବାହିତା କନ୍ୟାଙ୍କୁ ମାଗଣାରେ ବିବାହ କରିବାର ସୁବିଧା ପ୍ରଦାନ କରାଯିବ। ୧ବର୍ଷ ଭିତରେ ଏହି ସୁବିଧା ପ୍ରଦାନ କରାଯିବ ବୋଲି ସଂସ୍ଥା ପକ୍ଷରୁ କୁହାଯାଇଛି।

## ସଡକ ପୂରା କରିବା ପାଇଁ ବିକିଦେଲେ ସମସ୍ତ ସମ୍ପତି

ଟେକ୍ସାସ୍ ସାଧାରଣତଃ ନିଜ ଘର ଓ ପରିବାରର ଆବଶ୍ୟକତା ପାଇଁ ଲୋକେ ଅର୍ଥ ସଂଚୟ କରିଥାନ୍ତି। ହେଲେ ଟେକସାସ୍ରେ ରହୁଥିବା ଜଣେ ଦମ୍ପତ୍ତି ନିଜର ଭ୍ରମଣ ସଡକ ପୂରା କରିବା ପାଇଁ ନିଜ ଘର ସହ ସମସ୍ତ ସମ୍ପତ୍ତିକୁ ବିକ୍ରି କରିଦେଇଛନ୍ତି। ଏହି ଦମ୍ପତ୍ତିଙ୍କର ମଧ୍ୟ ୫ଟି ସନ୍ତାନ ଅଛି। ଏହି ସ୍ୱାମୀ ସ୍ତ୍ରୀ ଜଣଙ୍କ ହେଉଛନ୍ତି ଷ୍ଟିଫେନ୍ ଏବଂ ଜୋର୍ଡାନ୍। ବର୍ତ୍ତମାନ ସେମାନେ ତୁର୍କୀ ଓ ଅଷ୍ଟ୍ରେଲିଆ ଟୁର୍



କରି ଫେରିଥିଲା ବେଳେ ଖୁବ୍ ଶୀଘ୍ର ଆଣ୍ଟାର୍କଟିକା, ନ୍ୟୁଜଲାଣ୍ଡ ଗସ୍ତରେ ଯିବାର ଯୋଜନାରେ ଅଛନ୍ତି। ପେଶାରେ ୱେବ ଡିଜାଇନର ଥିବା ଷ୍ଟିଫେନ୍ କୁହନ୍ତି ଯେ ମୋ ସ୍ୱାମୀ ଜୋଡାନ୍ଙ୍କର ଭ୍ରମଣ କରିବାର ବଡ଼ ସଉକ ରହିଛି। ସେ ମୋ ସହ ପିଲାମାନଙ୍କୁ ନେଇ ବିଭିନ୍ନ ଦେଶ ଭ୍ରମଣ କରୁଛନ୍ତି। ଏଥିପାଇଁ ଆମେ ଆମର ଘର ଓ ସମସ୍ତ ସମ୍ପତ୍ତି ବିକ୍ରି କରିଦେଇଛୁ। ତେବେ ଭ୍ରମଣ ପରେ ପୁଣି ଥରେ ନୂଆ ଘର ବସାଇବା ଯଦିଓ କଷ୍ଟକର ତଥାପି ଭ୍ରମଣ ସାରିବା ପରେ ହିଁ ଆମେ ଏ ସମ୍ପର୍କରେ ନିଷ୍ପତ୍ତି ନେଉ। ବିଶ୍ୱ ଭ୍ରମଣ ଦ୍ୱାରା ନୂଆ ଭାଷା, ନୂଆ ସଂସ୍କୃତି ସହ ଆମେ ଅବଗତ ହୋଇପାରୁଛୁ।

## ମହିଳା ଚପଲ ଉଠାଇବାରୁ ପଳାଇଲା କୁମ୍ଭୀର

ସିଡନୀ କୁମ୍ଭୀରଟିଏ ଦେଖିଲେ ଯେକୌଣସି ବ୍ୟକ୍ତିର ମନରେ ଭୟ ସୃଷ୍ଟି ହେବା ସ୍ୱାଭାବିକ। ହେଲେ ଅଷ୍ଟ୍ରେଲିଆର କକାଡୁ ନ୍ୟାସନାଲ ପାର୍କରେ ଏକ ଭିନ୍ନ ଘଟଣା ଦେଖିବାକୁ ମିଳିଛି। ଯେତେବେଳେ ଜଣେ ମହିଳା ଆକ୍ରମଣାତ୍ମକ ଆଭିମୁଖ୍ୟ ରଖିଥିବା ଏକ କୁମ୍ଭୀରକୁ ଚପଲ ଦେଖାଇଲେ ସେତେବେଳେ କୁମ୍ଭୀରଟି ହ୍ରଦ ଭିତରକୁ ପଳାଇଥିଲା। ମହିଳା ଜଣଙ୍କ ପାର୍କରେ ନିଜ କୁକୁର ସହ ବୁଲୁଥିଲା ବେଳେ ପାଖରେ ଥିବା



ଏକ ହ୍ରଦରୁ କିଛି କୁମ୍ଭୀର ତାଙ୍କୁ ଦେଖିବା ସହ ଆକ୍ରମଣ କରିବାର ପରିସ୍ଥିତିକୁ ଆସିଥିଲେ। ଏହାଦେଖି ମହିଳା ଜଣଙ୍କ ବିନା ଡରରେ ଚପଲ ଉଠାଇ ମାରିବାକୁ ଗୋଡାଇଥିଲେ କୁମ୍ଭୀରମାନଙ୍କୁ। ଆଉ କୁମ୍ଭୀରମାନେ ପଳାଇଥିଲେ ହ୍ରଦ ଭିତରକୁ। ଏହି ଘଟଣାଟି ପାର୍କରେ ଲାଗିଥିବା ସିସି ଟିଭି କ୍ୟାମେରାରେ କଏଦ ହୋଇଯାଇଥିଲା। ବର୍ତ୍ତମାନ ଏହି ଭିଡିଓ ସୋସିଆଲ ମିଡିଆରେ ବଡ଼ ଭାଇରାଲ ହୋଇଛି।

## ଚା'ପତି ବଦଳରେ କୀଟନାଶକ, ୨ମୃତ



ଭଭୁଆ ବିହାରର କେମୁ ଜିଲା କୁଡନି ଥାନାରେ ବିଷାକ୍ତ ଚା' ପିଇ ଦୁଇ ମହିଳାଙ୍କ ମୃତ୍ୟୁ ସହ ୬ଜଣ ଗୁରୁତର ଅବସ୍ଥାରେ ଡାକ୍ତରଖାନାରେ ଚିକିତ୍ସିତ ହେବା ଘଟଣାରେ ପ୍ରକୃତ ତଥ୍ୟ ପଦାକୁ ଆସିଛି। ଚା' ତିଆରି ସମୟରେ ଭୁଲ ବଶତଃ ଚା' ପତି ବଦଳରେ ପକାଯାଇଥିଲା କୀଟନାଶକ। ପୁଲିସର କହିବା ଅନୁସାରେ ସୋତବା ଗ୍ରାମର ଦଶବନ୍ତି ଦେବୀଙ୍କ ଘରକୁ ସୋମବାର କିଛି ଅତିଥି ଆସିଥିଲେ। ରାତ୍ର ଭୋଜନ ସରିବା ପରେ ସମସ୍ତଙ୍କ ପାଇଁ ଚା' ତିଆରି ହୋଇଥିଲା। ହେଲେ ରୋଷେଇ ଘରେ ଥିବା କୀଟନାଶକକୁ ଚା' ପତି ଭାବି ଜଣେ ମହିଳା ପକାଇ ଦେଇଥିଲେ। ଆଉ ଏହା ପିଇବା ପରେ ବିଳମ୍ବିତ ରାତିରେ ଦଶବନ୍ତି ଓ ତାଙ୍କ ଝିଅ ସୀତା କୁଅଁରଙ୍କ ମୃତ୍ୟୁ ହୋଇଥିଲା।

# ଆଜିର ଭାଗ୍ୟ

**ମେଷ** — ସେବା ମନୋଭାବ ଯୋଗୁଁ କର୍ମକ୍ଷେତ୍ରରେ ସମ୍ମାନୀୟ ବ୍ୟକ୍ତି ବିଶେଷଙ୍କଠାରୁ ସାହାଯ୍ୟ ସହଯୋଗ ପାଇବେ। ବ୍ୟବସାୟ ଓ ନିର୍ମାଣ କ୍ଷେତ୍ରରେ ସମସ୍ୟର ସମାଧାନ ହେବ। ଶତ୍ରୁ ବୃଦ୍ଧି ହୋଇପରେ। ମହିଳାମାନେ ମାନସିକ ଚିନ୍ତାର ଶିକାର ହେବେ।

**ବୃଷ** — ନିଜ ଲୋକମାନେ ଈର୍ଷା ପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେଲେ ମଧ୍ୟ ଆପଣ ନିଜର କଳା କୌଶଳ ପ୍ରୟୋଗ କରି ଜୟ ଯୁକ୍ତ ହେବେ। ଅର୍ଥ ସଂଗ୍ରହ କରିବାରେ ତତ୍ପରତା ପ୍ରକାଶ କରିବେ। ମହିଳାମାନେ ଅପମାନିତ ହୋଇପରନ୍ତି।

**ମିଥୁନ** — ସମସ୍ୟା ଉପରେ ସମସ୍ୟାର ସମାଧାନ କରି ବ୍ୟସ୍ତ ବିବ୍ରତ ହୋଇ ପଡିବେ। ସାଧାରଣ କଥାକୁ କେନ୍ଦ୍ର କରି ମନରେ ବିରକ୍ତି ଭାବ ସୃଷ୍ଟି ହୋଇପାରେ। ଆର୍ଥିକ ସ୍ୱଚ୍ଛଳତା ଓ ବନ୍ଧୁଙ୍କର ସାନ୍ନିଧ ଲାଭରୁ ଖୁସି ହେବେ।

**କର୍କଟ** — ପ୍ରତ୍ୟେକ କ୍ଷେତ୍ରରେ ସମସ୍ୟା ଆସିବାରୁ ମନ ଭାରାକ୍ରାନ୍ତ ରହିବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ସକାଶେ ଚିନ୍ତା କରିପାରନ୍ତି। ରାଜନୀତି କ୍ଷେତ୍ରରେ ପଦ ମର୍ଯ୍ୟାଦ ବୃଦ୍ଧି ପାଇବ। ଆଗାମୀ ମାଙ୍ଗଳିକ କାର୍ଯ୍ୟ ସକାଶେ ତତ୍ପରତା ପ୍ରକାଶ ପାଇବ।

**ସିଂହ** — ପ୍ରତ୍ୟେକ କ୍ଷେତ୍ରରେ ସଫଳତା ମିଳିବ। ସାମ୍ପତ୍ୟ ଜୀବନରେ ବୁଝାମଣା ନେଇ ତିକ୍ତତା ଦେଖା ଦେଇପାରେ। ନିର୍ମାଣ କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି ହୋଇପରେ। ଯେତେ ଭଲ କାମ କଲେ ମଧ୍ୟ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ।

**କନ୍ୟା** — ପ୍ରତ୍ୟେକ କ୍ଷେତ୍ରରେ ଖର୍ଚ୍ଚାନ୍ତ ହୋଇ ଆଶା ପୂରଣ କରିବେ। କର୍ମକ୍ଷେତ୍ରରେ ସଙ୍କଟର ସମ୍ମୁଖୀନ ହେଲେ ମଧ୍ୟ କାର୍ଯ୍ୟକ୍ଷେତ୍ରରେ ସଫଳତା ହାସଲ କରିବେ। ଆନୁଷ୍ଠାନିକ କାମରେ ମହିଳାମାନେ ସମସ୍ୟାର ଦୃଢ଼ ମୁକାବିଲା କରିବେ।

**ତୁଳା** — ସ୍ତ୍ରୀଙ୍କର ପ୍ରେରଣା ଓ ସହଯୋଗରୁ ଉପକୃତ ହେବେ। କର୍ମକ୍ଷେତ୍ରରେ ଅତ୍ୟଧିକ ଖର୍ଚ୍ଚ କରିବାକୁବାଧ ହେବେ। ଆଶା କରୁଥିବା ଦିଗରୁ ଶୁଭ ଖବର ପାଇବେ। ମୋଟା ଅଙ୍କର ଅର୍ଥ ଖର୍ଚ୍ଚ କରି ସ୍ଥଗିତ କାମକୁ ତ୍ୱରାନିତ୍ୱ କରିବେ।

**ବିଛା** — ଚୁରତାର ସହ ବନ୍ଧୁଙ୍କ ମନରେ ବିଶ୍ୱାସ ଜନ୍ମାଇ କର୍ଯ୍ୟ ହାସଲ କରିବାରେ ସମର୍ଥ ହେବେ। ମାଙ୍ଗଳିକ କାର୍ଯ୍ୟ ସକାଶେ ଆଲୋଚନାରେ ବ୍ୟସ୍ତ ରହିବେ। ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରି ସାମୟିକ ଆନନ୍ଦ ପ୍ରାପ୍ତ କରିବେ।

**ଧନୁ** — ପାରିବାରିକ ଅସ୍ଥିରତା ଲାଗି ରହିଥିଲେ ମଧ୍ୟ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ କମ୍ ହେବ। ବନ୍ଧୁମାନଙ୍କ ଦ୍ୱାରା ସମସ୍ୟାର ସରଳ ସମାଧାନ ହେବ। ରାଜନୀତିକ ସ୍ତରରେ ଉନ୍ନତି କରିବେ। ମହିଳାମାନେ ପରିବାରର କଥାକୁ ଚିନ୍ତା କରି ଅସ୍ଥିର ହେବେ।

**ମକର** — କର୍ମକ୍ଷେତ୍ରରେ ଧୀରେ ସୁସ୍ଥେ ଗତି କରିବେ। ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ପଦକ୍ଷେପ ଗ୍ରହଣ କରିବେ। ନିଜ ଦୋଷରୁ ନିଜ ପାଇଁ ଅସୁବିଧା ସୃଷ୍ଟି କରିବେ। ମହିଳାମାନେ ଗଠନ ମୂଳକ ପରାମର୍ଶ ପାଇ ଖୁସି ହେବେ।

**କୁମ୍ଭ** — ସନ୍ତାନମାନଙ୍କ ସ୍ୱାସ୍ଥ୍ୟ ଓ ସ୍ୱଭାବ ଯୋଗୁଁ ବିଚଳିତ ରହିବେ। ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କର ସାହାଯ୍ୟ ଲୋଡିବେ। ବ୍ୟବସାୟ କ୍ଷେତ୍ରରେ ଆଶାନୁରୂପକ ଲାଭବାନ ହେବେ। ମହିଳାମାନଙ୍କର ସ୍ୱାସ୍ଥ୍ୟହାନୀ ଘଟିପାରେ।

**ମୀନ** — ଦୁଃସାହସିକ ପଦକ୍ଷେପ ନେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ମଜଳିଆ କଥା କହି ବନ୍ଧୁଙ୍କୁ ଆକର୍ଷିତ କରିବେ। କେତେକ କ୍ଷେତ୍ରରେ ଚାପରୁ ସମ୍ମୁଖୀନ ହୋଇପାରନ୍ତି। ସନ୍ତାନଙ୍କ ପାଇଁ ଗୌରାବାନିତ୍ୱ ମନେ କରିବେ।

## କୃତ୍ରିମ ଜଳପ୍ରପାତ



ଚାଇନା ଅନ୍ତର୍ଗତ ୟୁନାନ ପ୍ରଦେଶର କୁନମିଂରେ ପର୍ଯ୍ୟଟକଙ୍କ ମନୋରଞ୍ଜନ ପାଇଁ ଏକ କୃତ୍ରିମ ଜଳ ପ୍ରପାତ ସୃଷ୍ଟି କରାଯାଇଛି । ଏହାର ଉଚ୍ଚତା ସାଢ଼େ ୧୨ ମିଟର । ଚଉଡା ଚାରି ଶହ ମିଟର । ନିଉଲାନ୍ ନଦୀରେ ପ୍ରବାହିତ ଜଳକୁ ୟୁନାନର ବୃହତ୍ତମ ମଧୁର ଜଳ ହ୍ରଦ ଡିଆନସି ମଧ୍ୟରେ ପ୍ରବେଶ କରାଇ ଏହି ପ୍ରପାତ ସୃଷ୍ଟି କରାଯାଇଛି । ଏହାଦ୍ୱାରା ବନ୍ୟା ବିପ୍ତାତରୁ ରକ୍ଷା ମିଳିବା ସହ ସହରର ପାନୀୟ ଜଳ ଯୋଗାଣ ବ୍ୟବସ୍ଥାରେ ଉନ୍ନତି ଆସି ପାରିବ । କୃତ୍ରିମ ଜଳ ପ୍ରପାତ ଚାରିପଟେ ଉଦ୍ୟାନ ରହିଛି । ଦୁଇ ବର୍ଷ ତଳେ ଉଭୟ ପ୍ରପାତ ଓ ଉଦ୍ୟାନ ବିକଶିତ କରାଯାଇଛି । ଉକ୍ତ ପ୍ରକଳ୍ପରେ ସତର କୋଟି ମାର୍କିନ୍ ଡଲାର ବ୍ୟୟ ହୋଇଥିବା ପ୍ରକାଶ ।

ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...
ଋଗ୍ ବେଦ ୧୦/୧୯୧-୨-୪

ପର୍ଯ୍ୟବେକ୍ଷକ
ସମ୍ପାଦକୀୟ
ଭୁବନେଶ୍ୱର, ୨୦୨୪, ଜାନୁଆରୀ ୨୮

# ଉତ୍କଳୀୟ ସଂସ୍କୃତି ଓ ପରମ୍ପରାର ମହାନ ଉତ୍ସବ 'ବାଲିଯାତ୍ରା' : ରାଜ୍ୟପାଳ

ଓଡ଼ିଶାର ମହାମହିମ ରାଜ୍ୟପାଳ ଭାବେ ରଘୁବର ଦାସ ଦାୟିତ୍ୱ ନେବା ପରେ ହଜାର ବର୍ଷର ସହର ଭାବେ ପରିଚିତ କଟକର ବାଲିଯାତ୍ରାର ଉଦଘାଟନୀ କାର୍ଯ୍ୟକ୍ରମର ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। କଟକିଆମାନେ ଯେଉଁ ଦୁଇଟି ବିଶ୍ୱ ପ୍ରସିଦ୍ଧ ପାର୍ବଣ ପାଇଁ ନିଜକୁ ଗର୍ବିତ ମନେକରନ୍ତି ଗୋଟିଏ ହେଉଛି ଦଶହରା ଆଉ ଗୋଟିଏ ହେଉଛି ବାଲିଯାତ୍ରା। ବାଲିଯାତ୍ରା ପରି ଏକ ବିଶ୍ୱ ପ୍ରସିଦ୍ଧ ମଞ୍ଚରେ ରାଜ୍ୟପାଳଙ୍କୁ ପାଇବା କଟକିଆଙ୍କ ପାଇଁ ଗର୍ବ ଓ ଗୌରବର ବିଷୟ ଥିଲା। ବାଲିଯାତ୍ରା ଉତ୍କଳୀୟ ସଂସ୍କୃତି ଓ ପରମ୍ପରା ଏକ ମହାନ ଉତ୍ସବ। ମହାମହିମ ରାଜ୍ୟପାଳ ଶ୍ରୀ ରଘୁବର ଦାସ କହିଥିଲେ, ଓଡ଼ିଶା ଏପରି ଏକ ରାଜ୍ୟ ଯାହା ପାଖରେ ସାମର୍ଥ୍ୟ, ସମ୍ଭାବନା ଓ ସଂଯୋଗ ରହିଛି। ରାଜ୍ୟରେ ବିଭିନ୍ନ କୋଣରୁ ଏସଏଚଜିମାନେ ସେମାନଙ୍କର ବିଭିନ୍ନ ସାମଗ୍ରୀ ପ୍ରଦର୍ଶନ ବିକ୍ରି କରିବାକୁ ବାଲିଯାତ୍ରା ଏକ ବଡ଼ ମଞ୍ଚ ବୋଲି ସେ କହିଥିଲେ। ସମ୍ମାନିତ ଅତିଥି ମୁଖ୍ୟ ଶାସନ ସଚିବ ପ୍ରଦୀପ ଜେନା କହିଲେ ଯେ ବର୍ଷ ବର୍ଷ ଧରି ବାଲିଯାତ୍ରା ଗୌରବମୟ ନୌବାଣିଜ୍ୟର ଗାଥାକୁ ବାର୍ତ୍ତା ରୂପେ ଲୋକମାନଙ୍କ ନିକଟରେ ପହଞ୍ଚାଉଛି। ଧୀରେ ଧୀରେ ବାଲିଯାତ୍ରା କାୟା ବିସ୍ତାରିବାରେ ଲାଗିଛି। ବାହାରୁ ଯେଉଁମାନେ ଏହି ଯାତ୍ରାକୁ ଆସନ୍ତି, ସେ କେବେହେଲେ ଠୁଙ୍କାପୁରୀକୁ ଭୁଲିପାରନ୍ତି ନାହିଁ। ଏଠାକାର ଭାଇଚାରାର ନିଦର୍ଶନ ଅନ୍ୟ ସହର ଅପେକ୍ଷା ଅନନ୍ୟ ବୋଲି ଶ୍ରୀ ଜେନା କହିଥିଲେ। ମୁଖ୍ୟବକ୍ତା ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗର ମନ୍ତ୍ରୀ ଅଶ୍ୱିନୀ କୁମାର ପାତ୍ର କହିଥିଲେ ଯେ ଓଡ଼ିଶାକୁ କଟକର ଅବଦାନ ଉଲ୍ଲେଖନୀୟ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦୂରଦୃଷ୍ଟି ଯୋଗୁ କଟକର ବିକାଶ ହେବା ସହ ରୂପ ବଦଳୁଛି। ବାଲିଯାତ୍ରାର ରୂପ ଓ ରଙ୍ଗ ଧୀରେ ଧୀରେ ବୃଦ୍ଧି ପାଉଛି ବୋଲି କହିଥିଲେ। ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ନିର୍ଦ୍ଦେଶକ ଦିଲ୍ଲୀପ ରାଉତରାୟ ଯୋଗଦେଇ କହିଲେ ଯେ ଏହି ଐତିହାସିକ ବାଲିଯାତ୍ରା, ସମସ୍ତେ ଏକତ୍ରିତ ହୋଇ କଳିଙ୍ଗର ବୀର ମାନଙ୍କର ଗାଥା ମନେ


ବାଦଲ ଭୂୟାଁ

ପକାଇବାର ଏକ ସୁଯୋଗ ପ୍ରଦାନ କରୁଛି। ଆଗାମୀ ଦିନରେ ୧୦୦ଟି ଓଡ଼ିଆ ଗଳ୍ପକୁ ୪ଟି ଦେଶୀୟ ଭାଷାରେ ଅନୁବାଦ କରାଯିବାକୁ ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି। ଅତିରିକ୍ତ ଜିଲ୍ଲାପାଳ ଉମାକାନ୍ତ ରାଜ ଧନ୍ୟବାଦ ଦେଇଥିଲେ। ଏହି ଅବସରରେ ବହୁ ବିଶିଷ୍ଟ ବ୍ୟକ୍ତିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବାଲିଯାତ୍ରା ପରି ବିଶାଳ ରଙ୍ଗମଞ୍ଚ ଓ ଖୋଲାମେଲା ପଡ଼ିଆରେ ହଜାର ହଜାର ବିଭିନ୍ନ ଦୋକାନର ପସରା, ରାଜ୍ୟ ଓ ରାଜ୍ୟ ବାହାରୁ ବେପାରୀମାନେ ସେମାନଙ୍କ ହସ୍ତଶିଳ୍ପର ବିଭିନ୍ନ ପ୍ରଦର୍ଶନୀ ନେଇ ଏହି ଯାତ୍ରାରେ ସାମିଲ ହୋଇଥାନ୍ତି। ସରକାରଙ୍କ ବିଭିନ୍ନ ଷ୍ଟଲ ଓ ସ୍ୱୟଂ ସହାୟକ ସଂଗଠନର ଭାଇ ଭଉଣୀମାନେ ସେମାନଙ୍କର ହସ୍ତଶିଳ୍ପର ସାମଗ୍ରୀ ଆଣିଥାନ୍ତି ଏହି ବାଲିଯାତ୍ରାରେ। ମହାମହିମ ରାଜ୍ୟପାଳ ବାଲିଯାତ୍ରାରେ ଯୋଗ ଦେଇ କେବଳ କଟକିଆଙ୍କର ନୁହେଁ ରାଜ୍ୟବାସୀଙ୍କ ହୃଦୟ ଜିଣିଛନ୍ତି। ତେଣୁ କେବଳ କଟକିଆ ନୁହେଁ ଓଡ଼ିଶାବାସୀଙ୍କ ତରଫରୁ ତାଙ୍କ ପାଖରେ ଅନେକ ଅନେକ ଧନ୍ୟବାଦ ଓ କୃତଜ୍ଞତା ଜ୍ଞାପନ କରୁଛି।

*ପ୍ରତିଷ୍ଠାତା ସମ୍ପାଦକ 'ସିଂହଭୂମ', ୪ଜି ପ୍ରତାପ ଆପାର୍ଟମେଣ୍ଟ, ୭ ଏକ୍ସଟେନସନ ରୋଡ଼, ପୁରୁଣା ସୋନାରୀ, ଜାମସେଦପୁର,*
*ଦୂରଭାଷ : ୭୪୮୮୯୯୮୫୩୨*

# ଦରଦୀ ବ୍ୟକ୍ତିତ୍ୱ

ଭାରତ ସ୍ୱାଧୀନତା ପୂର୍ବରୁ ଜମିଦାରରେ ରାଜୁରାଜୁଡ଼ା। ହୁକୁମରେ ଲୋକ ଚଳୁଥିଲେ ତା ସହିତ ଥିଲା ଜାତିଆଣ ହୁକୁମତ ଛୁଆ ଅଛୁଆ ଭାବ ଜଳସ୍ପର୍ଶ ଜାତି ଅଜାତି। ଛାଇମାଡ଼ିଲେ ଜାତି ଯିବା ପରମ୍ପରାରେ ବହୁ ଜାତଙ୍କୁ ପଥ ଭାଙ୍ଗି ଯିବାକୁ ବାଧ୍ୟ କରୁଥିଲା ଅନେକ ଆର୍ଥିକ କମ ଜୋର ଲୋକଙ୍କର ଅବଧାନ ଦଣ୍ଡବତ ମୁଣ୍ଡିଆ ମୁଦ୍ରାରେ ଛୋଟ ପିଲାଟିଏ ହେଉ ପଛେ ବ୍ରାହ୍ମଣ କରଣଙ୍କୁ ବାଧ୍ୟ ହୋଇ ସମ୍ମାନ ସମ୍ମାନ। ନିଜ ବାଡ଼ିର ଗଛରୁ ନିଜର ପୁଷ୍କରିଣୀରୁ ମାଛ ଏ ସବୁ ଜମିଦାର ଓ ତାଙ୍କର ବୟସ୍କରଙ୍କର ବ୍ୟବହାର କାହାରି ଭୁଲ ନଥାଇ ମନୋଜ୍ଞଦଣ୍ଡ। ଏମିତି ଭାବର ବ୍ୟକ୍ତିଗତ ସ୍ୱାଧୀନତା କିଛି ନଥିଲା। ଗାନ୍ଧିଜୀ ସ୍ୱାଧୀନତା ଆଣିବା ଯଦି କୁହାଯାଏ ତାପରେ ପରେ ସମାନ୍ତର ଭାବରେ ତତ୍କାଳ କଂଗ୍ରେସର କଳ୍ପନା ପୁଣି ପାଣି ଫାଟି ଫାଟି ଗଲା। ମଦ ଦୋକାନରେ ବିଦ୍ୟାର୍ଥି ଓ ଛାତ୍ରଛାତ୍ରୀମାନେ ପିକେଟିଂ କରି ମଦ ଦୋକାନ ବନ୍ଦ କରିବା ବେଳେ ଦେଶୀ ମଦ ଉପରେ ଖଜୁରୀ ତାଳ ତାଡ଼ି ଉପରେ ବିଧି ଲାଗିଲା ହେଲେ ବିଲାତି ମଦ ବିକ୍ରୟ ଆରମ୍ଭ ହୋଇ ପଟ୍ଟାଦାର ନିଯୁକ୍ତି ହୋଇ ଅଧିକରୁ ଅଧିକ ଦୋକାନ ରାଜ ଅନୁଗ୍ରହୀତ ହେଲା। ଗଞ୍ଜେଇ, ଭାଙ୍ଗ, ଅଫିମ ପାଇଁ ସ୍ୱତନ୍ତ୍ର ପଟ୍ଟାଦାରୀ ଦୋକାନ କିଚି ଦିନ ଚାଲିବା ପରେ କୁଆଡ଼େ ଗଞ୍ଜେଇ, ଅଫିମ, ପାନ, ବିଡ଼ି ନୁହଁ ଛୋଟିଆ ନିଶା ଜଣା ପଡ଼େନାହିଁ ଟାଣେ ପଇସା ପ୍ରଚାର ଏସବୁ ଉପରେ ବହୁ ରାଜ ବିଧି ନିଷେଧ ଲାଗିଲା। କେବଳ କଟକରେ ହାଇଦର ବିଡ଼ି, ଲତିଫି ବିଡ଼ି, ଟାଉନ ବିଡ଼ି ଯୋର ବିକ୍ରି ହେବା ଟ୍ରେଡ଼ମାର୍କ ବିଡ଼ି ଚାଲିଲା। ହାତରେ କାରିଗର ବିଡ଼ି କଲେ ବି ଏହା ଏତେ ପ୍ରଚାର ହେଉ ନଥିଲା କି ବିକ୍ରି ହେଉନଥିଲା। ଧୂଆଁ ପତ୍ରରୁ ତିଆରି ପିକା ପ୍ରସ୍ତୁତିରେ ଟାଣୁଥିଲେ। ଅନେକ ଶ୍ରମିକ ପରିବାରରେ ଏ ପିକାର ବ୍ୟବହାର ଥିଲା।

କାଳକ୍ରମେ ଇସଲାମିକ ଜିଜିଆ କର ଲାଗୁଥିବା ସଦୃଶ ଏସବୁ ବିଡ଼ି, ପିକା, ତାଡ଼ି ରାଜକୋପ ଦୃଷ୍ଟିରେ ଆସି ପ୍ରସ୍ତୁତ କମିଲା, ବ୍ୟବହାର କମିଲା। ଦାନ୍ତ ଲୋକେ ସାଧାରଣତଃ କରଞ୍ଜ, ଲିମ୍ବ, ବକୁଳ ମତୁରୀ ଲତା, ପିଜୁଳି ଡାଳରେ ଦାନ୍ତକାଠି ଘଷୁଥିଲେ। ଥୋକେ ଗୃହ ଜଳୁଥିବା ଗୋବରରୁ ପ୍ରସ୍ତୁତ ଘଷି ଗୁଣ୍ଡ ତା ପାଉଁଶ ଖଣ୍ଡରେ ବିଚୂର୍ଣ୍ଣ ଦାନ ମାଜିଲେ ହେଲେ ବହୁ ଲୋକ ଗୁଡ଼ାଖୁରେ ଦାନ୍ତ ମାଜୁଥିଲେ। ଧୂଆଁପତ୍ର ଗେରୁ କଳିଚୁନରେ ଏହା ଗୁଡ଼ର ଚିଟା ସହିତ ମିଶ୍ରଣ ହୁଏ। ଏହା ଏକ ମାଦକ ଦ୍ରବ୍ୟ ପରି ଲୋକ ମାନଙ୍କର


ଉତ୍କଳାନନ୍ଦ ଅଜୟ କୁମାର ବେହେରା

ବ୍ୟବହାର ପ୍ରିୟ ହୋଇଯାଇଥିଲା। ଧୂଆଁପତ୍ର ଚାଷ ସର୍ବତ୍ର ହେଉଥିଲା। ତାହା ଏ ରାଜ୍ୟରେ ଏକ ପ୍ରକାର ରଦ୍ଦ ହୋଇଗଲା। ଫଳରେ ଗୁଡ଼ାଖୁ ନିର୍ମାତାମାନେ ଆନ୍ଧ୍ରରୁ ଧୂଆଁପତ୍ର ଆମଦାନୀ କରି ଗୁଡ଼ାଖୁ ପ୍ରସ୍ତୁତ କରି ବାଣିଜ୍ୟ ଚଳାଇବାକୁ ବାଧ୍ୟ ହେଲେ। ଆଖୁଚାଷ ସର୍ବତ୍ର ପୂର୍ବେ ହେଉଥିଲା। ଲୋକେ ଗୁଡ଼ ରନ୍ଧା ବର୍ଷରେ ଥରେ ଦୁଇଥର ନିଜ ଗ୍ରାମର ଆଖୁଚାଷୀଙ୍କ ଦ୍ୱାରା ନିର୍ଗତ ଗୁଡ କିଣିନେଇ ବର୍ଷ ତମାମ ବ୍ୟବହାର କରୁଥିଲେ ନାନା ପ୍ରକାର ପିଠା ଉଖୁଡ଼ା ମୁଆଁ ମିଠାଇ ଏହି ଗୁଡ଼ରୁ ତିଆରି ହେଉଥିଲା। ଗୁଡ଼ ଜଳଖିଆର ଏକ ମିଶ୍ରଣ ଥିଲା। ଆମ୍ବିଳ ବ୍ୟଞ୍ଜନର ଏକ ଅଂଶ ଗୁଡ଼ ରହି ଆସିଛି। ଗୁଡ଼ରନ୍ଧା ସ୍ଥାନରୁ ଚିଟାଗୁଡ଼ ଗୁଡ଼ାଖୁ କମ୍ପାନୀମାନେ କିଣି ନେଇ ଗୁଡ଼ାଖୁରେ ବ୍ୟବହାର କରୁଥିଲେ ଗୁଡ଼ାଖୁର ଅଂଶ ଚୁନ। ଚୁନରାମାନେ ପୋଖରୀ ନଈ ଧାନ ବିଲରେ ବଢ଼ିଥିବା ଶାମୁକାରୁ ଏହା ପ୍ରସ୍ତୁତ କରୁଥିଲେ। ଶାମୁକାକୁ ମୃତ କରି ଶୁଖାଇ ତଲୁସ୍ତୁପ କରି ପୋଡି ତାହାରି ପାଉଁଶକୁ ଚୁନ ଆକାରରେ ପାନରେ ଖାଇବା ପାଇଁ ଓ ଗୃହ ନିର୍ମାଣରେ ତଥା ଗୁଡ଼ାଖୁର ମିଶ୍ରଣ ପାଇଁ ବ୍ୟବହାର କରିବା ପାଇଁ ଚୁନରାମାନେ ପ୍ରସ୍ତୁତ କରୁଥିଲେ। ଏହି ଚୁନ ମହଙ୍ଗା ହେଲା ଶାମୁକା ଚୁନ ଆମିଷ ବୋଲି ଧରାଯାଇ ଏକ ବାଧ୍ୟ ବାଧକତା ଲାଗିବାରୁ ପଥର ଚୁନ ବହୁସ୍ତରରେ ବ୍ୟବହାର ଉପଯୋଗୀ ହେଲା। ଏତଦ୍ୱାରା ଗୁଡ଼ାଖୁ ମହଙ୍ଗା ହେଲା, ଧୂଆଁପତ୍ର ଅବକାରୀ ଦ୍ରବ୍ୟକୁ ଆସିଲା ବହୁ କଷ୍ଟରେ ଗୁଡ଼ାଖୁ ମିଳିଲା। ଦାନ୍ତ ମାଜନରେ ପେଷ୍ଟମାନ ଆସିଗଲା। ଯାହା ବ୍ରିଟିଶବେଳର କମ୍ପାନୀ ମାନେ ବାଣିଜ୍ୟରେ ଏବେ ବି ଅବାଧରେ ବିକ୍ରୟ କରୁଛନ୍ତି। ବିଦେଶୀ ଦ୍ରବ୍ୟରୁ ଏହା ପର୍ଯ୍ୟନ୍ତ ପରିତ୍ୟକ୍ତ ହୋଇନାହିଁ ସ୍ୱଦେଶୀ ଦାନ୍ତମାଜନ ମିଳୁଛି ହେଲେ ରାଜକର ଏହା ନିର୍ମାଣରେ ଢ଼ିଲମ ଢ଼ିଲା ନୁହେଁ। ବିଦେଶୀ ସହିତ ସ୍ୱଦେଶୀ ତାଳ ଦେଇ ଚାଲି ପାରୁନାହିଁ। ଦାନ୍ତ କାଠି ସଂଗ୍ରହ ଏବେ ସମସ୍ତଙ୍କୁ କଷ୍ଟବୋଧ, ଦାନ୍ତଘଷା ବ୍ରଶରେ ଦାନ୍ତ ମଜା ପେଷ୍ଟ ସହିତ ହେଉଛି। ଏଇ ବ୍ରସ ବିଦେଶୀ କମ୍ପାନୀ ଏବେ ବି ତିଆରି କରୁଛନ୍ତି। ବିଦେଶୀ କମ୍ପାନୀ ଭଣ୍ଡିଆ ଲିମିଟେଡ କରି ଧନ୍ଦା ଚଳାଉଛନ୍ତି। ବଡ଼ ବଡ଼ କମ୍ପାନୀଙ୍କ ଦରଦୀ ଟିକେ ବି ତାଙ୍କ ଦ୍ରବ୍ୟ କ୍ରେତାଙ୍କ ଠାରେ ନାହିଁ। ଖୋଦ ସରକାର ଉତ୍ପାଦନଶୁଳ୍କ ବହୁ ପ୍ରଶୟ ଦେଉଛନ୍ତି। ଏଥିରେ ବି ଦରଦୀ ଦାୟିତ୍ୱବୋଧ କର୍ତ୍ତବ୍ୟବୋଧ ଗ୍ରାହକ ପ୍ରତି କାହାରି ନାହିଁ। ମୂଳ ଦ୍ରବ୍ୟର ମୂଲ୍ୟ କେତେ ଶ୍ରମ ଶକ୍ତି କେତେ ଲାଗିଛି ଦ୍ରବ୍ୟ ପ୍ୟାକରେ କେତେ ଖର୍ଚ୍ଚ, ପରିବହନ କେତେ ଖର୍ଚ୍ଚ ଏସବୁ ସମୀକ୍ଷା ସରକାରୀ ଅଧିକାରୀ କେମିତି କରୁଛନ୍ତି ତାହା ଗ୍ରାହକ ଜାଣିବାର ଉପାୟ ନାହିଁ। କୁଟୀର ଶିଳ୍ପ ଗ୍ରାମ୍ୟ କାରିଗରୀ ଶିଳ୍ପକୁ ସମ୍ପୂର୍ଣ୍ଣ ଅଣଦେଖା କରାଯାଇ ବଡ଼ ବଡ଼ ଶିଳ୍ପକୁ ପ୍ରୋତ୍ସାହନ ଦିଆଯାଉଛି। ବେକାରୀ ବୃଦ୍ଧି ଯୋଗୁ ପ୍ରଜା ଅସନ୍ତୋଷ, ଚୋରୀ ରାଜହାନୀ, ଠକେଇ ବଢ଼ି ବଢ଼ି ଚାଲିଛି ବେକାରୀ ବଢୁଛି। ଧନୀ ଗରିବ ସମୀକ୍ଷାରେ ଧନୀ ବଢୁଛନ୍ତି ଯାହା ତତ୍କାଳରେ ଗରିବୀ ବୃଦ୍ଧି ଅସମିତ।

*ବରେଣ୍ୟ ବାଣୀ' ପିସି ସରକାର ଲେନ୍, ଅରୁଣୋଦୟ ମାର୍କେଟ, କଟକ,*
*ଦୂରଭାଷ : ୯୪୩୭୦୩୧୨୫୩*

# ପୂର୍ବତନ ସାଂସଦ ଅନାଦି ସାହୁଙ୍କୁ ଶ୍ରଦ୍ଧାଞ୍ଜଳୀ

ବୃତ୍ତିରେ ଥିଲେ କଠୋର କିନ୍ତୁ ପ୍ରବୃତ୍ତିରେ ଥିଲେ କୋମଳ। ଜଣେ ଆଇପିଏସ ଭାବେ ଯେତିକି ସେ ପରିଚିତ ନୁହଁନ୍ତି ବରଂ ତାଙ୍କ କୋମଳ ସାହିତ୍ୟ ଭିତରେ ଯେଉଁ ଛଳଛଳ ସାରସ୍ୱତର ଆବେଗ ତାହା ଅନେକ ଜାଣିନଥିବେ। ତାଙ୍କ ଭିତର ବ୍ୟକ୍ତିତ୍ୱର ମଣିଷଟି ଅତି କୋମଳ ରହିଥିଲା। ସ୍ୱର୍ଗତଃ ଅନାଦି ସାହୁ ୧୯୪୦ ଏପ୍ରିଲ ୧୬ ତାରିଖ ବ୍ରହ୍ମପୁରରେ ଜନ୍ମଗ୍ରହଣ କରିଥିଲେ। ଖଲ୍ଲିକୋଟ କଲେଜରୁ ସ୍ନାତକ ଡିଗ୍ରୀ ଶେଷ କରି ସେ ପୁଲିସ ବିଭାଗରେ ଯୋଗ ଦେଇଥିଲେ। କଟକ ସମେତ ବିଭିନ୍ନ ଜିଲ୍ଲାର ଏସପି ଭାବେ କାର୍ଯ୍ୟ କରି ସେ ଆଇଜି ପଦବୀରେ ରହି ଅବସର ନେଇଥିଲେ। ଅପରାଧ ଦମନ ଏବଂ ଅପରାଧୀଙ୍କୁ ଥଇଥାନ କ୍ଷେତ୍ରରେ ତାଙ୍କର କାର୍ଯ୍ୟ ତାଙ୍କୁ ରାଜ୍ୟର ଚର୍ଚ୍ଚିତ ପୁଲିସ ଅଧିକାରୀ ମାନ୍ୟତା ଦେଇଥିଲେ। ଚାକିରିରୁ ଅବସର ନେବା ପରେ ସେ ରାଜନୀତିରେ ସକ୍ରିୟ ହୋଇଥିଲେ। ୧୯୯୬ ନିର୍ବାଚନରେ ସେ କଟକ ଲୋକସଭା ଆସନରୁ କଂଗ୍ରେସ ପ୍ରାର୍ଥୀ ଭାବେ ପ୍ରଥମେ ବିଜୁ ବାବୁଙ୍କ ବିରୋଧରେ


ଡ଼ଃ.ଅରୁନ୍ଧତୀ ଦେବୀ

ପ୍ରତିଦ୍ୱନ୍ଦ୍ୱୀତା କରି ପରାସ୍ତ ହୋଇଥିବା ବେଳେ ବିଜୁ ବାବୁ ଇସ୍ତଫା ଦେବା ପରେ ହୋଇଥିବା ଉପ ନିର୍ବାଚନରେ କଟକ ଲୋକସଭା ଆସନରୁ ପ୍ରତିଦ୍ୱନ୍ଦ୍ୱିତା କରି ବର୍ତ୍ତମାନ ସାଂସଦ ଭର୍ତ୍ତୃହରି ମହତାବଙ୍କୁ ହରାଇଥିଲେ। ପରେ ୧୯୯୯ ନିର୍ବାଚନରେ ସେ ବ୍ରହ୍ମପୁର ଲୋକସଭା ଆସନରୁ ବିଜେପି ପ୍ରାର୍ଥୀ ଭାବେ ନିର୍ବାଚିତ ହୋଇଥିଲେ। ଡିଏସପିରୁ ଆରମ୍ଭ କରି ଆଇଜି ପର୍ଯ୍ୟନ୍ତ ଚାକିରି କାଳ ଭିତରେ ପୂର୍ବତନ ପୁଲିସ ପ୍ରଶାସକ ଅନାଦି ସାହୁଙ୍କ ଠାରେ ଦେଖିବାକୁ ମିଳିଥିଲା ପ୍ରଶାସନିକ ଦକ୍ଷତା ଓ ଦୃଢ଼ତା। ଆଇନଶୃଙ୍ଖଳା ସଜାଡ଼ିବା ହେଉ ବା ଅପରାଧୀଙ୍କୁ ସାବାଡ଼ କରିବା, ଖାକି ପୋଷାକରେ ସ୍ୱର୍ଗତ ସାହୁ ଥିଲେ ନୀତିନିଷ୍ଠ, ଅନମନୀୟ ଓ ବେଶ କଠୋର। ତେବେ ଏହି କଠୋରତା ମଧ୍ୟରେ ବି ଲୁକ୍କାୟିତ ହୋଇ ରହିଥିଲା ଜଣେ ସାହିତ୍ୟିକର କୋମଳତା, ସମ୍ବେଦନଶୀଳତା, ଆବେଗ ଓ ଛଳଛଳ ଭାବ। ସମାଜକୁ ବାଟ ଦେଖାଇବା ପାଇଁ ସେ ଚଳାଉଥିଲେ କଲମ। ତାଙ୍କର ପ୍ରତିଟି ଲେଖାରେ ରହିଛି ସମାଜ ପାଇଁ ବାର୍ତ୍ତା, ପ୍ରେରଣା। ଖାଲି ଏତିକିରେ ସେ ସୀମିତ ନଥିଲେ। ଛାତ୍ର ଜୀବନରୁ ନେତୃତ୍ୱ ନେବାର ଦକ୍ଷତା ଓ ପ୍ରଚଣ୍ଡ ଇଚ୍ଛାଶକ୍ତି ତାଙ୍କୁ ଜଣେ ନିର୍ଭୀକ ସ୍ପଷ୍ଟବାଦୀ ଲଢୁଆ ଲୋକପ୍ରିୟ ରାଜନେତା ଭାବେ ଗଢ଼ି ତୋଳିଥିଲା। ଚାକିରି ଛାଡ଼ି ରାଜନୀତିରେ ପାଦ ଥାପିବା ପରେ ବେଶ କିଛି ଦିନ ଭିତରେ ହୋଇଉଠିଥିଲେ ଜଣେ ଅଭିଜ୍ଞ ପ୍ରବୀଣ ଅନୁଭବୀ ରାଜନେତା। ସାହିତ୍ୟ ଓ କଳା ସାହିତ ଜଡ଼ିତ ବହୁ ଅନୁଷ୍ଠାନରେ ବି ସେ ନିଜକୁ ଦୀର୍ଘ ବର୍ଷ ସାମିଲ କରି ରଖିଥିଲେ। କଲେଜ ଛାତ୍ର ଜୀବନରୁ ନେତୃତ୍ୱ ନେବାର କଳା କୌଶଳ ଆୟତ୍ତ କରିଥିଲେ ଅନାଦି ସାହୁ। ଯାହାକି ଚାକିରୀ ଜୀବନରେ ତାଙ୍କୁ ସଫଳ ପ୍ରଶାସନିକ ଅଧିକାରୀ କରିଥିଲା। ଜଣେ ସାହିତ୍ୟ ସାଧକ ଭାବେ ତାଙ୍କର ସ୍ୱତନ୍ତ୍ର ପରିଚୟ ଥିଲା। ରାଣୀ କର୍ପୂରଶ୍ରୀ, ମୁଣ୍ଡ ମେଖଳା, ଜଂଗଲି ସହର, ପାନଖିଆ ଖର୍ଚ୍ଚ, ତଥାପି ବଞ୍ଚିଛି, ଗୋଲ ଗାଁରୁ ଗୋଲ ଗମ୍ବୁଜ ଇତ୍ୟାଦି। ସେ ରାଣୀ କର୍ପୂରଶ୍ରୀ ବହି ପାଇଁ ସାହିତ୍ୟ ଏକାଡ଼େମୀ ପୁରସ୍କାର ପାଇଥିଲେ। ସେ ମଧ୍ୟ ରାଷ୍ଟ୍ରପତିଙ୍କ ପୁଲସ ପଦକ ହାସଲ କରିଥିଲେ। ସେ ଉତ୍କଳ ସାହିତ୍ୟ ସମାଜ, କଳା ବିକାଶ କେନ୍ଦ୍ର ଭଳି ବହୁ ସାହିତ୍ୟ ଓ ସାଂସ୍କୃତିକ ଅନୁଷ୍ଠାନ ସହ ସଂପୃକ୍ତ ଥିଲେ। ଅମାୟିକ ବ୍ୟକ୍ତିତ୍ୱର ଅନାଦି ବାବୁ ସମାଜର ସବୁ ବର୍ଗର ଲୋକଙ୍କ ପାଇଁ ସେ ଚିନ୍ତା କରୁଥିଲେ। ତାଙ୍କ ବିୟୋଗ କଟକ ପାଇଁ ଏକ ଅପୂରଣୀୟ କ୍ଷତି। ଚାକିରି ଓ ରାଜନୀତି ପରେ ବି ସେ କଟକ ପାଇଁ ଚିନ୍ତା କରୁଥିଲେ। ପୁଲିସ ଅଧିକାରୀ ଓ ରାଜନେତା ପରେ ବି କଟକିଆ ଭାବେ ଅନାଦି ସାହୁଙ୍କୁ ଏକ ବିଶେଷ ଛାପ ଥିଲା। ସେ ଜଣେ ସରଳ ବ୍ୟକ୍ତିତ୍ୱ ସାହିତ୍ୟ ପ୍ରେମୀ ଓ ମେଳାପି ସ୍ୱଭାବର ମଣିଷ ଥିଲେ। କଟକର ଏକ ତାରକା କହିଲେ କିଛି ଭୁଲ ହେବନାହିଁ। ପୂଜ୍ୟଶ୍ରୀ କୁମାର ଭାଇଙ୍କ ହାତଗଢ଼ା ଅନୁଷ୍ଠାନ ଆନ୍ତର୍ଜାତିକ ଅଶୋଭନୀୟତା ନିରୋଧ ଆନ୍ଦୋଳନର ଅନେକ କାର୍ଯ୍ୟକ୍ରମରେ ସେ ଯୋଗଦାନ କରିଥିଲେ ଏବଂ କାର୍ଯ୍ୟକ୍ରମରେ ଉପସ୍ଥିତ ରହି ତାଙ୍କର କିଛି ମୂଲ୍ୟବାନ ପରାମର୍ଶ ମଧ୍ୟ ସେ ଆମ୍ଭ ମାନଙ୍କୁ ଦେଉଥିଲେ। ତାଙ୍କ ଅମର ଆତ୍ମାର ସଦଗତି କାମନା କରୁଛି।

*ନିର୍ଦ୍ଦେଶିକା-ସମ୍ପାଦିକା, ଆନ୍ତର୍ଜାତିକ ଅଶୋଭନୀୟତା ନିରୋଧ ଆନ୍ଦୋଳନ, କଟକ,*
*ଦୂରଭାଷ : ୯୯୩୭୧୭୨୮୧୦*

# ଭାରତୀୟ ସଂବିଧାନର ଜନକ ଡ଼ଃ ବାବା ସାହେବ ଆମ୍ବେଦକର

ଭାରତୀୟ ସଂବିଧାନର ପ୍ରଣେତା ତଥ ଭାରତୀୟ ସଂବିଧାନର ଜନକ,ମହାନ ସମାଜ ସଂସ୍କାରକ,ଦଳିତ,ପତିତ, ଅବହେଳିତ, ନିସ୍ପେଷିତ ସମାଜର ତ୍ରାଣ କର୍ତ୍ତା,ବୋଧିସତ୍ୱ, ମାନବବାଦୀ, ଭାରତ ରତ୍ନ ଡ଼ଃ ଭୀମରାଓ ରାମଜୀ ଆମ୍ବେଦକର ବିଶ୍ୱ ଦରବାରରେ ଏକ ବିରଳ ବ୍ୟକ୍ତିତ୍ୱ । ସେ ଏକାଧାରରେ ଜଣେ ଆଇନଜ୍ଞ, ଦାର୍ଶନିକ, ନୃତତ୍ତ୍ୱବିତ, ରାଜନୀତିଜ୍ଞ,ଐତିହାସିକ, ଅର୍ଥନୀତିଜ୍ଞ, ଲେଖକ, ସଂପାଦକ, ବିପ୍ଳବୀ ନେତା, ସମାଜ ସଂସ୍କାରକ ଓ ବିଶ୍ୱ ବିଖ୍ୟାତ ବିଦ୍ୱାନ ଭାବେ ସୁପ୍ରସିଦ୍ଧ। ଭାରତ ବର୍ଷରେ ପାରମ୍ପାରିକ ଘୃଣିତ ଜାତି ପ୍ରଥା ବିଲୋପର ମହାରଥି,ମହାଯୋଦ୍ଧା ଏବଂ ସଂଗ୍ରାମୀ ମହାପୁରୁଷ , ସେ କେବଳ ଦଳିତ ପତିତଂକ ମୁକ୍ତିଦାତା ନଥିଲେ, ସେ ଥିଲେ ନିସ୍ପେଷିତ ନାରୀ ସମାଜର ତ୍ରାଣକର୍ତ୍ତା, ଶ୍ରମଜୀବୀଂକ ଉଦ୍ଧାରକର୍ତ୍ତା।ସର୍ବୋପରି ସମାଜର ଦରିଦ୍ର,ଅବହେଳିତ,ନିର୍ଯ୍ୟାତିତ ଓ ପଛୁଆ ବର୍ଗଂକ ପାଇଁ ଥିଲେ ମହାନ ସଂଗ୍ରାମୀ ନେତା। ତାଂକ ଦୃଷ୍ଟିକୋଣରେ ଜାତି,ବର୍ଣ୍ଣ, ଲିଂଗ, ଧର୍ମ, ନିର୍ବିଶେଷରେ ସମସ୍ତେ ସମାନ ।ବିଭେଦରୁ ଥିଲେ ବହୁତ ଉର୍ଦ୍ଧ୍ୱରେ। ମାନବବାଦୀ ଜନ ନାୟକ ।ଯେଉଁ ସମୟରେ ଭାରତୀୟ ହିନ୍ଦୁ ସମାଜରେ ତୀବ୍ର ଜାତି ପ୍ରଥା ରୂପ ଚରମ ସୀମାରେ ଉପନିତ ହୋଇଥିଲା,ସେହି ଭଳି ଏକ ଘଡି ସନ୍ଧି ମୁହୂର୍ତ୍ତରେ ବାବା ସାହେବ ଆମ୍ବେଦକରଂକ ଜନ୍ମ ଗ୍ରହଣ ହୋଇଥିଲା। ସେହି ମହାପୁରୁଷଂକ ଜନ୍ମ ୧୪ ଏପ୍ରିଲ ୧୮୯୧ ମସିହା ମହୁ ନାମକ ସେନା ଛାଉଣିରେ ହୋଇଥିଲା।ତାଂକ ପୈତୃକ ନିବାସ ଥିଲା ମହାରାଷ୍ଟ୍ର ରାଜ୍ୟ ଅନ୍ତର୍ଗତ ରତ୍ନଗିରି ଜିଲ୍ଲା ନିକଟସ୍ଥ ଆମ୍ବାୱାଡେ ଗ୍ରାମରେ । ସେ ରାମୋଜୀ ଶକପାଲଂକ ୧୪ତମ ସନ୍ତାନ ଥିଲେ ।୧୮୯୬ ମସିହା ବେଳକୁ ଯେତେବେଳେ ଆମ୍ବେଦକରଂକୁ ୫ ବର୍ଷ ବୟସ ହୋଇଥିଲା ତାଂକ ମାତା ଭୀମାବାଈ ଇହଲୀଳା ସମ୍ବରଣ କରିଥିଲେ। ଏକ ସନ୍ତାନ ପାଇଁ ବାଲ୍ୟ ଜୀବନରେ ପରିବାର କିମ୍ବା ସମାଜରୁ ହେଉ ବାତ୍ସଲ୍ୟ ମମତା,ଶ୍ରଦ୍ଧା, ଆଦର,ପ୍ରେମ ଆବଶ୍ୟକ ହୋଇଥାଏ । ଆମ୍ବେଦକରଂକ ବାଲ୍ୟ ଜୀବନରୁ ହିଁ ନିର୍ଯାତନା, ତିରସ୍କାର ଏବଂ ଘୃଣାର ସମ୍ମୁଖୀନ ହେବାକୁ ପଡିଥିଲା ।ଯେତେବେଳେ ବାଲ୍ୟ ଶିକ୍ଷା ଲାଗି ନିକଟସ୍ଥ ପ୍ରାଥମିକ ବିଦ୍ୟାଳୟରେ ନାମ ଲେଖାଗଲା, ସେତେବେଳେ ଉକ୍ତ ବିଦ୍ୟାଳୟରେ ଉଚ୍ଚ ଜାତିର ପିଲାମାନେ ବିଦ୍ୟାଧ୍ୟୟନ କରୁଥିଲେ ।ମାତ୍ର ଆମ୍ବେଦକର ନୀଚ୍ଚ ଜାତିରେ ଜନ୍ମ ଗ୍ରହଣ କରିଥିବାରୁ ତାଙ୍କ ପ୍ରତି କଟକଣା ଲାଗୁହୋଇଥିଲା ।ବସିବା,ଉଠିବା ଖାଇବା, ପିଇବାରେ ତୀକ୍ଷଣ ନଜର ରଖାଯାଉଥିଲା ।ଉକ୍ତ ପ୍ରାଥମିକ ବିଦ୍ୟାଳୟରେ ୩ୟ ଶ୍ରେଣୀ ଯାଏଁ ପାଠ ପଢାଯାଉଥିଲା ।ଶିକ୍ଷକ କୌଣସି ଶ୍ରେଣୀର ପିଲଂକ ଗହଣରେ ଆମ୍ବେଦକରଂକୁ ନବସାଇ ବରଣ୍ଡାର ଏକ କୋଣରେ ବସାଇଦିଆ ଯାଉଥିଲା । ଏହା ଏକ ଲଜ୍ଜା ଜନକ ଘଟଣା ଥିଲା ।ଆମ୍ବେଦକର ଶିକ୍ଷକଂକ ପାଇଁ ମୁଣ୍ଡ ବ୍ୟଥାର କାରଣ ହୋଇ ପଡିଥିଲା । ଶିକ୍ଷକମାନେ ଆମ୍ବେଦକରଂକୁ କଦର୍ଯ୍ୟ ଭାଷାରେ ବ୍ୟବହାର କରୁଥିଲେ ।ତାଂକୁ ସ୍ପର୍ଶ ମଧ୍ୟ କରୁ ନଥିଲେ । ବିଦ୍ୟାଳୟ ପ୍ରଶାସନ ଆମ୍ବେଦକରଂକ ପ୍ରତ୍ୟେକଟି ଗତି ବିଧିକୁ ଲକ୍ଷ୍ୟ ରଖୁଥିଲେ ।ପଢା ଲେଖା ଠାରୁ ଖାଇବା ପିଇବା ପର୍ଯ୍ୟନ୍ତ ।କାରଣ ଦଳିତ ପିଲା ଯେଉଁ ଜିନିଷକୁ ଛୁଇଁବ ଅପବିତ୍ର ହୋଇଯିବ ।ଏଣୁ ଆମ୍ବେଦକରଂକୁ ତୃଷା ଲାଗଲେ,ବହୁ ଦୂରରେ ବହୁ ସମୟ ଧରି ମାଠିଆ ନିକଟରେ ଦଣ୍ଡାୟମାନ ହେବାକୁ ପଡୁଥିଲା ।ଯେତେବେଳ ପର୍ଯ୍ୟନ୍ତ ଏକ ଉଚ୍ଚ ବର୍ଗର ପିଲା ପାଣି ନପିଆଇଛି,ସେତେବେଳ ଯାଏଁ ଅପେକ୍ଷା ରତ ହେବାକୁ ପଡୁଥିଲା । ଥରେ ବାଳକ ଆମ୍ବେଦକର ବହି ବସ୍ତାନି ଧରି ସ୍କୁଲକୁ ବାହାରି ପଡନ୍ତି;ବାଟରେ ଭୀଷଣ ବର୍ଷା ହେବାରୁ ସେ ଓଦା ହୋଇଯିବା ଭୟରେ ସେ ଏକ ସବର୍ଣ୍ଣ ଘର କାନ୍ଥରେ ଆଉଜି ରହଲେ ।ଘରର ମାଲିକ ଆମ୍ବେଦକରଂକୁ ଦେଖି କ୍ରୋଧରେ ଜର୍ଜରିତ ହୋଇ ପଡିଲା ।ସେ ଦୂର୍ ଦୂର୍ ହୁଅ ବୋଲି ଚିତ୍କାର କଲା ।ଆମ୍ବେଦକର କହଲେ-ବର୍ଷା ଛାଡି ଗଲା ପରେ ସେ ଚାଲିଯିବାକୁ ଅନୁରୋଧ କଲେ ।ଅସ୍ପୃଶ୍ୟ ବାଳକ ତାଂକ ଘର କାନ୍ଥକୁ ଆଉଜି ବିଟାଳ କରିଦେଲା ଭାବି ଏମିତି ଧକ୍କା ମାରିଲା ଯେ,ବାଳକ ଆମ୍ବେଦକର ପ୍ରଜ ବର୍ଷାରେ କଦ୍ଦାଡି ହୋଇ ପଡିଲେ ।ତାଂକର ସର୍ବାଂଗ ବର୍ଷାରେ ଭିଜିବା ସହ ବହି ପତ୍ର ସବୁ ଓଦା ହୋଇଗଲା ।ଏମିତି ଦୁରଦ୍ଦଶା ସତ୍ୱେ ଧର୍ଯ୍ୟ ଚ୍ୟୁତ ନହୋଇ ସ୍କୁଲରେ ପହଞ୍ଚିଲେ ।ଆମ୍ବେଦକରଂକୁ ଯେତେବେଳେ ନଅ ବର୍ଷ ହୋଇଥିଲା,ତାଂକ ସତାରା ସରକାରୀ ଉଚ୍ଚ ବିଦ୍ୟାଳୟରେ ଭର୍ତ୍ତି କରାଯାଇଥିଲା ।ତାଂକର ଭଲ ପାଠ ପଢା ଏବଂ ବିଚକ୍ଷଣ ବୁଦ୍ଧି ଯୋଗୁଁ ସେହି ବିଦ୍ୟାଳୟର ଜଣେ ଶିକ୍ଷକ ତାଂକୁ ବହୁତ ଭଲ ପାଉଥିଲେ ।ସେ ଜଣେ ବ୍ରାହ୍ମଣ ଶିକ୍ଷକ ଥିଲେ ।ତାଂକ ନାମ ମହାଦେବ ଆମ୍ବେଦକର ।ସେ ଚିନ୍ତା କଲେ ଯେ ଆମ୍ବେୱାଡେକର ସଂଜ୍ଞା ଯୋଗୁଁ ଭୀମରାଓ ଘୃଣିତ ହେଉଛନ୍ତ,ତେଣୁ ସେ ନିଜର ସଂଜ୍ଞା ଦାନ କରି ଆମ୍ବେୱାଡେକର ସଂଜ୍ଞାଟି ସ୍କୁଲ ରେକର୍ଡ ଖାତାରୁ କାଟି ଦେଇଥିଲେ ।ଆମ୍ବେଦକରଂକ ପ୍ରଗତି ପଥେ ଯେପରି ତାଂକ ସଂଜ୍ଞାଟି ପ୍ରତିବନ୍ଧକ ସୃଷ୍ଟି କରିବ ନାହିଁ । ୧୯୦୨ ମସିହାରେ ଆମ୍ବଦକରଂକ ପରିବାର ବମ୍ବେକୁ ସ୍ଥାନାନ୍ତରିତ ହେଲା ।ଏବଂ ସେଠାରେ ନାମ ଲେଖାଇ ବିଦ୍ୟାଧ୍ୟୟନ କଲେ । ଆମ୍ବେଦକରଂକ ପ୍ରବଳ ଇଚ୍ଛା ସଂସ୍କୃତରେ ପାଛ ପଢିବେ । ସଂସ୍କୃତ ଶିକ୍ଷା କରି ବେଦ ଉପନିଷେଦ ପଢିବେ । କିନ୍ତ ଉକ୍ତ ବିଦ୍ୟାଳୟରେ ଉଚ୍ଚ ବର୍ଣ୍ଣର ଛାତ୍ରମାନଂକୁ ହିଁ ସଂସ୍କୃତ ପଢିବା ଲାଗି ଯୋଗ୍ୟ ବିବେଚ୍ଚିତ ମନେ କରାଯାଉଥିଲା । କୌଣସି ଅସ୍ପୃଶ୍ୟ ଛାତ୍ରକୁ ସଂସ୍କୃତ ପଢିବା ଅଧିକାର ନଥିଲା । ଯେଉଁ ଶିକ୍ଷକ ଏହି କଠୋର ନିୟମକୁ ମାନୁ ନଥିଲେ,ତାଂକୁ ଚାକିରୀରୁ ବହିଷ୍କାର କରାଯାଉଥିଲା । ଏଣୁ ଆମ୍ବେଦକରଂକ ସଂସ୍କୃତ ପଢିବା ଆଶା ମଉଳି ଯାଇଥିଲା;ପରବର୍ତ୍ତୀ ସମୟରେ ନିଜ ପ୍ରଚେଷ୍ଟାରେ ସଂସ୍କୃତ ପଢି ଦକ୍ଷତା ଅର୍ଜନ କରିଥିଲେ । ହିନ୍ଦୁ ଧର୍ମର ସମସ୍ତ ଶାସ୍ତ୍ର ପଠନ କରିବାରେ ପାରଙ୍ଗମ ହୋଇ ପାରିଥିଲେ ।

୧୯୦୭ରେ ସେ ମାଧ୍ୟମିକ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିଲେ ।ମୋଟ ୭୫୦ ଅଂକ ମଧ୍ୟରୁ ୩୮୨ ରଖି କୃତିତ୍ୱ ଅର୍ଜନ କରିଥିଲେ । ବମ୍ବେର ଏଲଫିନଷ୍ଟୋନ୍ ଉଚ୍ଚ ବିଦ୍ୟାଳୟରୁ ଭାରତ ବର୍ଷରେ ପ୍ରଥମ ମାଧ୍ୟମିକ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବା ପ୍ରଥମ ମାହାର ଜାତିର ବାଳକ ।ଏଥି ପାଇଁ ମାହାର ଜାତିରେ ଏକ ଆନନ୍ଦର ଲହରୀ ଖେଳି ଯାଇଥିଲା ।ଆମ୍ବେଦକରଂକୁ ସ୍ୱାଗତ ସଂବର୍ଦ୍ଧନା କରିବା ପାଇଁ ଏକ ସଭାର ଆୟୋଜନ କରା ଯାଇଥିଲା । ୧୯୦୬ରେ ସେ ନଅ ବର୍ଷର କନ୍ୟା ରମାବାଈଂକୁ ବିବାହ କରିଥିଲେ । ୧୯୧୨ରେ ସେ ବମ୍ବେ ବିଶ୍ୱ ବିଦ୍ୟାଳୟରୁ ଅର୍ଥ ଶାସ୍ତ୍ର ଏବଂ ରାଜନୀତି ବିଜ୍ଞାନରେ ଡିଗ୍ରୀ ହାସଲ କରିଥିଲେ । ୧୯ ବର୍ଷ ପରେ ତାଂକର ପ୍ରଥମ ପୁତ୍ର ଯଶବନ୍ତ ଆମ୍ବେଦକର ଜନ୍ମ ଗ୍ରହଣ କରିଥିଲେ । ୧୯୧୩ରେ ତାଂକ ପିତା ରାମୋଜୀ ଶକପାଲଂକର ଦେହାନ୍ତ ହୋଇଥିଲା । ସେହି ବର୍ଷ ବରୋଦାର ରାଜା ଗାଏକୱାଡ଼ଂକ ଠାରୁ ତିନି ବର୍ଷ ପର୍ଯ୍ୟନ୍ତ ବୃତ୍ତି ପାଇ କଲୋମ୍ବିଆ ବିଶ୍ୱ ବିଦ୍ୟାଳୟରେ ପୋଷ୍ଟ ଗ୍ରାଜୁଏଟ ପଢିବା ପାଇଁ ପ୍ରସ୍ଥାନ କଲେ । ୧୯୨୦ରେ ବିଲାତ ଯାଇ ଉଚ୍ଚ ଶିକ୍ଷା ପ୍ରାପ୍ତ କରିଥିଲେ । ୧୯୨୩ରେ ଉଚ୍ଚ ଶିକ୍ଷା ସମାପ୍ତ କରି ଭାରତ ପ୍ରତ୍ୟାବର୍ତ୍ତନ କରି ଗାଏକୱାଡ ରାଜାଂକ ନିକଟରେ ମିଲିଟାରୀ ସଚିବ ପଦବୀରେ ନିଯୁକ୍ତି ପାଇଥିଲେ । ସେଠାରେ ଥିବା ୪ର୍ଥ ଶ୍ରେଣୀ କର୍ମଚାରୀମାନେ ଫାଇଲ ପତ୍ର ଆମ୍ବେଦକରଂକ ହାତକୁ ନଦେଇ ଛୁଆଁ ଅଛୁଆଁ ଭେଦଭାବ କାରଣରୁ ଉପରକୁ ଫୋପିଡିଲେ । ଏହି ଘଟଣା ହୃଦୟକୁ ବହୁତ କଷ୍ଟ ଦେଲା । ତାଂକ ସ୍ୱାଭିମାନଂକୁ ଆଞ୍ଚ ଆସିବା ଫଳରେ ସେ ଚାକିରୀକୁ ତ୍ୟାଗ କରି ସ୍ୱାଧୀନ ଭାବେ ଜୀବୀକା ନର୍ବାହ ଲାଗି ଇଚ୍ଛା ପ୍ରକାଶ କଲେ । ଘରୋଇ ଶିକ୍ଷା,ଏକାଉଣ୍ଟ ବ୍ୟବସାୟ ପରାମର୍ଶଦାତା ଆଦି କାର୍ଯ୍ୟ ଗ୍ରାହକ ଅଭାବରୁ ବନ୍ଦ କରିଦେଲେ । କାରଣ ଆମ୍ବେଦକର ଥିଲେ ଜଣେ ଅଛୁଆଁ ବ୍ୟକ୍ତି ।୧୯୧୮ରେ ସେ ବମ୍ବେର ସିଡେନହାମ କଲେଜରେ ପ୍ରଫେସର ଭାବେ ନିଯୁକ୍ତି ପାଇଲେ । ତାଂକ ପାଠ ପଢାରେ ଛାତ୍ର ମହଲରେ ଏକ ଆଲୋଡନ ଖେଳିଗଲା ।ମାତ୍ର ପ୍ରଫେସରମାନେ ଗୋଟିଏ ଜଗରେ ପାଣି ପିଇବାକୁ ଇଛା ପ୍ରକାଶ ନ କରିବା ଫଳରେ ସେ ଅଧ୍ୟାପକ ଚାକିରୀ ଛାଡି ଦେଇଥିଲେ । ୧୯୨୦ ମସିହାରେ 'ମୂକ ନାୟକ' ଏକ ପତ୍ରିକା ପ୍ରକାଶିତ କରି ହିନ୍ଦୁ ଧର୍ମରେ ଥିବା କୁସଂସ୍କାର ବିରୁଧରେ ରଚ୍ନାତ୍ମକ ଲେଖାମାନ ପ୍ରକଶ କଲେ ।୧୯୨୪ ମାର୍ଚ୍ଚ ୯ ତାରଖରେ 'ବହିଷ୍କୃତ ହିତକାରେଣୀ' ଏକ ସମତା ଭିତିକ ସାମାଜିକ ସଂଗଠନ ଗଠନ କରି ଆନ୍ଦୋଳନ ଆରମ୍ଭ କଲେ ।ଅସ୍ପୃଶ୍ୟମାନଂକ ଅଧିକାର ପାଇଁ ଦଳ ସତ୍ୟାଗ୍ରହ କରି ଜଳାଶୟଗୁଡିକରୁ ଜଳ ଗ୍ରହଣ କଲେ । ଦଳିତମାନଂକୁ ଧରି ବିଭିନ୍ନ ମନ୍ଦିରଗୁଡିକରେ ପ୍ରବେଶ କରାଇ ଜାତି ପ୍ରଥା ବିଲୋପ ଲାଗି ସତ୍ୟାଗ୍ରହକୁ ତୀବ୍ରତର କଲେ । ସେ ସମୟରେ ଆମ୍ବେଦକରଂକୁ ଦଳିତ ନେତା ଭାବରେ ଲୋକ ପ୍ରିୟତା ସର୍ବତ୍ର ବୃଦ୍ଧି ପାଇଥିଲା । ୧୯୩୨ରେ ଦ୍ୱିତୀୟ ଗୋଲ ଟେବୁଲ ବୈଠକ ବସିଲା । ଉକ୍ତ ବୈଠକରେ ଆମ୍ବେଦର ଯୋଗଦେଇ ଦଳିତ ସମାଜର ଉତ୍ଥନ ପାଇଁ ପୃଥକ ନିର୍ବାଚ୍ନ ମଣ୍ଡଳୀ ଦାବି କରିଥିଲେ ।ଏହି ପ୍ରସ୍ତାବକୁ ଇଂରେଜମାନେ ସମ୍ମତି ଜଣାଇଥିଲେ । କିନ୍ତୁ ପୃଥକ ନିର୍ବାଚ୍ନ ମଣ୍ଡଳୀକୁ ମହାତ୍ମା ଗାନ୍ଧି ଘୋର ବିରୋଧ କରି ପୁନ୍ନାର ଏରୱାଡ ଜେଲ ଠାରେ ଆମରଣ ଅନଶନ ଆରମ୍ଭ କଲେ । ଆମ୍ବେଦକରଂକୁ ମଦନ ମୋହନ ମାଲଭିଆ ଏବଂ ପାଲୱାଲକରବାଲୁ ବହୁ ବଡ ବଡ ନେତା ବୁଝାସୁଝା କଲା ପରେ ସେ ପୃଥକ ନିର୍ବାଚ୍ନ ମଣ୍ଡଳୀ ଦାବିରୁ ଓହରି ଯାଇଥିଲେ । ଅସ୍ପୃଶ୍ୟମାନଂରୁ ବର୍ଣ୍ଣ ହିନ୍ଦୁମାନଂକୁ ସମ କକ୍ଷ କରିବା ପାଇଁ ମହାତ୍ମା ଗାନ୍ଧି ଏନଂ ଆମ୍ବେଦକରଂକ ସହ ଚୁକ୍ତି ହୋଇଥିଲା । ଏହାକୁ ପୁନ୍ନା ଚୁକ୍ତି କୁହାଯାଏ । ୧୯୩୬ରେ ଆମ୍ବେଦକର ଇଣ୍ଡିପେଣ୍ଡେଣ୍ଟ ଲେବର ପାର୍ଟି ଗଠନ କଲେ । ବମ୍ବେ ବ୍ୟବସ୍ଥାପକ ସଭା ପାଇଁ ୧୩ ଜଣ ସଂରକ୍ଷଣ ପ୍ରାର୍ଥୀ ଏବଂ ୪ ଜଣ ସାଧାରଣ ପ୍ରାର୍ଥିଂକୁ ଟିକେଟ୍ ଦେଇ ନିର୍ବାଚ୍ନରେ ଦଣ୍ଡାୟମାନ କରାଇଲେ । ସେଥିରୁ ୧୧ଜଣ ସଂରକ୍ଷଣ ପ୍ରାର୍ଥୀ ଏବଂ ୩ ଜଣ ସାଧାରଣ ପ୍ରାର୍ଥୀ ଜୟଯୁକ୍ତ ହେଲେ । କିନ୍ତୁ ଅନ୍ୟ ଏକ ସେଡୁଲକେଷ୍ଟ ଫେଡେରେସନ ପାର୍ଟି ଗଠନ କରି ନିର୍ବାଚ୍ନ ଲଢି ଶୋଚ୍ନୀୟ ପରାସ୍ତ ହୋଇଥିଲେ । ଭାରତ ଇଂରେଜମାନଂକ ଶାସନରୁ ମୁକ୍ତ ହୋଇ ମହାତ୍ମା ଗାନ୍ଧିଂକ ନେତୃତ୍ୱରେ ୧୯୪୭ ମସିହା ଅଗଷ୍ଟ ୧୫ ତାରିଖରେ ସ୍ୱାଧୀନତା ପ୍ରାପ୍ତ ହେଲା । ଦେଶକୁ ଚ୍ଳାଇବାକୁ ଏକ ସଂବିଧାନର ଆବଶ୍ୟକ ପଡିଲା । ୧୯୩୪ ମସିହା ପର୍ଯ୍ୟନ୍ତ ଭାରତର ଜନସାଧାରଣ ନିଜ ଦେଶ ପାଇଁ ଏକ ସଂବିଧାନ ପ୍ରସ୍ତୁତ କରିବା ସଂପର୍କରେ ସଚେତନ ନଥିଲେ । ଏହି ଚିନ୍ତାଧାରା ପ୍ରଥମେ ମାନବେନ୍ଦ୍ର ନାଥ ରାୟଂକ ଚିନ୍ତା କରି ଦାବି କରିଥିଲେ । ଏଥି ପାଇଁ ୧୯୪୬ ମସିହା ଜୁଲାଇ ମାସରେ ଶାସନ ବିଧାୟକ ସଭା ନିର୍ବାଚ୍ନ ଆୟୋଜିତ


କେଶବ ଚନ୍ଦ୍ର ନାୟକ

ହୋଇଥିଲା ।ଫଳେ କଂଗ୍ରେସକୁ ୨୯୬ରୁ ୨୧୧ଟି ସଦସ୍ୟ,ମୁସଲିମ ଲିଗକୁ ୭୩ ସଦସ୍ୟ,ସ୍ୱାଧୀନ ଓ ଅନ୍ୟାନ୍ୟ ଦଳକୁ ୧୨ ଜଣ ସଦସ୍ୟ ଏବଂ ରାଜ୍ୟମାନଂକରୁ ୯୩ଟି ସଦସ୍ୟ ନିର୍ବାଚିତ ହୋଇଥିଲେ । ୧୯୪୬ ମସିହା ନଭେମ୍ବର ୯ ତାରିଖ ଦିନ ନିର୍ବାଚିତ ସଦସ୍ୟମାନଂକୁନେଇ ଶାସନ ବିଧାୟକ ସଭାର ପ୍ରଥମ ଅଧିବେଶନ ବସିଥିଲା । କିନ୍ତୁ ନିର୍ବାଚ୍ନରେ କଂଗ୍ରେସର ବିପୁଳ ବିଜୟ ଏବଂ ମୁସଲିମ ଲିଗର ପରାଜୟ ମହମ୍ମଦ ଅଲ୍ଲି ଜିନ୍ନାଂକୁ ବ୍ୟଥିତ କରିଥିଲା ।ତେଣୁ ସେ ଉକ୍ତ ଅଧିବେଶନକୁ ବର୍ଜନ କରି ଏକ ସ୍ୱତନ୍ତ୍ର ମୁସଲିମ ଲିଗ ଶାସନ ବିଧାୟକ ସଭା ଗଠନ କରିବା ପାଇଁ ଦାବୀ କରାଗଲା । ଲର୍ଡ ମାଉଣ୍ଟ ବ୍ୟାଟନଂକ ପରାମର୍ଶ କ୍ରମେ ଭାରତ ବିଭାଜନ ହେଲା । ନୂତନ ରାଷ୍ଟ୍ର ଭାବେ ପାକିସ୍ଥାନ ଜନ୍ମ ନେଲା । ପାକିସ୍ଥାନ ତାଂକପାଇଁ ଅଲଗା ସଂବିଧାନ ଚ୍ଚିଠା ପ୍ରସ୍ତୁତ କଲେ । ଭାରତ ନିଜର ସଂବିଧାନ ପ୍ରସ୍ତୁତ କଲା ।ଶାସନ ବିଧାୟକର ମୁଖ୍ୟ କାର୍ଯ୍ୟଥିଲା ଭାରତ ପାଇଁ ଏକ ସଂବିଧାନ ପ୍ରସ୍ତୁତ କରିବା । ଏଥି ପାଇଁ ବିଭିନ୍ନ କମିଟି ଗଠନ କରାଗଲା । ତନ୍ମଧ୍ୟରୁ ଚ୍ଚିଠା କମିଟି ଅନ୍ୟତମ । ଚ୍ଚିଠା ପ୍ରସ୍ତୁତ କମିଟି ୧୯୪୭ ମସିହା ଅଗଷ୍ଟ ୨୯ ତାରଖରେ ଗଠିତ ହୋଇଥିଲା । ଏହି ଚ୍ଚିଠା କମିଟିରେ ୭ ଜଣ ସଦସ୍ୟମାନଂକୁ ନେଇ ଗଠିତ ହେଲା । ଏହାର ଅଧ୍ୟକ୍ଷ ଥିଲେ ଡ. ଭୀମ ରାଓ ଆମ୍ବେଦକର ଏବଂ ଅନ୍ୟାନ୍ୟ ସଦସ୍ୟ ଭାବରେ ଏନ୍ ଗୋପଳ ସ୍ୱାମୀ ଆୟେଂଗାର,ଆଲ୍ଲାଦୀ କୃଷ୍ଣା ସ୍ୱାମୀ ଆୟାର,କେ.ଏମ ମୁନ୍ସୀ ସୟେଦ ମହମ୍ମଦ ସଦ୍ୟାଲ୍ଲା,ଏନ.ମାଧବ ରାଓ,ଡି.ପି.ଖୈତାନ । କିନ୍ତୁ ଡି.ପି.ଖୈତାନଂକ ସ୍ୱର୍ଗବାସ ଯୋଗୁଁ ଟି.ଟି କ୍ରିଷ୍ଣାମାଚ୍ଚାରୀଂକୁ ସଦସ୍ୟ ଭାବରେ ଗ୍ରହଣ କରାଗଲା ।ଭାରତୀୟ ସଂବିଧାନ କାର୍ଯ୍ୟ ୧୯୪୬ ମସିହା ଡିସେମ୍ବର ୯ ତାରିଖ ଠାରୁ ଆରମ୍ଭ ହେଲା । ଡଃ ଆମ୍ବଦକରଂକ କଠୋର ପରିଶ୍ରମ ବଳରେ ଦୀର୍ଘ ୨ ବର୍ଷ ୧୧ ମାସ ୧୮ ଦିନରେ ସଂବିଧାନ ପ୍ରୟନ ଶେଷ ହୋଇଥିଲା । ଅର୍ଥାତ ୧୯୪୯ ମସିହା ନଭେମ୍ବର ୨୬ ତାରଖରେ ଭାରତୀୟ ସଂବିଧାନ ଅଂଗିକାର ବଦ୍ଧ ହେଲା । ସମୁଦାୟ ୧୧ ଗୋଟି ଅଧିବେଶନରେ ୧୬୫ ଦିନ ସଂବିଧାନ ପ୍ରସ୍ତୁତି ବୈଠକ ଚାଲିଥିଲା ଏବଂ ସଂବିଧାନ ଚ୍ଚିଠା ଉପରେ ୧୧୪ ଦିନ ବ୍ୟାପି ବିଭିନ୍ନ ଦିଗ ଉପରେ ଆଲୋଚ୍ନା ହୋଇଥିଲା । ସମୁଦାୟ ୭,୬୩୫ ଆଗତ ସଂଶୋଧନୀ ପ୍ରସ୍ତାବ ମଧ୍ୟରୁ ୨,୪୩୭ଟି ବିଷୟ ଉପରେ ଆଲୋଚ୍ନା କରାଯାଇ ଆବଶ୍ୟକ ସଂଶୋଧନ ଗ୍ରହଣ କରାଯାଇଥିଲା । ଶେଷରେ୩୯୫ଟି ଧାରା ଏବଂ ୮ଟି ଉପଧାରା ପ୍ରଣୟନ କରା ଯାଇଥିଲା ବେଳେ ୨୨ ଭାଗରେ ବିଭକ୍ତ କରାଯାଇଥିଲା । ଏଥିରେ ସମୁଦାୟ ୧୪୫ ହଜାର ଶବ୍ଦ ବ୍ୟବହାର କରାଯାଇଛି । ୧୯୫୦ ମସିହା ଜାନୁୟାରୀ ୨୬ ତାରଖ ଦିନ ଭାରତର ରାଷ୍ଟ୍ରପତି ଡ.ରାଜେନ୍ଦ୍ର ପ୍ରସାଦଂକ ସ୍ୱୀକୃତି ଲାଭ କରି କାର୍ଯ୍ୟକ୍ଷମ ହେଲା । ଏହି ସଂବିଧାନଂକୁ ୨୮୪ ଜଣ ସଦସ୍ୟ ଦସ୍ତଖତ କରିଥିଲେ ।ପ୍ରଥମେ ଏହ ସଂବିଧାନ ଦସ୍ତାବିଜରେ ପଣ୍ଡିତ ଜବାହାରଲାଲ ନେହୁର ଦସ୍ତଖତ କରଥିବା ବେଳେ ଶେଷରେଡ.ରାଜେନ୍ଦ୍ର ପ୍ରସାଦ ଦସ୍ତଖତ କରଥିଲେ । ଡ. ଆମ୍ବେଦକର ୬୦ଟି ଦେଶର ସଂବିଧାନ ଗଭୀର ଭାବରେ ଅଧ୍ୟୟନ କରିଥିଲେ । ଭାରତ ଏକ ବହୁଜାତି, ବହୁଭଷା, ବହୁ ଧର୍ମ ତଥା ଲିଙ୍ଗୀୟ ବିଭେଦ ମଧ୍ୟରେ ସମସ୍ତଂକ କଲ୍ୟାଣ ଉଦେଶ୍ୟରେ ଏକ ଜନ ମଂଗଳ ରାଷ୍ଟ୍ର ପାଇଁ ସୁନ୍ଦର ଏକ ସମ୍ବିଧାନ ନିର୍ମାଣ କଲେ । ଡ. ବାବା ସାହେବ ସଂବିଧାନର ନିର୍ମାତା ଭାବରେ ସୁପରିଚ୍ଚିତ । ଭାରତୀୟ ସଂବିଧାନର ସେ ଜନକ । ଜାତି,ଧର୍ମ,ବର୍ଣ୍ଣ ,ଲିଂଗ ନିର୍ବିଶେଷରେ ଆମେ ସମସ୍ତେ ସମାନ । ବିଶ୍ୱର ସର୍ବ ଶ୍ରେଷ୍ଠ ବିଦ୍ୱାନ ଭାବେ ସର୍ବତ୍ର ସୁପରିଚ୍ଚିତ । ତାଂକର ଅକ୍ଳାନ୍ତ ପରିଶ୍ରମ ଯୋଗୁଁ ପୃଥିବୀର ସର୍ବବୃହତ୍ତ ଲିଖିତ ଭାରତୀୟ ସଂବିଧାନ ୧୯୪୯ ମସିହା ନଭେମ୍ବର ୨୬ ତାରିଖ ଦିନ ପ୍ରାପ୍ତ ହୋଇଥିଲା । ଏବଂ ୧୯୫୦ ମସିହା ଜାନୁଆରୀ ୨୬ ତାରିଖରୁ ଲାଗୁ କରାଯାଇଥିଲା । ଭାରତୀୟ ସଂବିଧାନର ମୌଳିକ ବୈଶିଷ୍ଟ ହେଲା ଭାରତ ଏକ ସାର୍ବଭୌମ, ସମାଜବାଦ,ଧର୍ମ ନିରପେକ୍ଷ, ଗଣତାନ୍ତ୍ରିକ ଓ ସାଧାରଣତନ୍ତ୍ରରାଷ୍ଟ୍ର । ସାମାଜିକ, ରାଜନୈତିକ, ଅର୍ଥନୈତିକ କ୍ଷେତ୍ରରେ ନ୍ୟାୟ ପ୍ରଦାନ ଲାଗି ଯୁକ୍ତି ଉପସ୍ଥାପିତ କରାଯାଇଛି । ଭାରତକୁ ଏକ ଜନ ମଂଗଳ ରାଷ୍ଟ୍ରରେ ପରିଣତ କରି ସମସ୍ତ ନାଗରିକଂକୁ ସ୍ୱାଧୀନତା,ସମାନତା,ନ୍ୟାୟ, ଓ ଭାତୃତ୍ୱ ବନ୍ଧନରେ ବାନ୍ଧି ଜାତୀୟ ସଂହତି ସ୍ଥାପନ କରିବା ଏହାର ଆଭିମୁଖ୍ୟ ।ଆମ୍ବେଦକର ୧୯୫୧ ମସିହାରେ ଭାରତର ପ୍ରଥମ ଆଇନ ମନ୍ତ୍ରୀ ଥିଲେ । ସଂସଦରେ ହିନ୍ଦୁ କୋଡ ବିଲ୍ ପାରିତ ନହେବାରୁ ଏବଂ କଂଗ୍ରେସର ପ୍ରବଳ ବିରୋଧ ଯୋଗୁଁ ସେ ମନ୍ତ୍ରୀ ପଦରୁ ଇସ୍ତଫା ଦେଇଥିଲେ । ୧୯୫୨ ସେ ସ୍ୱାଧୀନ ଭାବରେ ଲୋକ ସଭା ଆସନରେ ଲଢି ପରାସ୍ତ ହୋଇ ଥିଲେ । ମାତ୍ର ସେହି ବର୍ଷ ରାଜ୍ୟ ସଭାକୁ ମନୋନିତ ହୋଇ ମୃତ୍ୟୁ ପର୍ଯ୍ୟନ୍ତ ସଦସ୍ୟ ରହିଥିଲେ । ୧୯୧୨ରେ ପ୍ରଥମ ପତ୍ନୀ ରମାବାଈଂକର ଦେହାନ୍ତ ହୋଇଥିଲା । ୧୯୪୮ ମସିହାରେ ସାରସ୍ୱତ ବ୍ରାହ୍ମଣ କନ୍ୟା ଡାକ୍ତର ସାରଦା କବିରଂକୁ ଦ୍ୱିତୀୟ ବିବାହ କରିଥିଲେ । ତାଂକ ନାମଂକୁ ପରିବର୍ତ୍ତନ କରାଯାଇ ସବିତା ଆମ୍ବେଦକର ରଖାଯାଇଥିଲା । ବାବା ସାହେବ ଆମ୍ବେଦକର ଯେତେବେଳେ ମଧୁମେହ ରୋଗରେ ଆକ୍ରାନ୍ତ ହୋଇ ବମ୍ବେ ହସପିଟାଲରେ ଚ୍ଚିକିସ୍ଚିତ ହେଉଥିଲେ,ସେତେବେଳେ ସାରଦା କବିରତାଂକୁ ଚ୍ଚିକିସ୍ଚିତ କରୁଥିଲେ । ଶେଷରେ ସାରଦା କବିର ବାବାସାହେବଂକ ଧର୍ମ ପତ୍ନୀ ସାଜି ଆଜୀବନ ଚ୍ଚିକିତ୍ସା କରିଥିଲେ । ସେହି ସମୟରେ ବାବା ସାହେବ ଦେଶ ପାଇଁ ସଂବିଧାନ ପ୍ରଣୟନ କରୁଥିଲେ,ଏଣେ ଜଟିଳ ରୋଗରେ ପଡି ବାବା ସାହେବ ଯନ୍ତ୍ରଣା ଭୋଗୁଥିଲେ । ଅନ୍ୟ ପକ୍ଷରେ ବାବା ସାହେବ ସ୍ୱାସ୍ଥ୍ୟ କଥା ଡାକ୍ତର ସାରଦା କବିର ବା ସବିତା ଆମ୍ବେଦକର ଯତ୍ନ ନେଉଥିଲେ । ବାବା ସାହେବଂକ ଯତ୍ନ ଯଦି ସବିତା ଆମ୍ବେଦକର ନେଇ ନଥାନ୍ତେ,ତେବେ ବାବାସାହେବ ହୁଏତ ସଂବିଧାନ ପ୍ରଣୟନ କରିବାରେ କେତେ ଦୂର ସକ୍ଷମ ହୋଇଥାନ୍ତେ,ଭାବିବା କଷ୍ଟ ସାଧ୍ୟ । ତେଣୁ ସବିତା ଆମ୍ବେଦକରଂକୁ ଶ୍ରଦ୍ଧାରେ ମାଈ ବା ମାଆ ବୋଲି ସଂବୋଧନ କରୁଥିଲେ । ହିନ୍ଦୁ ଧର୍ମରେ ଥିବା ବର୍ଣ୍ଣ ବୈଷମ୍ୟ ନୀତି ପ୍ରତି ମୁହୂର୍ତ୍ତରେ ବାବାସାହେବଂକ ମନକୁ ଗଭୀର ଆତ୍ମଗ୍ଲାନି ତଥା ବିଷର୍ଣ୍ଣ କରୁଥିଲା । ବୟସର ଅପରାହ୍ନରେ ସେ ହିନ୍ଦୁ ଧର୍ମ ତ୍ୟାଗ କରି ବୁଦ୍ଧ ଧର୍ମକୁ ଆପଣାଇବା ପାଇଁ ସିଦ୍ଧାନ୍ତରେ ଉପନୀତ ହୋଇଥିଲେ । ୧୯୫୬ ମସିହା ଅକ୍ଟୋବର ୧୪ ତାରିଖ ଦିନ ଦୀକ୍ଷା ଭୂମି ନାଗପୁର ଠାରେ ୫ ଲକ୍ଷ ଅନୁଗାମୀଂକ ସହ ବାବାସାହେବ ଏବଂ ପତ୍ନୀ ସବିତା ଆମ୍ବେଦକରଂକ ସହ ବୁଦ୍ଧ ଧର୍ମ ଗ୍ରହଣ କରିଥିଲେ । ୧୯୫୬ ଡିସେମ୍ବର ୬ ତାରିଖରି ଦୀର୍ଘ ଦିନ ମଧୁମେହ ରୋଗରେ ପିଡୀତ ହୋଇ ଶେଷ ନିଶ୍ୱାସ ତ୍ୟାଗ କଲେ । ୧୯୯୦ ମସିହାରେ ଭାରତ ସରକାର ତାଂକର ଉଲ୍ଲେଖନୀୟ ସମାଜ ସଂସ୍କାର କାର୍ଯ୍ୟ ପାଇଁ ମରଣୋତ୍ତର ଭାବେ ଭାରତ ରତ୍ନ ସମ୍ମାନରେ ସମ୍ମାନିତ କରାଯାଇଥିଲା । ୨୦୦୩ରେ ସବିତା ଆମ୍ବେଦକର ଶେଷ ନିଶ୍ୱାସ ତ୍ୟାଗ କରିଥିଲେ । ସେ ଜୀବିତାବସ୍ଥାରେ ଦଳିତ ସମାଜର କାର୍ଯ୍ୟରେ ନିଜକୁ ନିୟୋଜିତ କରିଥିଲେ ।

*(ସଭାପତି, ଉତ୍କଳ ସାହିତ୍ୟ ସଂସଦ , ମାଲକାନଗିରି)*
*ମୋ.ନଂ:୯୪୩୭୬୭୯୪୪୭*




# ଈଶ୍ୱର


ସୁଜାତା ମହାପାତ୍ର

ଖବରକାଗଜ, ଟେଲିଭିଜନ ସବୁଠି ହଇଚଇ । ପୁଅ ବାପାକୁ ତଣ୍ଟି ଚିପି ହତ୍ୟା କରିଛି ! ଛି, ଛି, କି କଳି କାଳ ହେଲା, ଶେଷରେ ପୁଅ ବାପାକୁ!! ଭଲ ହେଇଛି ମାଆ ନାହିଁ ଏସବୁ ଦୃଶ୍ୟ ଦେଖିବାକୁ । ବିଚାରୀ ମୋକ୍ଷ ପାଇଯାଇଛି ଏ ଅପମାନ ଦେଖିବା, ଭୋଗିବା ଆଗରୁ ! ସକାଳ ପହରୁ ଥାନା ବାବୁମାନେ ଯେତେ ମାଡ଼ ଗାଳି, ଲାତ ଗୋଇଠା ଦେଲେଣି ପଥର ବି ଚୁନା ହୋଇଯା'ନ୍ତା, ହେଲେ ଏ ପିତୃହନ୍ତା ପୁଅ ! କି ଉପାଦାନରେ ଗଢ଼ା କେଜାଣି, ଉଁ କି ଚୁଁ ବି ବାହାର କରୁନି ପାଟିରୁ । ଫାଶୀ ଯେମିତି ଗଳାର ହାର ଆଉ ମୃତ୍ୟୁଦଣ୍ଡ ତା' ପାଇଁ ପୁରସ୍କାର ! ହାରିଗଲେ ବଡ଼ବାବୁ । ଯାଉ ସେ କୋର୍ଟକୁ, ନିଜ କର୍ମର ଫଳ ସେଇଠି ସେ ପାଇବ ।

ଭରପୁର ବିଚାରାଳୟ, ନ୍ୟାୟାଧୀଶ, ଆଇନଜୀବୀ, ପୋଲିସ, ସାମ୍ବାଦିକ, ସାଧାରଣ ଜନତା, ସମସ୍ତଙ୍କ ମନରେ ଉଙ୍କିମାରୁଛି ପ୍ରଶ୍ନ ପରେ ପ୍ରଶ୍ନ!

କାହିଁକି ?

କି ଦଣ୍ଡ ପାଇବ ଏ ପିତୃଘ୍ନ ପୁତ୍ର ?

ମୃତ୍ୟୁଦଣ୍ଡ!! ତା' ବି କଣ ଯଥେଷ୍ଟ ହେବ ଏଭଳି ଘୃଣ୍ୟ ଅପରାଧ ପାଇଁ ? ତାକୁ ପିଲାଟିଦିନରୁ ଜାଣିଥିବା, ଦେଖିଥିବା, ଚିହ୍ନିଥିବା ବନ୍ଧୁ ଓ ଶୁଭାକାଂକ୍ଷୀ ମଧ୍ୟ ପହଂଚିଛନ୍ତି କୋର୍ଟ ରୁମରେ । ନିଜ ହାତରେ କୋଳେଇ କାଖେଇ ମଣିଷ କରିଥିବା କିଛି ବୟସ୍କଙ୍କ ଆଖିରେ ବିସ୍ମୟ । ଅତ୍ମୀୟସ୍ୱଜନଙ୍କ କରୁଣ ଚାହାଣୀ ଓଦା ଓଦା । ସେମାନେ ନା ଦଣ୍ଡ ଚାହୁଁଛନ୍ତି ନା ମୁକ୍ତି, ଖୋଜୁଛନ୍ତି କେବଳ କାରଣ!

ନିଜକୁ ସମସ୍ତଙ୍କ ଦୃଷ୍ଟି ଆଢୁଆଳରେ ରଖି ଆପାଦ ମସ୍ତକ ଦୁଃଖର ଚାଦରଟେ ଘୋଡେଇ ହୋଇ ଚୁପଚାପ ଗୋଟିଏ କୋଣରେ ଢାଳି ହୋଇ ବସିଛି ଅଠର କୋଡିଏ ବର୍ଷର ତନୁ ପାତେଳି ଝିଅଟିଏ । କେହି ତାର ପରିଚୟ ନପାଉ ସତତ ଚେଷ୍ଟିତ ସେ । ଭାଇକୁ ଶେଷ ଥର ପାଇଁ ଟିକେ ଦେଖିବାର ମୋହ ନେଇ ପଶି ଆସିଛି ଜନଗହଳି ଭିତରକୁ । ଏତେ ବର୍ଷ ଧରି ରାକ୍ଷୀ ବାନ୍ଧୁଥିବା ସେ ହାତରେ ଆଜି ହାତକଡି! ବିଜୟ ତିଳକ ଭରିଦେଉଥିବା ସେ ମଥାରେ କଳଙ୍କର ଟୀକା, କୋରି ହୋଇଯାଉଛି ଦେହ ମନ । ତଥାପି ଦୁଃଖର ଉତ୍ତୁଙ୍ଗ ଲହଡି ମାନଙ୍କୁ ନିଜ ଭିତରେ ଗଭୀର କ୍ଷତି କରିବାକୁ ଛାଡିଦେଇ ନିଜେ ନିଜ ପାଇଁ ବରିନେଇଛି ନିଶବ୍ଦତା !

ସେ କେବଳ ଚାହିଁରହିଥାଏ କୁନି ଭାଇଟିର ସେ ପରିପକ୍ୱ ଆଖି ହଳକକୁ ।

ବାରମ୍ବାର ଜର୍ଜ ସାହେବ ପଚାରୁଥିଲେ କାହିଁକି ମାରିଲୁ ତୁ ନିଜ ବାପ କୁ? ଯାହା ଔରସରୁ ତୁ ସଂସାର ଦେଖିଲୁ, ଜୀବନ ପାଇଲୁ, ସୁଖ ଭୋଗିଲୁ, ଯେ ତୋତେ ମଣିଷ କଲା, ତାକୁ ତୁ ନିଜ ହାତରେ ହତ୍ୟା କରିପାରିଲୁ କେମିତି? ତୋ ହାତ ଥରିଲାନି, ତୋ ଆତ୍ମା କଣ ମରିଯାଇଛି? ଜଡ, ମୂର୍ତ୍ତିଟିଏ ତ ନୋହୁଁ ତ ତୁ!!

ତଥାପି ଚୁପ ସେ । ମୃତ୍ୟୁଦଣ୍ଡ ପାଇଁ ବଜ୍ର ଶପଥ ନେଇସାରିଛି ଯେତେବେଳେ ଯେ କୌଣସି ଶବ୍ଦ ବୃଥା । ସରକାରୀ ଓକିଲଙ୍କ ବାରମ୍ବାର ଜେରା, ପକ୍ଷ ଓକିଲଙ୍କ ଅସହାୟତା, ଉପସ୍ଥିତ ଜନଗହଳିର ଘୃଣାପୂର୍ଣ୍ଣ ମନ୍ତବ୍ୟ ସବୁ କିଛି ଶାଣିତ ଶର ଭଳି ଛିଟିକି ଆସୁଥାଏ ଚତୁର୍ଦିଗରୁ, ତଥାପି ଆରୋପୀ ଚୁପ । ଶେଷରେ ଜର୍ଜ ସାହେବ ଶୁଣାଇବାକୁ ଉଦ୍ୟତ ହେଲେ ସେହି ନିର୍ଦ୍ଧାରିତ ଦଣ୍ଡାଦେଶ ଯାହାର ପ୍ରତୀକ୍ଷା କରିଛନ୍ତି ଉପସ୍ଥିତ ସମସ୍ତେ ।

ଭାରତୀୟ ନ୍ୟାୟ ବ୍ୟବସ୍ଥାରେ ଉଲ୍ଲିଖିତ, 'ଶହେ ଦୋଷୀ ପଛେ ନିର୍ଦ୍ଦୋଷରେ ଖଲାସ ହୋଇଯାନ୍ତୁ କିନ୍ତୁ ଜଣେ ନିର୍ଦ୍ଦୋଷ ଶାସ୍ତି ନପାଉ', ତେଣୁ ଶେଷ ପ୍ରୟାସ ପାଇଁ ଆଦେଶ ଦେଲେ ଜଜ୍ ସାହେବ ।

ପକ୍ଷ ଓକିଲ ହତ୍ୟାକାରୀର ଭଉଣୀଟିକୁ ଡାକିଲେ କାଠଗଡା ଭିତରକୁ ସାକ୍ଷୀ ରୂପରେ । ହୁଏତ ସେ କହିପାରେ ଏ ହତ୍ୟାର କାରଣ !

ନାନୀକୁ ସାମ୍ନାରେ ଦେଖି ବିଚଳିତ ହତ୍ୟାକାରୀ, ହୁଏତ ସେ ଚାହେଁନାହିଁ ତାକୁ ସାମ୍ନା କରିବା ପାଇଁ । ତଥାପି ସାହସର ଶେଷ ସୀମା ଭିତରେ ନିଜକୁ ଆହୁରି ଦୃଢ଼କଲା ଅପରାଧି । ଯଥାସମ୍ଭବ ଲୁଚାଇ ରଖିବାକୁ ଚେଷ୍ଟା କଲା ତା ଚେହେରା, ନିଷ୍ଠୁରତାର କର୍କଶ ଆବରଣ ମଧ୍ୟରେ ।

କାଠଗଡ଼ାରେ ଠିଆ ହୋଇଥିବା ନିରବ, ନିଶ୍ଚଳ ନାରୀ ମୂର୍ତ୍ତିଟି ପାଇଁ ଓକିଲଙ୍କ ପ୍ରଶ୍ନ: ତୁମେ ଏ ପିତୃହନ୍ତା ପିଶାଚକୁ ଚିହ୍ନିଛ? କି ସମ୍ପର୍କ ତୁମର ଅପରାଧି ସହ??

କର୍ତ୍ତବ୍ୟର ଜୁଆରରେ ଭାଙ୍ଗିଗଲା ଧର୍ଯ୍ୟର ବନ୍ଧ । ଅସହାୟ ଲାଗୁଥିବା ନିଶବ୍ଦ ନାରୀ ମୂର୍ତ୍ତିଟି ଅସମ୍ଭବ ଚିତ୍କାର କରି ଥରି ଉଠିଲା । ରକ୍ତବର୍ଣ୍ଣ ବିଭୀଷିକା ମୟ ଚାହାଣୀରେ ନିରବିଗଲେ ସମସ୍ତ ଶବ୍ଦ ।

ଚୁପ କର ତୁମେ, ତୁମେ ସମସ୍ତେ ଚୁପ କର । ସେ ନରହନ୍ତା ନୁହେଁ ବରଂ ଜଣେ ରାକ୍ଷସକୁ ହତ୍ୟାକରିଥିବା ଈଶ୍ୱର । ଯେ ନାରୀକୁ ସମସ୍ତ ସମ୍ପର୍କରୁ ଉର୍ଦ୍ଧ୍ୱରେ, କେବଳ ରକ୍ତ ମାଂସର ଦେହ ଖଣ୍ଡେ ବୋଲି ଗ୍ରହଣ କରିନେଇଥିଲା, ସେ ହିଁ ପ୍ରକୃତ ନର ପିଶାଚ । ଇଏ ତ ମୁକ୍ତି ଦେଇଛି ତାକୁ ତା' ଅଭିଶପ୍ତ କାମୁକ ଜୀବନରୁ । ଭାଇ ରୂପରେ ସେ ମୋ ପାଇଁ ସ୍ୱୟଂ ଈଶ୍ୱର । ପାରିବ ଯଦି ବଦଳାଇଦିଅ ତୁମ ଆଇନ,କାନୁନ । ଦଣ୍ଡ ନୁହେଁ ପୁରସ୍କାର ଦିଅ ତାକୁ । ପ୍ରତିଟି ଘରେ ଜନ୍ମ ନିଅନ୍ତୁ ଏଭଳି ଯୁଗଜନ୍ମା ଆଉ ବନ୍ଧ କରନ୍ତୁ ପ୍ରତିଟି ନରରାକ୍ଷସଙ୍କୁ ।

ଶିବାନୀ ଏଂକ୍ଲେଭ
ବମୀଖାଲ କେନାଲ ରୋଡ
ଭୁବନେଶ୍ୱର, ୭୫୧୦୧୦
ଫୋନ : ୯୪୩୭୩୬୦୯୬୪

## ନେତାଜୀଙ୍କ ସ୍ୱପ୍ନ

*କବି ଦୀନବନ୍ଧୁ ବେଜ*



ରକତ କିଏ ମାଗେ ?
ରକତ ନିଗାଡିଲେ ହୁଏ ଅମଳ
ଖିଲି ଖିଲି ହସେ ଫୁଲ ଫଳ
ଆସେ ବସନ୍ତ ଋତୁ
ଗାଏ କୋକିଳ
ହୁଏ ଶୀତର ମୃତ୍ୟୁ,
ଚାରିଆଡ଼ ? ପଡ଼ ? ଚହଳ
ହସେ ରକ୍ତର ନିଗିଡା ଫସଲ ।
ମରିବାକୁ କାହାର ଇଚ୍ଛା ଅଛି
ଇଚ୍ଛାମୃତ୍ୟୁ କିଏ କାହିଁକି
କରିବ ବରଣ
ତଥାପି ଡାକରା ରେ .........
ଘରେ ଘରେ ଦାଣ୍ଡ ଓ ବାହାରେ
ସବୁଠି ଉଭା ହୋଇ ପାରନ୍ତି ଭିଷ୍ମ ,
ଶୀତଳ ରକ୍ତ ବି ଟକମକ ଫୁଟେ
ଶ୍ୱେତ ରକ୍ତ କଣିକା ବି ହୋଇଯାଏ ଉଷ୍ଣ ।
ସବୁ ପରେ ବି ଉତ୍କୃଷ୍ଟ ଚେତନା
କାଟିପାରେ ସୁନାର ଫସଲ
ବୁଣି ପାରେ ପ୍ରେରଣାର ବୁଢିଆଣୀ ଜାଲ,
ଆଲୋକରୁ ଅନ୍ଧାର ଆଡ଼କୁ ଗଲେ ଅର୍ଗଳୀ
ଅନ୍ଧାରରୁ ଆଲୋକକୁ ଗଲେ ନିର୍ବାଣ
ଏଇଠି କରିପାରେ ପଞ୍ଚତତ୍ତ୍ୱ ଆଲିଙ୍ଗନ
ସବୁଠି ଆଶାର ଆଲୋକ
କେଉଁଠି ବି ହସି ପାରେ
ଶାଗୁଆ ସୋରିଷର କ୍ଷେତ ......
କାହିଁକିନା ଏ ସବୁର ସ୍ୱପ୍ନ
ଦେଖିଥିଲେ ନେତାଜୀ ସୁବାଷ ।

*ମାଲକାନଗିରି, ଓଡ଼ିଶା*
*ମୋ:-୭୬୮୩୯୨୦୨୨୧*

## ବିଦାୟ

*ସୁଶାନ୍ତ କୁମାର ମହାରଣା*



ତୁମ ଜୀବନଟା ଆଲୋକିତ ହେଉ
ଯେମିତି ପୂର୍ଣ୍ଣିମା ତିଥି
ମୋ ଜୀବନ ଏବେ ଅନ୍ଧକାରମୟ
ଯେହ୍ନେ ଅମାବାସ୍ୟା ତିଥି ॥୧॥
ତୁମ ଅଗଣାରେ ଆନନ୍ଦ ଲହରୀ
ଖେଳୁଥିବ ଯେତେବେଳ
ମୋ ଅଗଣାରେ କ୍ରନ୍ଦନର ରୋଳ
ଶୁଭୁଥିବ ସେତେବେଳ ॥୨॥
ମନ୍ଦିରରେ ତୁମେ ଦୀପ ଜାଳୁଥିବ
ତୁମର ମଙ୍ଗଳ ପାଇଁ
ମନ୍ଦିର ଯାଇ ମୁଁ ଦୀପ ଜାଳୁଥିବି
ମୋ ଜୀବନ ମୁକ୍ତି ପାଇଁ ॥୩॥
ତୁମ ଜୀବନରେ ବସନ୍ତେ ମଳୟ
ଗାଇବ ପ୍ରେମର ଗୀତି
ମୋ ଜୀବନେ କିନ୍ତୁ ସର୍ବଦା ବହୁଛି
ବୈଶାଖର ଝାଞ୍ଜି ତାତି ॥୪॥
ତୁମ ଫୁଲ ଶେଯ ସଜ୍ଜା ହେଉଥିବ
ବାସର ପ୍ରୀତି ପାଇଁକି
ମୋର ଫୁଲ ଶେଯ ସଜ୍ଜା ହେଉଥିବ
କୋକେଇ ରହିବ ସାକ୍ଷୀ ॥୫॥
ତୁମ ଜୀବନଟା ଖୁସିରେ ବିତିବ
ନୂଆଁ ସାଥିଟିଏ ପାଇ
ମୋ ଜୀବନେ ପରିସମାପ୍ତି ଘଟିବ
ଏ ସଂସାରୁ ବିଦାୟ ହୋଇ ॥୬॥
ତୁମ ପାଇଁ ଲୋଡା ସାଙ୍ଗସାଥୀ ମେଳ
ତୁମ ବାହାଘର ପାଇଁ
ମୋ ପାଇଁକି ଲୋଡା ଆତ୍ମୀୟସ୍ୱଜନ
ମୋ ବିଦାୟ ବେଳ ପାଇଁ ॥୭॥
ତୁମେ ବସିଥିବ ବାହା ସବାରୀରେ
ବାହାଘର ହେବାପାଇଁ
ଛଅ ଖଣ୍ଡ ବାଉଁଶ ସବାରୀ ଶେଯରେ
ମୁଁ ଥିବି ଚିରନିଦ୍ରା ଯାଇ ॥୮॥
ତୁମ ଜୀବନଟା କୁସୁମିତ ହେଉ
ମୋ ଜୀବନ ଶୂନ୍ୟ ପଥ
ବିଦାୟ ବିଦାୟ ବିଦାୟ ହେ ବନ୍ଧୁ
ଆଉ ନ ହୋଇବ ଭେଟ ॥୯॥

*ଝାଟିପଦର ,ପାଲୁରୁ (ଗଞ୍ଜାମ)*
*ମୋ -୯୪୩୭୯୦୨୦୯୪୯*

## ଆସିବେ ରଘୁନନ୍ଦନ

*ସୁନୀଲ କୁମାର ପ୍ରଧାନ*



ପ୍ରଭୁ ଆସୁଛନ୍ତି ଧରାକୁ ସଙ୍ଗାତ
ସଭିଙ୍କ ଆନନ୍ଦ ମନ
ବାଇଶି ତାରିଖ ଏ ଶୁଭ ଦିନରେ
ଆସିବେ ରଘୁନନ୍ଦନ ।
ପାଞ୍ଚଶହ ବର୍ଷ ଅପେକ୍ଷାର କ୍ଷଣ
ହୋଇଲା ଆଜି ସମାପ୍ତ
ଅଯୋଧ୍ୟାପୁର ମୋ ହସି ଉଠୁଅଛି
ସଭିଙ୍କ ମନ ତୃପତ ।
ଏହି ଶୁଭ ଦିନେ ଏକତ୍ରିତ ହୋଇ
ପ୍ରଭୁଙ୍କ ନାମକୁ ନେବା
ଜୟ ଶ୍ରୀ ରାମ ତୁଣ୍ଡରେ ନେଇଣ
ଦୁଆରେ କୁମ୍ଭ ସ୍ଥାପିବା ।
ଦୀପ ଜାଳି ଶୁଭ ଶଙ୍ଖକୁ ବଜାଇ
ଶୁଭିବ ଘଣ୍ଟ ମୃଦଙ୍ଗ
ଉତ୍ସବ ମୁଖର ହୋଇବ ଭାରତ
ଧରିବା ପୁଣ୍ୟର ମଙ୍ଗ ।
ବହୁଦିନ ପରେ ସଫଳ ହୋଇଲା
ରାମରାଜ୍ୟର ସ୍ଥାପନ
ରାମ ନାମ ସାରା ଜଗତ ବ୍ୟାପିବ
ଚରଣେ ରହୁମୋ ମନ ।

*ଝାଟିପଦର , ପାଲୁର , ଗଂଜାମ*
*ମୋ - ୭୬୦୯୯୩୪୩୬୬*

## ଶ୍ରୀ ଶ୍ରୀ ରାମ ଲାଲା

*ସୁରେନ୍ଦ୍ର ନାଥ ସାହୁ*



ବାବରି ମସଜିଦ୍ ବର୍ବର ବାବରର
ଅମାନବୀୟ କୁତ୍ସିତ ଏକ ଦମ୍ଭ ଥିଲା ।
ଦୁରାଚାରୀର ଦୁରାଚାର
ଏପରି ଅମାନବୀୟ କର୍ମ କରି
ମରି ବି କାଳେ ଅମର ହେବ ଭାବିଥିଲା ।
ହେଲେ କ'ଣ ହେଲା
ଧ୍ୱଂସ ହେଲା ତା ଅହଂ ମାନ୍ୟତା
ନାମ ନିଶାଣ ଲିଭିଲା ।
କିନ୍ତୁ ଚିନ୍ତା କରନ୍ତୁ ମହାଜନେ
ଭାଙ୍ଗିବା ଗଢିବା ବି କେଉଁଠି ନା କେଉଁଠି
ମୋ ମତରେ ପ୍ରଭୁଙ୍କ ଇଚ୍ଛାରେ ହେଲା ।
ଆଉ ଯେ ମହାକାଳ
ଏକ ଅସହନୀୟ ଖେଳ ଖେଳି
ଆମକୁ ଜଗାଇଦେଲା ।
ସିଥିଳ ପଡି ଯାଇଥିବା ସନାତନୀ ରକ୍ତ
ପ୍ରତ୍ୟେକଙ୍କ ଶିରା ପ୍ରଶିରାରେ
ତିବ୍ର ଗତିମାନ ହେଲା
ତନ୍ଦ୍ରା ତେଜି ପୁଣି
ପୁତ ପୌରୁଷତାର ବଜ୍ର ବଳ ବାହୁ
ଦେବୋପମ ହୁଙ୍କାର ଭରିଲା ।
ତ୍ୟାଗ ତପ ତିତିକ୍ଷାର ସଂସ୍କୃତି
ବଳିଦାନର ଏକ
ସଂଘର୍ଷମୟ ଦିକ୍ଷା ଦେଇଗଲା ।
ଶେଷରେ ଶହ ଶହ ବର୍ଷର ଲଢ଼ାଇ
ମର୍ଯ୍ୟାଦାର ବିଜୟ ଧ୍ୱଜା ଉଡାଇ
ଭବ୍ୟ ଦିବ୍ୟ ମନ୍ଦିରଟିଏ
ପୁନଃ ଅଯୋଧ୍ୟାରେ ନିର୍ମାଣ କଲା ।
ଆନନ୍ଦରେ ଉଛୁଳୁଛି ପୁରା ଦେଶ
ଅପଲକେ ଅନେଇ ବସିଛି ଦେଶ ବିଦେଶ
ରାମ ଭକ୍ତିରେ ପାଗଳ ପୁରା ପରିବେଶ
ଚାରିଆଡୁ ଶୁଭୁଛି ଶୁଭେଚ୍ଛା ସନ୍ଦେଶ
ବାଜୁଛି ସ୍ୱାଗତ ସଙ୍ଗୀତର ଡ଼ାକବାଜି
ଲାଗି ରହିଛି ମଧୁମୟ ହୋହାଲା ।
ବିରାଜିଗଲେ ବୋଲି ନିଜ ଜନ୍ମସ୍ଥାନରେ
ଆଦର୍ଶ ପୁରୁଷୋତ୍ତମ
ଭଗବାନ ଶ୍ରୀ ଶ୍ରୀ ରାମ ଲାଲା ।
ହେଲେ ରାମ କିଏ ତାଙ୍କୁ
ବୁଝିଲେ ହେଲା ।
ତାଙ୍କୁ ତ ଅକ୍ଷରେ ଲେଖିଦେବା
ମୋ ପରି ଅକିଞ୍ଚନ ପାଇଁ ଅସମ୍ଭବ ଭଲା ।
ତଥାପି କରୁଛି କିଛି ଶବ୍ଦ ଅରପଣ
ରାମ.....
ଯେ ମାଟିର ଗୌରବମୟ ସ୍ୱାଭିମାନ ।
କଣ କଣରେ ଗୁଞ୍ଜରିତ ହେଉଥିବା
ଶିଖର ଚେତନାର ସ୍ପନ୍ଦନ ।
ସଚ୍ଚୋଟ ମାନବ ହୃଦର ସର୍ବାଗ୍ର ଧନ
ବ୍ରହ୍ମାଣ୍ଡୀୟ ଶକ୍ତିର ଜାଜ୍ୱଲ୍ୟମାନ କିରଣ ।
କୋଟି କୋଟି ମଥାର ଶ୍ରଦ୍ଧା ତିଳକ
ଅଗାଧ ଆତ୍ମ ଅନୁଶାସନର ଅବତାର
ଶ୍ରଦ୍ଧା ଶଙ୍କର ଆଉ ସମ୍ପର୍କର
ସୁଗନ୍ଧିତ ଅକ୍ଷୟ ଅମଳିନ ମହାପ୍ରାଣ ।
ନିଷ୍କଳଙ୍କ ଚରିତ୍ରର ବ୍ୟବହାରିକ ବିବରଣ ।
ବିମଳ କର୍ମର ଦେହାଧି ବିଜ୍ଞାନାୟନ ।
ସାମାଜିକ ସମରସତାର ଅମିୟ
ଦୃଷ୍ଟିକୋଣ
ଶୁଦ୍ଧ ପୂତ ଅନନ୍ତ ପରାକ୍ରମର
କାଳଜୟୀ ସ୍ଫୁରଣ
ମାନବତାର ସର୍ବୋଚ୍ଚ ପ୍ରମାଣ ।
କଳମ୍ବ (ଡିହସାହି)
ପୋଲସରା
ଗଞ୍ଜାମ
ମୋ.ନଂ:-୮୧୨୮୯୧୯୨୫୬

## ଅମର ଶହୀଦ

*ଆଦ୍ୟାଶା ମହାପାତ୍ର*



ତୁମେ ଏ ମାଟିରେ ଅମର ଶହୀଦ
ତୁମେ ହିଁ ମୁକ୍ତିର ମଧୁ ସ୍ୱାଦ
କୋଟି ହୃଦୟର ସମ୍ରାଟ ହେ ତୁମେ
ତୁମେ ଏ ଦେଶରେ ଚିରବନ୍ଦ୍ୟ,
ତୁମେ ଅଲିଭା ଶିଖାର ଜ୍ୟୋତି,
ସାଗର ଗର୍ଭର ଶାମୁକା ଭିତରେ
ତୁମେ ଅମୂଲ୍ୟ ଅତୁଲ୍ୟ ମୋତି।
ତୁମ ବୀରତ୍ୱର ଅମଳିନ ଗାଥା
ଇତିହାସେ କେ ବା ପଢ଼ିନାହିଁ,
ମାଟି ମାଆ ପାଇଁ କେତେ ଆକୁଳତା
କିଏ ସେ ବା ଆଜି ବୁଝି ନାହିଁ,
ତଥାପି ସମୟ ଧୋକାଦିଏ
ସ୍ୱାଧୀନତା ଆଜି ମଣିଷ ଭିତରେ
ସ୍ୱେଚ୍ଛାଚାରିତାର ରୂପନିଏ।
ରିକ୍ତ ମାନବତା ଚକ୍ଷୁ ପଟଳରେ
ହିଂସାର ପରଳ ଯାଏ ଘୋଟି,
କଲ୍ୟାଣକାରୀ ଚିନ୍ତା ଓ ଚେତନା
ମନୁଷ୍ୟ ଅନ୍ତରୁ ଯାଏ ହଟି
ମାଟି ମାଆ ଛାତି ଯାଏ ଫାଟି,
କାରା ସମ ଲାଗେ ଏ ସୁନ୍ଦର ଧରା
ଅବଦ୍ୟ ଅସହ୍ୟ ଜ୍ୱାଳା ଏଠି ॥
ଏଠି ଖାଲି ଆଜି ବୃଥା ଅହମିକା
ସ୍ୱାର୍ଥ ଅସୂୟା କପଟେ ଭରା
ବିଷ ବଳୟରେ ବିଶ୍ୱାସ ହଜିଛି
ନିଃଶ୍ୱାସ ଆଜି ଛନ୍ଦ ହରା
ଇଗଲର ଉଗ୍ର ପଞ୍ଝାତଳେ,
ମାଟିର ସନ୍ତାନ ହୁଏ ଛଟପଟ
ମହାକାଳ ହସେ ବିକଟାଳେ।
ତଥାପି ତ ଆଜି ମୋ ମନ ତଳରୁ
ଅକୁହା ବେଦନା ଫୁଟି ଉଠେ
ରୁଦ୍ଧ କଣ୍ଠରୁ ଅଜଣା ଆବେଗେ
ଝରି ଆସୁଅଛି କୋହ ସତେ,
ଆଖିରେ ଲହଡ଼ି ଭାଙ୍ଗେ ଲୁହ
ହେ ଶହୀଦ୍ ତୁମେ ଶୂନ୍ୟରେ ଥାଇ
ଅଭୟ ଆଶିଷ ଯାଚିଦିଅ ॥

*ନୂଆପଡା, କଟକ*

## ମୂର୍ତ୍ତିକାର

*ସୁଧାକର ରାଉତ*



ତୁମରି ସିନିହ ମନ୍ତ୍ର ?
ସାଜିଛି ମୁଁ ଯନ୍ତ୍ର
ତୁମକୁ ଗଢିବା ପାଇଁ
ନାହିଁ ମୋର କଳା, କଉଶଳ
ଜଣା ନାହିଁ କେଉଁ ତାନ୍ତ୍ରିକର
ଚମତ୍କାରିତା ଦେଖାଇବା ତନ୍ତ୍ର ।
ତୁମ ଆକାଶରେ ଝୁଲୁଥିବା
ଶତ ଶତ ଅତିନ୍ଦ୍ରୀୟ ଜଗତରୁ
ଚେନାଏ ତୋଳି ଆଣିବାର ସୂତ୍ର
ପରିଚିତ କରାଇଛି ମୋତେ କାରିଗର ।
ଏ ଅଧମ ନିଜର ହୃଦୟ ଚିପୁଡି
ମାଟି,ପଥର, ଛାତିରେ ବିଶ୍ୱାସ କୁ ଭିଡି
ପୂର୍ଣ୍ଣ କରେ ସବୁରି ଚାଙ୍ଗୁଡ଼ି ।
ଆପଣାକୁ ହଜାଇଣ ତୁମରି ଭିତରେ
ମୋ ଉଦାସ ସଞ୍ଜ ଆଉ
ଆଶାୟୀ ସକାଳକୁ
ଜୋର କରି ଏଡାଇ ଦେଇ
ମୋ ମନରେ ଡେଣା ଲଗାଇ
ଜଳିଉଠେ ତୁମ ସୂର୍ଯ୍ୟୋଦୟ ଚିତାରେ ।
ମୋ ହୃଦୟ ତନ୍ତ୍ରୀରେ ବାଜି ଉଠେ
ତୁମ ସାହାନାଇ
ମୁଁ ମୂର୍ତ୍ତି ମାନଙ୍କ ଭିତରେ
ନିଜକୁ ଖୋଜଇ
ଇଚ୍ଛା ହୁଏ ଏହିପରି
ଭାସୁଥାଆନ୍ତି କି ତୁମ
ପ୍ରେମର ତରଙ୍ଗ ହୋଇ ।

*ପ୍ରତାପ ନଗରୀ, କଟକ*
*ମୋ-୮୨୪୯୯୩୨୭୯୨*

## ଓଡିଶାର ପରିଚୟ

*କାଳି ଦାସ*



ଓଡିଆର ପ୍ରାଣର ପ୍ରତିମା
ଜଗତର ନାଥ ଜଗନ୍ନାଥ।
ମୋ ପୂର୍ବ ପୁରୁଷ
ଯାହାଙ୍କ ନାମ ବି ମୁଁ ଜାଣିନୀ
ତୋ ବଡ଼ ଦେଉଳ ରେ
ଠିଆ ହୋଇଥିବେ
ତୋ ଆଖି ରେ ଆଖି ମିଳାଇ
ମାଗିଥିବେ ତୋର ଆଶୀର୍ବାଦ
ଆଗାମୀ ଦିନ ରେ ମୁ ଜାଣି ନଥିବା
ମୋର ନୂଆଁ ପିଢୀ ଜନ୍ମ ନେବେ
ଠିଆ ହେବେ ତୋହୋର ଦ୍ୱାର ରେ
ତୋ ଆଖିରେ ଆଖି କୁ ମିଶାଇ
ଆଶୀର୍ବାଦ ଭୀକ୍ଷାତ କରିବେ
କେଉଁ କାଳ ରୁ ତୁ ବାଣ୍ଟି ଆସିଛୁ
ଓଡିଶା ଭୂମି କୁ ଶାନ୍ତି ଓ
ସଦଭାବ ର ବାର୍ତ୍ତା
ସାଲବେଗର ମନଛୁଆଁ ଜଣାଣ
ଦାସିଆ ବାଉରୀର ନଡିଆ ଯାଚ଼ଣ
ସବୁ କିଛି ଲାଗେ ନୂଆଁ ନୂଆଁ ।
ତତେ ନେଇ ସୃଷ୍ଟି ହୁଏ ଓଡିଆ ସଙ୍ଗୀତ
ତତେ ନେଇ ଲେଖା ହୁଏ
ଓଡିଆ ସାହିତ୍ୟ
ଓଡିଆର ପ୍ରାଣର ପ୍ରତିମା
ଜଗତରନାଥ ଜଗନ୍ନାଥ
ଅନେକ ଆକୁଳ ଆଖି ମାଗେ ଭିକ୍ଷା
ତୋର କରୁଣା ର
ଜୀବନ ବିତିଯାଏ ପ୍ରତୀକ୍ଷା ରେ
ତୋର ଦର୍ଶନ
ବଡ ଦେଉଳର ବଡ ଠାକୁର
କୃପା ବର୍ଷା କର ବାରମ୍ବାର

*ବ୍ରହ୍ମପୁର,*
*ଖୋଡାସିଙ୍ଗ କଳିଙ୍ଗନଗର ,*
*ଦୂରଭାଷ:୭୨୦୫୧୦୦୮୩୯*

## ହତଭାଗ୍ୟ

*ସୁଦର୍ଶନ ମହାପାତ୍ର*



ସବୁ କାଠଙ୍କ ଭାଗ୍ୟରେ ନଥାଏ
ଘରର ମଥାନ ହେବା
ଅସହାୟ ପାଇଁ ଆଶାବାଡି ହେବା
ମହାପ୍ରଭୁଙ୍କ ପାଇଁ
ମହାପ୍ରସାଦ ରାନ୍ଧିବା
ହୋମାଗ୍ନିରେ ଘିଅ ସହ ଜଳିବା
ଶୁବ ହେବା...
ଶୁଚ ହେବା...
ସବୁ କାଠଙ୍କ ଭାଗ୍ୟରେ ନଥାଏ
ପଲଙ୍କ ହେବା
ପାଲିଙ୍କି ହେବା
ରଥ ହେବା
ଖଟୁଲି ହେବା
ଦିଅଁ ରୂପେ ପୂଜା ପାଇବା
କିଛି କାଠ
ଜଳି ଅଙ୍ଗାର ହୁଅନ୍ତି
କିଛି କାଠ
ପାଉଁଶ ପାଲଟନ୍ତି
କିଛି କାଠ ପୁଣି
ଖରା, ବର୍ଷା, କାକର ସହି
ଭାଗ୍ୟକୁ ଆଦରି ପଡଥାନ୍ତି
ମୁଁ ବି ସେମିତି ଖଣ୍ଡେ କାଠ
ସମସ୍ତଙ୍କ ଆଖିରେ
କେତେବେଳେ ଦରପୋଡା ତ
କେତେବେଳେ ଅଙ୍ଗାର
କେତେବେଳେ ପୁଣି
ଖରା ବର୍ଷା ଘୁଣଖିଆ
ହତଭାଗ୍ୟ କୁଳାଙ୍ଗାର...!!!!

*କୁଞ୍ଜବିହାରୀ ଲେନ, କଟକ*

## ହତ୍ୟାକାରୀ

*ଶ୍ରୀବତ୍ସ କୁମାର*

ଛଳନାର ସୀମାକୁ ଲଂଘିଗଲ କାବେରୀ
ବୁଝିଲନି ପ୍ରେମର ମହତ୍ତ୍ୱ
ମୋ ହୃଦୟକୁ ଭାବିଲ କି ବାଲିଘର
ଚାଲିଗଲ ଗୋଇଠାଟେ ମାରି
ସରଳିଆ ବୋଲି
କଣ ଠକିଦେଇଗଲ !
ଏଇ କଣ ମୋ ପାଉଣା
ତୁମକୁ ଅନ୍ଧଭଳି ଭଲପାଇବାର
ଓଠରେ ହସ
ଆଉ ଛାତିରେ ବିଷ
ତୁମେ କେମିତି ରଖିପାରିଲ !
ବ୍ୟର୍ଥ ପ୍ରେମିକ ସଜାଇ
ତିଳତିଳ କରି ମୋର ମରିବାର
ନିଜ ଆଖିରେ ଦେଖିବାକୁ
ତୁମେ କଣ ଭଲପାଉଥିଲ !
ସଭିଙ୍କ ଆଗରେ ତୁମେ
ହେଇପାର ନିରୀହ କାବେରୀ
କିନ୍ତୁ ଥରେ ଯାଇ ନିଜକୁ
ଆଇନାରେ ଦେଖ
ତୁମେ ଜାଣିବ
ଆଜିବି ଖୋଲା ବୁଲୁଛି
ଏ ଦୁନିଆର ସବୁଠାରୁ ବଡ଼ ହତ୍ୟାକାରୀ ।

*ଫୋନ - ୯୦୪୦୦୨୧୩୭୯*
*ବ୍ରହ୍ମପୁର , ଗଞ୍ଜାମ*

## କଞ୍ଚା ବୟସ-ପାଚ଼ିଲା ବୟସ

*ନିରଞ୍ଜନ ସାହୁ*



କଞ୍ଚା ବୟସରେ ଯେଉଁ ଜୀବନଟା
ରଙ୍ଗୀନ ରଙ୍ଗୀନ ଲାଗେ
ପାଚ଼ିଲା ବୟସେ ସେ ଜୀବନ ରଙ୍ଗ
ରହି ପାରେନାହିଁ ବାଗେ ।
କଞ୍ଚା ବୟସରେ ଗିରି ଲଙ୍ଘିଯାଏ
ଯେଉଁ ମଣିଷଟା ଦିନେ
ପାଚ଼ିଲା ବୟସେ ବଞ୍ଚି ହୁଏନାହିଁ
ଆଉ କା ' ସାହାରା ବିନେ
କଞ୍ଚା ବୟସରେ ଦାତା ସାଜେ ଯିଏ
ପାଚ଼ିଲା ବୟସେ ମାଗେ ।
କଞ୍ଚା ବୟସରେ ତୋଡ ଦେଖାଇ ଯେ
ଭାଙ୍ଗିଦିଏ କାହା ଗୋଡ଼
ପାଚ଼ିଲା ବୟସେ ବଦଳି ଯାଆଇ
ତାହା ଜୀବନର ମୋଡ଼
କଞ୍ଚା ବୟସରେ ବଞ୍ଚିବାକୁ ଇଚ୍ଛା
ପାଚ଼ିଲେ ମରଣ ଜାଗେ ।
କଞ୍ଚା ବୟସରେ ସ୍ୱପ୍ନ, ସମ୍ଭାବନା
ନିଇତି ଜନମ ହୁଏ
ପାଚ଼ିଲା ବୟସେ ମନ ମରିଯାଏ
ସପନ ନିରବେ ଶୁଏ
କଞ୍ଚା ବୟସରେ ବଞ୍ଚିବା, ବଢ଼ିବା
ପାଚ଼ିଲେ ଝଡିବ ଆଗେ ।

*ନିହଲ ପ୍ରସାଦ , ଗଁଡିଆ ପାଟଣା*
*ଢେଙ୍କାନାଳ- ୭୫୯୦୧୬*
*ମୋ :୯୯୩୮୭୪୧୫୮୩*

## ମୋ କାଳିଆ ଠାକୁର

*ଜଗଦୀଶ ପଣ୍ଡା*



ବରଷକ ଥରେ ଦରଶନ ଦେଉ
କାଳିଆ ତୁ ଶରଧା ବାଲିରେ
କୋଟି କୋଟି ଭକ୍ତ ପାପ ଧୋଇବାକୁ
ତୋ ପାଖକୁ ଧାଇଁ ଆସନ୍ତିରେ ।
ଦରଶନ ତୋର ଟିକେ ପାଇଗଲେ
କୋଟି ଜନ୍ମର ପାପ କ୍ଷୟରେ
ଚତୁର୍ଦ୍ଧା ମୂରତି ସାଥିରେ ଧରି ତୁ
ବସିଅଛୁ ଶ୍ରୀକ୍ଷେତ୍ର ଧାମରେ ।
କେବେ ଆସିବ ତୋ ରଥଯାତ୍ରା ଦିନ
ଚାତକ ପରି ବସିଛି ଚାହିଁ
ଆସିଗଲେ ଥରେ ଆଷାଢ଼ ଦ୍ୱିତୀୟା
ପୁରୁଷୋତ୍ତମ ଯିବିରେ ଧାଇଁ ।
ନନ୍ଦିଘୋଷ ରଥ ତୋର ଟାଣିବାକୁ
ବ୍ୟାକୁଳ ହୁଏ ଏହି ମୋ ମନ
ତୋର ସେହି ଚକା ନୟନ ଦୁଇରେ
କେବେ ମିଶିବ ଏ ମୋ ନୟନ ।
ରଥଯାତ୍ରା ଦିନେ ତୋ ରଥ ଟାଣି ମୁଁ
ତୋ ସାଥେ ଯିବି ମାଉସୀ ଘର
ତୋ ସାଥେ ବସି ମନ ଆନନ୍ଦରେ
ଖାଇବି ପୋଡପିଠା ସତ୍ୱର ।
ଏହି ନଅ ଦିନ ତୋ ସାଥେ ରହିବି
ତୋ ସାଥେ ଖେଳିବି ସଦା ମୁହିଁ
ତୁ ଯେବେ ଆସିବୁ ବାହୁଡ଼ା ଯାତ୍ରାରେ
ତୋ ସାଥେ ସାଥେ ଆସିବି ଧାଇଁ ।
ତୋରି ସାଥେ ଜଗା ରହିବାକୁ ମତେ
ଦେବୁ ଟିକେ ଅନୁମତି କହରେ
ତୋ ସାଥେ ସାଥେ ରହି ଦେଖିବି ମୁହିଁ
ବାର ମାସେ ତେର ଯାତରାରେ ।
ମହାପ୍ରସାଦ ଅବଢ଼ା ଟିକିଏ
ଦେ ରେ କାଳିଆ ମୋ ତୁଣ୍ଡେ ଟିକେ
ଭାଗବତ ଟୁଙ୍ଗୀରେ ପ୍ରତି ସନ୍ଧ୍ୟାରେ
ଶୁଣନ୍ତି ନିତି ବସି ତୋ ପାଖେ ।
ତୋ କୈବଲ୍ୟ ଟିକେ ଖାଆନ୍ତି କାଳିଆ
ମୁଣ୍ଡରେ ଟିକେ ପୋଛନ୍ତି ହାତ
ଓଡ଼ିଶାର ନୁହେଁ ଭାରତର ନୁହେଁ
ତୁହିଁପରା ଜଗତର ନାଥ ।
କିଏ କହେ ତତେ କାଳିଆ ଠାକୁର
କିଏ କହେ ତତେ ବଡଖିଆ
ଦୁଃଖି ଅରକ୍ଷିତ ଭାବେ ପାଉ ପୂଜା
କୋଟି ଓଡିଆଙ୍କ ତୁ ସାହାରା ।
ଦୁଃଖି ଧନ ଦୁଃଖି ସଙ୍ଗାଳି ତୁ ମୋର
ତୁ ପରା ମୋର ରୁକ୍ମୁଣିଧନ
ଦେବକୀ ନନ୍ଦନ ଯଶୋଦାର ଧନ
ଲକ୍ଷେ ଓଡ଼ିଆ ଦେହର ପ୍ରାଣ ।

*ଅଳାଡିଗାଁ, ଗଂଜାମ*
*ମୋ:- ୬୩୭୧୨୭୮୧୬୩*

## ମାଟିର କବିତା

*ରତ୍ନକାନ୍ତି ମିଶ୍ର*



ଯୁଦ୍ଧଂଦେହି ଡାକରାରେ
ଅଧର୍ମ ପଥେ ଯିବ କି ଧର୍ମର ପଥେ
ନିନ୍ଦା ନବ କି ପ୍ରଶଂସା
ଗାଳି ଖାଇବ କି କରତାଳି
ହେଲେ ଜୀବନ ଯୁଦ୍ଧରେ
ହାର ମାନିବ ତ
ପାଖରେ ପାଇବ ମାଟିକୁ,
ବିଜୟ ଲଭିବ ତ
ମଥାରେ ତିଳକ ହୋଇ
ଝଲସୁ ଥିବାର ଦେଖିବ ମାଟିକୁ ... !

(୨)

ମନ ଯେବେ ଈଶ୍ୱର ଛୁଏଁ
ଆତ୍ମା ଯେବେ ଉର୍ଦ୍ଧ୍ୱମୁଖୀ ହୁଏ
ଦେହ ହୁଏ ମୁଠାଏ ପାଉଁଶ
ସେହି ଦିନ
ଡହ ଡହ ନିଆଁର କାଳିରେ
ମାଟି ଲେଖିଥାଏ
ବାଂମୟ ଚିରନ୍ତନ ସତ୍ୟ
' କାମନାର ବିନାଶରେ
ଦୁଃଖର ବିନାଶ'

(୩)

ସମୁଦ୍ର ପଉନଠାରୁ ଗିରିଶୃଙ୍ଗ ପର୍ଯ୍ୟନ୍ତ
ମାଟି ପରିବ୍ୟାପ୍ତ
ଯାହା ଆମନ୍ତ୍ରଣ ଜଣାଏ
ଅବଲୋକନ କରିବାକୁ
ଏଯାବତ୍ ଅନାବିଷ୍କୃତ
ଅପୂର୍ବ ଶୋଭାମୟ ଦୁନିଆକୁ
ମାଟିକୁ ବିଦୀର୍ଣ୍ଣ କଲେ
ଅଭ୍ୟନ୍ତରେ ଐଶ୍ୱର୍ଯ୍ୟ ଅଶେଷ
ମାଟିର ଛାତିରୁ ହିଁ ଉତୁରୁଥାଏ
ଜୀଇଁବାର ଅନନ୍ତ ଉଚ୍ଛ୍ୱାସ...!!

(୪)

ମାଟିକୁ ମୁଁ ଭଲପାଏ ବୋଲି ତ
ମାଟି କୁ ମାଆ ବୋଲି କହେ
ତା' ପଣତକାନିରେ ଭିଜଉଥାଏ
ମୋର ଲହୁ କିବା ଲୁହ
ସେଇ ମାଟିରେ ପୋତିଦିଏ
ହୃଦୟରେ ଚାପିଥିବା ଅନେକ ଅଧୈର୍ଯ୍ୟ
ଅରାଏ ମାଟିକୁ ଜାବୁଡ଼ି ଧରିଥାଏ
ଭିଟାମାଟି କହି
ନିଃଶ୍ୱାସ ଶେଷରେ ତଥାପି ବିଶ୍ୱାସ
ମାଟି ମୋ ପାଇଁ ତା' କୋଳ ପାତିଦେବ
ତେଣୁ ତ ମାଟି ମୋର ପରମଆତ୍ମୀୟ
ସ୍ୱାଭିମାନ ଶୌର୍ଯ୍ୟ.....!!!!

*ଆଳି, କେନ୍ଦ୍ରାପଡା*

## ସାଗର ବେଳାରେ ଟିକି ଶାମୁକା ମୁଁ

*କବିରତ୍ନ ନୂତନ କୁମାର ବେହେରା*



ନିରନ୍ତର ଛୁଟି ଆସେ ଅସୁମାରୀ ଲହରୀ
ରୂପାନ୍ତରରେ ସେ ହୁଏ ପୁଣି ପ୍ରବଳ ଜୁଆର
ଭଙ୍ଗା ପାଲଟେ ବେଳାଭୂମି ଛୁଉଁ ଛୁଉଁ
ଅନନ୍ତ ସାଗର ଆଣିଦିଏ ଅସରନ୍ତି ଆବେଗ
ମନରେ ଭିତରେ ହୁଏ ଆଶାର ସଞ୍ଚାର
ପ୍ରାଣକୁ ଛୁଇଁଯାଏ ତା' ପ୍ରେମର ମଧୁର ଭାବ
ଚେଇଁ ଉଠି ନବ ଚେତନାରେ କରେ ଉଁ
ସେ ସାଗର ବେଳାରେ ଟିକି ଶାମୁକା ମୁଁ
ଜାଣେନା ସାଗରର ସୀମା ସରହଦ
ମାପି ପାରେନା ତାର ହୃଦୟର ଗଭୀରତା
ପାଗଳ ପ୍ରେମୀ ସେ ତା' ଶବ୍ଦ ଶୁଭେ ହୁଉଁ...ଉଁ
ଆକାରରେ ସେ ମୋ କକ୍ଷ କଳ୍ପନା ବାହାରେ
ଟିକି ଟିକି ଆଖି ମୋର ପାରେନା ଦେଖି
ମଜିଯାଏ ହଜିଯାଏ ମୁଁ ଅପଲକେ ଚାହୁଁ ଚାହୁଁ
ତା' ସାଥେ ତୁଲ ହୁଅନ୍ତିନି କେହି ହେଲେ ବି ବଡ଼
ତାର ମହନୀୟତାରେ ସବୁ ହୁଅନ୍ତି ଲୀନ
ମୁଁ ଯେ କ୍ଷୁଦ୍ର ନଗଣ୍ୟ ଦି ଆଙ୍ଗୁଳି ଶିଳା ପରି
ଭାବିଲେ ପ୍ରଶ୍ୱାସ ଅଟକିଯାଏ କାଶେ ଖୁଉଁ ଖୁଁ
ସାଗର ବେଳାରେ ଟିକି ଶାମୁକା ମୁଁ
ତଥାପି ଆଖିରେ ଆଖିଏ ସ୍ୱପ୍ନ ଭରିଯାଏ
ମୋ ଗର୍ଭରେ ଗଢ଼ିବାକୁ ଚାହେଁ ମୁକୁତାଟିଏ
ସେ ଆହ୍ୱାନ ଦିଏ ରହେ ପ୍ରେରଣା ପାଉଁ ପାଉଁ
ସାଗର ଯେ ରତ୍ନାକର ରତ୍ନର ଅନନ୍ତ ଭଣ୍ଡାର
ତା' ପ୍ରେମର ପରଶେ ରତ୍ନ ହିଁ ଝଲସେ
ତାର ଉର୍ମି ପରି ନାଚେ ଆନନ୍ଦ ଉଲ୍ଲାସେ ମୁଁ
ଭାବେ ଦୃଶ୍ୟରେ ବିରାଟ ସେ ମୁଁ ବିନ୍ଦୁଏ ମାତ୍ର
ଅଦୃଶ୍ୟରେ ଯେ ସୂକ୍ଷ୍ମ ହୃଦୟ ଏକ ଆତ୍ମାର
ବୁଝିବ ମୋ ଅନ୍ତର ଭାବ ସେ ଶୁଣୁଁ ଶୁଣୁଁ
ପ୍ରେମରେ ଅସମ୍ଭବ ବି ହୋଇପାରେ ସମ୍ଭବ
ମୁକୁତାଟିଏ ଗଢ଼ି ଦେବାକୁ ହେବି ସମର୍ଥ
ସାଗର ବେଳାରେ ଟିକି ଶାମୁକା ମୁଁ......।

*କୋହି,ବାରିପଦା,ମୟୂରଭଞ୍ଜ।*
*ଦୂରଭାଷ :୮୦୧୮୩୫୩୩୨୨*




# ଦୁର୍ନୀତି, ହିଂସା ଓ ଧ୍ୱଂସ ମୁଖରୁ ସୁରକ୍ଷାର ମାର୍ଗ

ଆଜିର ସୂଚନାପ୍ରଯୁକ୍ତି ଯୁଗରେ ମଣିଷ ଅସମ୍ଭବକୁ ସମ୍ଭବ କରିପାରୁଛି। ମହାଶୂନ୍ୟରେ ବିଚରଣ କରୁଛି। ସୁନିତା ଉଇଲିଅମ୍ସ୍ ପରି ମାସ ମାସ ଧରି ଅବସ୍ଥାନ ବି କରିପାରୁଛି। ଚନ୍ଦ୍ରରେ ତ କେବେଠୁ ପହଞ୍ଚି ସାରିଲାଣି। କିନ୍ତୁ ଘୋର ଦୁଃଖ ଓ ପରିତାପର ବିଷୟ ନିଜ ହୃଦୟ ପାଖରେ, ନିକଟତମ ଆତ୍ମୀୟର ହୃଦୟ ପାଖରେ ସେ ପହଞ୍ଚି ପାରୁନାହିଁ। ଘଣ୍ଟାକଣ୍ଟା, ମିନିଟ୍ ଦ୍ୱାରା ଅନ୍ତରୀକ୍ଷ ଯାନକୁ ନିୟନ୍ତ୍ରଣ କରୁଛି ସିନା, ନିଜ ମନକୁ ନିୟନ୍ତ୍ରଣ କରିପାରୁନାହିଁ। କ୍ରାନ୍ତିକାରୀ ବାହ୍ୟପ୍ରଗତି, ଏତେ ସୁଉଚ୍ଚ ହର୍ମ୍ୟମାଳା, ଏତେ ଆମୋଦପ୍ରମୋଦର ଚାକଚକ୍ୟ ଭରା ଆଧୁନିକ ସାମଗ୍ରୀ ସହ ବିଜ୍ଞାନର ସୁଦୂରପ୍ରସାରୀ ଜୟଯାତ୍ରା। କିନ୍ତୁ ମାନସିକ ଶାନ୍ତି ନାହିଁ, ନିର୍ମଳ ଆନନ୍ଦ ବି ନାହିଁ। ତ୍ୟାଗଭରା ସ୍ନେହମମତା ବି ନାହିଁ। ସର୍ବୋପରି ମାନବିକତା ବି ନାହିଁ। ସମାଜବାଦର ଏତେ ସ୍ଲୋଗାନ ଭିତରେ ମଣିଷ ଅଧିକରୁ ଅଧିକ ସ୍ୱାର୍ଥପର, ବ୍ୟକ୍ତିବାଦୀ ହୋଇଯାଉଛି। ବିଭିନ୍ନ ବାଦର ପ୍ରତିଷ୍ଠା ପାଇଁ ଏତେ ଯୁକ୍ତି ଦ୍ୱନ୍ଦ୍ୱ ହେଉଛି ହେଲେ ସମାଜରୁ କ୍ରମଶଃ ମାନବବାଦ ଓ ମାନବିକତା ହଜି ହଜି ଯାଉଛି। ଯେକୌଣସି ମୁହୂର୍ତ୍ତରେ ଅତି ଅପ୍ରତ୍ୟାଶିତ ଭାବରେ ଘର ଭିତରେ କର୍ମକ୍ଷେତ୍ରରେ ଲକ୍ଷ ଲକ୍ଷ ଲୋକଙ୍କ ଆଖି ସାମ୍ନାରେ ମଣିଷ ମଣିଷକୁ ହତ୍ୟା କରୁଛି। ନୃଶଂସ ଭାବେ ରକ୍ତର ହୋଲି ଖେଳୁଛି। ଇଏ ହେଉଛି ସେଇ ଅମୃତସ୍ୟ ପୁତ୍ରାଃ। ଦ୍ୱିତୀୟତଃ, ଭଗବତ୍ ବିଶ୍ୱାସ ବି ରଖୁଛି, ସ୍ୱୀକାର ବି କରୁଛି ଭଗବାନ୍ ସର୍ବନିୟନ୍ତା, ସର୍ବାନ୍ତର୍ଯ୍ୟାମୀ ଓ ସବୁଠି ବିଦ୍ୟମାନ, ହେଲେ ଷଡ଼ରିପୁରେ ଜର୍ଜରିତ ସେଇ ତଥାକଥିତ ଅମୃତର ସନ୍ତାନଟି ଆଜି ନିଜର ସ୍ଥାନ କେଉଁଠି ରଖିଛି ? ଏ ଯୁଗର ସାର୍ଟିଫିକେଟଧାରୀ ଟଙ୍କାର ପାହାଡ଼ ଉପରେ ବିଚରଣ କରୁଥିବା ଆଧୁନିକ ମଣିଷଟି ନାହିଁ ନଥିବା ଭୟ ଓ ଆତଙ୍କ ଭିତରେ ସମୟ କାଟୁଛି। ଛତୁ ଫୁଟିଲା ପରି ବିଦ୍ୟାଳୟ, ମହାବିଦ୍ୟାଳୟ, କେତେ ପ୍ରକାରର ଶିକ୍ଷା ବ୍ୟବସ୍ଥା ଓ ଶିକ୍ଷାଯୋଜନା ଭିତରେ ସତରେ କେତେ ଅସୁରକ୍ଷିତ ଆମର ମଣିଷ ଜୀବନ ଟିକକ। ଶିକ୍ଷା ଉପହାସ କରୁଛି। ସାମାନ୍ୟ ଦ୍ୱନ୍ଦ୍ୱକୁ କେନ୍ଦ୍ରକରି ଅଗଠିତ, ଅସଂଯମୀ ମନ ନୃଶଂସ ହତ୍ୟାକାଣ୍ଡ ଘଟାଉଛି। ସାମାନ୍ୟ କେତୋଟି ଟଙ୍କା ଆଉ ବୋତଲେ ମଦରେ ଜଣେ ଅପରିଚିତ ଲୋକ ବି ଜଣଙ୍କ ଜୀବନ ନେଇପାରୁଛି। ଯେଉଁଠି ଜଣଙ୍କୁ ଜୀବନ ଦେବାର କ୍ଷମତା ବି ନାହିଁ। ବହୁ ଆଡ଼ମ୍ବର ରୂପ ସୌନ୍ଦର୍ଯ୍ୟରେ ସଜ୍ଜିତ ଚରିତ୍ରମାନେ ଆଜି ଅଶ୍ଳୀଳ ଭାବେ ପ୍ରଦର୍ଶିତ ହୋଇ ଅନ୍ୟମାନଙ୍କ ଦୃଷ୍ଟି ଆକର୍ଷଣ କରି ଅନ୍ତରରେ ଯେଉଁ ତୃଷ୍ଣା, ଅତୃପ୍ତି, ଆଶାନ୍ତି, ଜ୍ୱଳନ, ଛଳନା ଓ ସମସ୍ୟାକୁ ବଢ଼ାଇ ଚାଲିଛନ୍ତି, ସେଥିପାଇଁ ଦାୟୀ କିଏ ? ଏପରି ଅବସ୍ଥା ହୋଇଛି, ଧନ, ସମ୍ମାନ, ପ୍ରାଚୁର୍ଯ୍ୟ ଭିତରେ ବି ମଣିଷ ଟିକିଏ ଶୁଦ୍ଧ ତ୍ୟାଗଭରା ସ୍ନେହ ଓ ମାନସିକ ଶାନ୍ତି ପାଇଁ ହାହାକାର କରୁଛି। ଆତ୍ମହତ୍ୟା ସଂଖ୍ୟା ବଢ଼ି ଚାଲିଛି। ନିର୍ଯ୍ୟାତନାର ଘଟଣା ତ ଅତି ମାମୁଲି। ଖାଦ୍ୟ, ଔଷଧ, ସ୍ନେହ, ମମତା, ଭଦ୍ରତା, ସବୁ ଯେପରି ଭେଜାଲ। ଯାନ୍ତ୍ରିକ ଓ କୃତ୍ରିମ ସଭ୍ୟତା ସହ ମଣଷ ଯନ୍ତ୍ରପରି କାମ କରିଚାଲିଛି, କିନ୍ତୁ ବେଶୀ ହୃଦୟହୀନ, ବିଚାରଶୂନ୍ୟ, ମାନବିକତାଶୂନ୍ୟ ହୋଇପଡୁଛି। ପୁଣି ମଣିଷ ଯନ୍ତ୍ରଠାରୁ ବି ଅଧିକ ଭୟଙ୍କର ଓ କ୍ଷତିକାରୀ ହୋଇଉଠୁଛି। ତେବେ ପ୍ରଶ୍ନ ଉଠୁଛି, ଏ ସମାଜରେ ସୁପରିବର୍ତ୍ତନ କିପରି ହେବ ? ଲୋକମାନଙ୍କର ମନ, ରୁଚି, ବିଚାରଧାରା ଓ ବିଶ୍ୱାସର ପରିବର୍ତ୍ତନ ଓ ଉନ୍ନତି ଲୋଡ଼ା। ଏହା ସମ୍ଭବ ହୋଇପାରିବ ଶିକ୍ଷା, ସଂଗୀତ, କଳା, ଗଣମାଧ୍ୟମ କ୍ଷେତ୍ର ତଥା ଧର୍ମସଭା, ମାନବିକ ଚେତନା ଜାଗରଣ ସଭା ଓ ସର୍ବୋପରି ଜଣଙ୍କର ଦୃଢ଼ ଆତ୍ମବିଶ୍ୱାସ ଦ୍ୱାରା। ସମ୍ପ୍ରତି ଗବେଷକ, ବୁଦ୍ଧିଜୀବୀ ଓ ମନସ୍ତତ୍ତ୍ୱବିଦ୍‌ମାନେ ସ୍ୱୀକାର କରୁଛନ୍ତି ଯେ ସମାଜରେ ଏପରି କୁପ୍ରଭାବଶାଳୀ ଚରିତ୍ରର ପ୍ରଭାବ ହିଂସାପ୍ରତିହିଂସା, ପାଶବିକତା, ତୃଟିପୂର୍ଣ୍ଣ, ଦୁର୍ନୀତି, କଳାବଜାର, ମଦ୍ୟପାନ ଦ୍ୱାରା ସମ୍ଭବ ହୋଇପାରୁଛି। ଏକ ଉନ୍ନତ ଶୋଭନୀୟ, ମଙ୍ଗଳମୟ, ଶାନ୍ତିମୟ ଭବିଷ୍ୟତ ଗଢ଼ିବା ପାଇଁ ମଣିଷ ସମାଜ ନିଜକୁ ପ୍ରଯତ୍ନ କରୁ। ପଶୁତ୍ୱର ପ୍ରବୃତ୍ତିକୁ ପରିହାର କରି ନିଜ ବିବେକର ଆହ୍ୱାନରେ ମଣିଷ ତା'ର ପ୍ରବୃତ୍ତିକୁ ସୁନିୟନ୍ତ୍ରିତ କରୁ। ଭଗବାନଙ୍କ ସୃଷ୍ଟିରେ ମଣିଷ ଶ୍ରେଷ୍ଠ ଜୀବ। ପ୍ରବୃତ୍ତିର ସୁନିୟନ୍ତ୍ରଣ, ସୁପ୍ରୟୋଗ ଦ୍ୱାରା ହିଁ ମାନବ ଜୀବନର ସାର୍ଥକତା ନିହିତ, ସଂକୀର୍ଣ୍ଣତା, ସ୍ୱାର୍ଥପରତା, କ୍ଷମତାଲିପ୍ସା, ଛଳନା, ଭ୍ରାନ୍ତି ଓ ଅହଂକାରର ମୋହମାୟା ସେ ପରିହାର କରୁ। ପଞ୍ଚମାନବୀୟ ମୂଲ୍ୟବୋଧକୁ ନିଜ ଜୀବନର ବ୍ରତ ଭାବେ ପାଳନ କରି ମଣିଷ ସମାଜ ନିଜ ଜୀବନର ଦିବ୍ୟପଥରେ ଅଗ୍ରସର ହେଲେ ମଣିଷ ଜୀବନ ସାର୍ଥକ ହୁଅନ୍ତା।

# ଦିଲ୍ଲୀ ପୁଲିସର ଦମନଲୀଳାକୁ କଂଗ୍ରେସର ଦୃଢ଼ ନିନ୍ଦା ଓ ବିକ୍ଷୋଭ ନିଷ୍ପତି

ଭୁବନେଶ୍ୱର (ପିଏନ୍): କେନ୍ଦ୍ରର ମୋଦୀ ସରକାରଙ୍କର ଏକଛତ୍ରବାଦ ନୀତି ଓ ପୁଲିସ୍‌ର ଦମନଲୀଳା ବିରୁଦ୍ଧରେ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ଏକ ସମ୍ବାଦିକ ସମ୍ମିଳନୀ ମାଧ୍ୟମରେ ଦୃଢ଼ ନିନ୍ଦା କରିଛି। ଏହା ଗଣତାନ୍ତ୍ରିକ ବିଧି ବ୍ୟବସ୍ଥାର ପରିପନ୍ଥି ବୋଲି ପ୍ରଦେଶ କଂଗ୍ରେସର ସଭାପତି ଶ୍ରୀଯୁକ୍ତ ଶରତ ପଟ୍ଟନାୟକ କହିଛନ୍ତି। ଗଣମାଧ୍ୟମକୁ ସମ୍ବୋଧିତ କରି ସେ କହିଲେ ଯେ ଯେଉଁଭଳି ଭାବରେ ୨୪ ଆକବର ରୋଡ଼, ଦିଲ୍ଲୀ ସ୍ଥିତ ଅଖିଳ ଭାରତୀୟ କଂଗ୍ରେସ କାର୍ଯ୍ୟାଳୟ ଭିତରେ ପ୍ରବେଶ କରି ଏବଂ ଭାରତୀୟ ଜାତୀୟ କଂଗ୍ରେସର ବିଭିନ୍ନ କାର୍ଯ୍ୟକର୍ତା ଓ କର୍ମୀମାନଙ୍କୁ କାର୍ଯ୍ୟାଳୟ ଭିତରକୁ ନ ଛାଡ଼ିବା ଏହା ସ୍ୱାଧୀନ ଭାରତ ବର୍ଷରେ କେବେ ଦେଖାଯାଇନଥିଲା। କଂଗ୍ରେସ ମୁଖ୍ୟ କାର୍ଯ୍ୟାଳୟ ସମ୍ମୁଖରେ ୧୪୪ ଧାରା ଜାରି କରି ଦିଲ୍ଲୀ ପୁଲିସ୍,କର୍ମକର୍ତାମାନଙ୍କୁ କାର୍ଯ୍ୟାଳୟ ପରିସର ମଧ୍ୟକୁ ପ୍ରବେଶ କରିବାକୁ ଦେଲା ନାହିଁ ଏବଂ ଯେଉଁମାନେ ପ୍ରତିବାଦ କଲେ ସେମାନଙ୍କ ଉପରେ ଲାଠିମାଡ଼ କଲା। କାହା ନିର୍ଦ୍ଦେଶରେ ଏଭଳି କାମ କରୁଛି ବୋଲି ପି.ସି.ସି. ସଭାପତି ପ୍ରଶ୍ନ କରିଛନ୍ତି। ଜାତୀୟ କଂଗ୍ରେସର ଅଧ୍ୟକ୍ଷ ଏବଂ ବର୍ତମାନ ସାଂସଦ ଶ୍ରୀଯୁକ୍ତ ରାହୁଲ ଗାନ୍ଧୀଙ୍କୁ ଲଗାତାର ୩ ଦିନ ଧରି ଇ.ଡ଼ି. ପଚରା ଉଚରା ପାଇଁ ଡାକୁଛନ୍ତି, ଯେଉଁଥିରେ ମନି ଲଣ୍ଡରିଙ୍ଗ ହୋଇଥିବାର ସାମାନ୍ୟତମ ଯଥାର୍ଥତା ନାହିଁ। କଂଗ୍ରେସ ଓ ଗାନ୍ଧୀ ପରିବାରକୁ ଜନମାନସରେ ନିନ୍ଦିତ କରିବା ପାଇଁ ଏକଛତ୍ରବାଦୀ ନରେନ୍ଦ୍ର ମୋଦୀଙ୍କ ବି.ଜେ.ପି ସରକାର ସି.ବି.ଆଇ., ଆଇ.ଟି. ଓ ଇ.ଡ଼ି. ଆଦି ସଂସ୍ଥାକୁ ହାତବାରିଶ୍ କରି ବିରୋଧି ବିଶେଷ କରି କଂଗ୍ରେସର ନେତାମାନଙ୍କୁ ଶିକାର କରୁଛନ୍ତି। କଂଗ୍ରେସ ଏହାର ଦୃଢ଼ ନିନ୍ଦା କରୁଛି। ଦିଲ୍ଲୀ ପୁଲିସ୍‌ର ଏହି ବର୍ବରତା ପ୍ରତିବାଦରେ ୧୬ ତାରିଖ (ଗୁରୁବାର) ପି.ସି.ସି. ତରଫରୁ ରାଜଭବନ ସମ୍ମୁଖରେ ଓ ଜୁଲାଇ ୧୭ ତାରିଖରେ ସମସ୍ତ ଜିଲ୍ଲା କଂଗ୍ରେସ ତରଫରୁ ଜିଲ୍ଲା ସଦର ମହକୁମାରେ ଥିବା କେନ୍ଦ୍ର ସରକାରଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଶାନ୍ତିପୂର୍ଣ୍ଣ ବିକ୍ଷୋଭ ପ୍ରଦର୍ଶନ କରାଯିବାର ଶ୍ରୀ ପଟ୍ଟନାୟକ ସୂଚନା ଦେଇଛନ୍ତି। ପ୍ରଦେଶ କଂଗ୍ରେସର ଏହି ବିକ୍ଷୋଭ କାର୍ଯ୍ୟକ୍ରମକୁ ପୂର୍ଣ୍ଣ ସହଯୋଗ କରିବାକୁ ଶ୍ରୀ ପଟ୍ଟନାୟକ ରାଜ୍ୟବାସୀଙ୍କୁ ନିବେଦନ କରିଛନ୍ତି। କଂଗ୍ରେସ ବିଧାୟକ ଦଳର ନେତା ଶ୍ରୀଯୁକ୍ତ ନରସିଂହ ମିଶ୍ର ଗଣମାଧ୍ୟମକୁ ସମ୍ବୋଧିତ କରି କହିଲେ ଯେ ଦେଶର ଦୁର୍ଭାଗ୍ୟ ଯେଉଁ ଦଳ ଭାରତବର୍ଷର ସ୍ୱାଧୀନତା ଆନ୍ଦୋଳନକୁ ବିରୋଧ କରୁଥିଲେ, ନାଥୁରାମ ଗଡ୍‌ସେଙ୍କ ଚିନ୍ତାଧାରାରେ ଅନୁପ୍ରାଣିତ ଓ ଦୀର୍ଘ ୫୨ ବର୍ଷ ଧରି ଜାତୀୟ ପତାକା ନଉଡ଼ାଇ କଳାପତାକା ଉଡ଼ାଉଥିଲେ ସେମାନେ ଏବେ ଦେଶର ଶାସନକର୍ତା ହୋଇଛନ୍ତି।

## ଷଣ୍ଢ ଆକ୍ରମଣରେ ମହିଳା ଗୁରୁତର

ଫୁଲନଖରା (ପଏନ୍)–ଏକ ମାରଣା ଷଣ୍ଢ ଆକ୍ରମଣରେ ସଦର ଥାନା ଅନ୍ତର୍ଗତ ଅରଡ଼ିଆପଦା ଡିହସାହିର କାମିନୀ ପରିଡ଼ା (୪୯) ଗୁରୁତର ଆହତ ହୋଇଛନ୍ତି। ସେ ନିଜ ବାରି ପଛପଟକୁ ଯାଇଥିଲାବେଳେ ଉକ୍ତ ଷଣ୍ଢଟି ଅଚାନକ ତାଙ୍କୁ ଶିଙ୍ଘରେ ଟେକି କଚାଡ଼ି ଦେଇଥିଲା; କାମିନୀଙ୍କୁ ଗୁରୁତର ଅବସ୍ଥାରେ କଟକ ବଡ଼ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ବହୁ କଷ୍ଟରେ ଗ୍ରାମବାସୀ ଷଣ୍ଢକୁ ବାନ୍ଧିବାରେ ସଫଳ ହୋଇଥିଲେ ମଧ୍ୟ ସେ ରାତିରେ ଦଉଡ଼ି ଛିଣ୍ଡାଇ ପଳାଇଥିଲା। ଏହା ଯୋଗୁଁ ମହୀଧରପଡ଼ା–ଶଙ୍ଖତ୍ରାସ ରାସ୍ତାରେ ଲୋକମାନେ ଯା'ଆସ କରିବାକୁ ଭୟ କରୁଥିଲାବେଳେ ଡିହସାହି ଓ ନାଥସାହିରେ ଆତଙ୍କ ଖେଳିଯାଇଛି।

# ଦୀର୍ଘାୟୁ ଭବ

ଜାପାନ ଯେତେବେଳେ ୧୯୬୩ରେ ସେ ଦେଶରେ ଶତାୟୁମାନଙ୍କର ଗଣତି ଆରମ୍ଭ କଲା, ସେତେବେଳେ ସେଠାରେ ୧୫୩ ଜଣ ଶତାୟୁ ଥିଲେ ବୋଲି ଜଣାପଡ଼ିଥିଲା। ନିକଟରେ ଜାପାନ ସରକାର ପ୍ରକାଶ କରିଥିବା ସଦ୍ୟତମ ସୂଚନା ଅନୁସାରେ ସେ ଦେଶରେ ଶତାୟୁମାନଙ୍କ ସଂଖ୍ୟା ପହଞ୍ଚିଲାଣି ୪୭,୭୫୬ରେ। ଜାପାନର ଲୋକସଂଖ୍ୟା ପାଖାପାଖି ପ୍ରାୟ ୧୪ କୋଟି ହୋଇଥିବାବେଳେ ପୃଥିବୀର ସର୍ବାଧିକ ସଂଖ୍ୟକ ଶତାୟୁମାନଙ୍କୁ ସେଠାରେ ଦେଖିବାକୁ ମିଳିଥାଏ। ସେତିକି ନୁହେଁ ଜାପାନୀମାନଙ୍କର ହାରାହାରି ଆୟୁଷ ମଧ୍ୟ ପୃଥିବୀର ସର୍ବାଧିକ। ଅବଶ୍ୟ ଅନ୍ୟ ପକ୍ଷରେ ସେଠାରେ ଜନ୍ମ ହାର ବହୁତ ନୀଚା ହୋଇଥିବାରୁ ଜାପାନର ଲୋକସଂଖ୍ୟା ହ୍ରାସ ପାଇ ଚାଲିଛି ଏବଂ ସେଥିରେ ବୃଦ୍ଧ ବୃଦ୍ଧାଙ୍କ ଅନୁପାତ ବୃଦ୍ଧି ପାଇ ଚାଲିଛି। ଏହି ପୃଷ୍ଠଭୂମିରେ ଦେଖିଲେ ସେଇ ଜାପାନର ବୈଜ୍ଞାନିକମାନେ ହିଁ ପୃଥିବୀରେ ମନୁଷ୍ୟର ଆୟୁଷକୁ ଆହୁରି ଦୀର୍ଘ କରିବା ପାଇଁ କୌଶଳ ଉଦ୍ଭାବନ କରିବା ଯଥାର୍ଥ ମନେହୁଏ। ପ୍ରଖ୍ୟାତ ବିଜ୍ଞାନ ପତ୍ରିକା 'ନେଚର'ରେ ଜାପାନର 'ରାଇକେନ୍ ସେଣ୍ଟର ଫର ଡେଭଲପମେଣ୍ଟ ବାୟୋଲୋଜି'ର ଗବେଷକମାନଙ୍କର ଏକ ସଦ୍ୟ ପ୍ରକାଶିତ ଗବେଷଣାଲବ୍ଧ ଫଳାଫଳ ଏହି ସମ୍ଭାବନାର ଦୃଢ଼ ସୂଚନା ଦେଉଛି। ଅଧିକାଂଶ ଏଭଳି ଗବେଷଣା ପରି ଜାପାନୀ ବୈଜ୍ଞାନିକମାନେ ମୂଷା ଉପରେ ସେମାନଙ୍କର ପରୀକ୍ଷା କରିଛନ୍ତି, ଯାହା ପରେ ମନୁଷ୍ୟ ଠାରେ ପ୍ରୟୋଗ କରାଯାଇପାରେ। ଉଭୟ ମନୁଷ୍ୟ ତଥା ଅନ୍ୟାନ୍ୟ ଜୀବମାନଙ୍କ ମସ୍ତିଷ୍କର ମୂଳରେ ଥିବା ପିଟୁଇଟାରି ଗ୍ରନ୍ଥିରୁ ଝରୁଥିବା ହର୍‌ମୋନ ସବୁ ସେମାନଙ୍କର ଶରୀରକୁ ଠିକ୍ ଭାବରେ କାର୍ଯ୍ୟ କରିବାରେ ସକ୍ଷମ କରିଥାଏ। ମୂଷାମାନଙ୍କ ଠାରୁ ସଂଗୃହୀତ ମୌଳିକ ଜୀବକୋଷ ବ୍ୟବହାର କରି ଉପରୋକ୍ତ ଗବେଷକମାନେ ଏକ କୃତ୍ରିମ ପିଟୁଇଟାରି ଗ୍ରନ୍ଥି ନିର୍ମାଣ କରିପାରିଛନ୍ତି। ଚମତ୍କାର କଥା ହେଲା ଯେତେବେଳେ କେତେକ ପିଟୁଇଟାରି ଗ୍ରନ୍ଥି ଦୁର୍ବଳ ହୋଇ ଯାଇଥିବା ମୂଷାଙ୍କ ମସ୍ତିଷ୍କରେ ଏହି କୃତ୍ରିମ ଗ୍ରନ୍ଥିକୁ ଖଞ୍ଜି ଦିଆଗଲା ସେଥିରୁ ପୁଣି ସୁସ୍ଥ, ଶକ୍ତିଶାଳୀ ପିଟୁଇଟାରି ଗ୍ରନ୍ଥି ଭଳି ପୁରା ମାତ୍ରାରେ ହର୍‌ମୋନ ସବୁ କ୍ଷରଣ ହେବାକୁ ଲାଗିଲା। ଗବେଷକମାନେ କହୁଛନ୍ତି ଯେ ଆଉ ତିନିବର୍ଷ ମଧ୍ୟରେ ସେମାନେ ମନୁଷ୍ୟ ପାଇଁ କୃତ୍ରିମ ପିଟୁଇଟାରି ଗ୍ରନ୍ଥି ତିଆରି କରିବାରେ ସକ୍ଷମ ହେବେ। ଏହା ଯେଉଁ ସମ୍ଭାବନାର ଦ୍ୱାର ଖୋଲି ଦେଉଛି ତାହା କୌଣସି କାଳ୍ପନିକ ବିଜ୍ଞାନ କାହାଣୀର କଥାବସ୍ତୁ ଭଳି। କ୍ରମେ କୌଣସି ମନୁଷ୍ୟର ନିଜ ଶରୀରରୁ ସଂଗୃହିତ ଷ୍ଟେମ ସେଲକୁ ଆଧାର କରି ତାର ପ୍ରତ୍ୟେକ ଅଙ୍ଗ ପ୍ରତ୍ୟଙ୍ଗର ଅରଖ ନୂଆ ସଂସ୍କରଣ ତିଆରି କରାଯାଇ ପାରିବ। ବୟସ ବଢ଼ିବା ସହିତ ଯେଉଁ ସବୁ ଅଙ୍ଗ ପ୍ରତ୍ୟଙ୍ଗ ଦୁର୍ବଳ ବା ଅକାମି ହୋଇଯିବ ତାହା ସ୍ଥାନରେ ଏକ କୃତ୍ରିମ ଅଂଶଗୁଡ଼ିକ ରୋପଣ କରି ଦିଆଯିବ। ଏହାଦ୍ୱାରା ଦୁର୍ବଳ ଅଙ୍ଗ ପ୍ରତ୍ୟଙ୍ଗ ଜନିତ ଅନେକ ମାରାତ୍ମକ ରୋଗକୁ ଦୂରେଇ ଦିଆଯାଇ ପାରିବ। ଜୀବନ ଲମ୍ବି ଯିବ, ମୃତ୍ୟୁ ଘୁଞ୍ଚି ଘୁଞ୍ଚି ଯିବ। ଜାପାନୀମାନଙ୍କର ଆୟୁଷ ଦୁଇଶହ ବର୍ଷ ଅତିକ୍ରମ କରିବ। ଅନ୍ୟ ଦେଶମାନଙ୍କରେ ଶତାୟୁମାନଙ୍କର ସଂଖ୍ୟା ବୃଦ୍ଧି ପାଇବାରେ ଲାଗିବ। ମନୁଷ୍ୟ ସର୍ବଦା ଦୀର୍ଘ ଜୀବନ କାମନା କରିଥାଏ। ଆଧୁନିକ ବିଜ୍ଞାନକୁ କାର୍ଯ୍ୟରେ ଲଗାଇ ସେ ଏହା ହାସଲ କରିବା ପାଇଁ ଅବିରତ ଉଦ୍ୟମ କରି ଚାଲିଛି। ବିଗତ ଶତାବ୍ଦୀର ଆରମ୍ଭ ସମୟରେ ପୃଥିବୀରେ ମନୁଷ୍ୟର ହାରାହାରି ଆୟୁଷ ପ୍ରାୟ ପଇଁତିରିଶ ବର୍ଷ ଥିବା ବେଳେ ଶତାବ୍ଦୀର ଶେଷ ବେଳକୁ ତାହା ପ୍ରାୟ ଦୁଇଗୁଣ ହୋଇ ସତୁରୀ ବର୍ଷରେ ପହଞ୍ଚିଥିଲା। ଏବେ ପୃଥିବୀର ଜନସଂଖ୍ୟା ଅନ୍ୟୁନ ୭୧୦ କୋଟି ଛୁଇଁବା ପଛରେ ଏହା ମଧ୍ୟ ଏକ ଗୁରୁତ୍ୱପୂର୍ଣ୍ଣ କାରଣ। ଯେଉଁମାନେ ଜନ୍ମ ହେଉଛନ୍ତି ସେମାନେ ପୃଥିବୀପୃଷ୍ଠରେ ଅଧିକରୁ ଅଧିକ କାଳ ଆତଯାତ ହେଉଛନ୍ତି। ୧୯୬୦ରେ ପୃଥିବୀର ଜନସଂଖ୍ୟା ଥିଲା ୩୦୦ କୋଟି, ୧୯୯୯ରେ ଥିଲା ୬୦୦ କୋଟି ଏବଂ ଅନୁମାନ କରାଯାଉଛି ଯେ ୨୦୨୭ରେ ୮୦୦ କୋଟି ଏବଂ ୨୦୪୬ରେ ୯୦୦ କୋଟିରେ ପହଞ୍ଚିବ। ଯଦି ସେତେବେଳକୁ ଜାପାନୀ ଗବେଷକମାନେ ଆଶା କରୁଥିବା ଭଳି କୃତ୍ରିମ ଅଙ୍ଗପ୍ରତ୍ୟଙ୍ଗ ବ୍ୟାପକ ରୂପେ ବ୍ୟବହୃତ ହେଉଥିବ ତାହେଲେ ପୃଥିବୀର ଜନସଂଖ୍ୟା ଏହି ଅନୁମାନ ଠାରୁ ମଧ୍ୟ ବହୁ ଅଧିକ ହେବ। ଅତି ଦୀର୍ଘ ଜୀବନ କାମନା କରୁଥିବା ମନୁଷ୍ୟର ସ୍ୱପ୍ନ ସାକାର ହେବାର ଏହି ବାସ୍ତବ ସମ୍ଭାବନା ବ୍ୟକ୍ତି ପାଇଁ ଏକ ଆଶୀର୍ବାଦ ହୋଇପାରେ, କାରଣ ଆୟୁଷ ଲମ୍ବା ହେବା ବହିତ ବାର୍ଦ୍ଧକ୍ୟ ମଧ୍ୟ ଘୁଞ୍ଚି ଘୁଞ୍ଚି ଯିବ ସ୍ୱାସ୍ଥ୍ୟ ମଧ୍ୟ ଅତୁଟ ରହିବ। କିନ୍ତୁ ଏହି ବର୍ଦ୍ଧିଷ୍ଣୁ ଦୀର୍ଘାୟୁ ଲୋକସଂଖ୍ୟାକୁ ଧାରଣ କରିବା ପାଇଁ ଧରିତ୍ରୀ ସକ୍ଷମ ହେବ ତ ? ଏକ ହିସାବ ଅନୁସାରେ ଯଦି ପୃଥିବୀର ପ୍ରତ୍ୟେକ ଲୋକର ଜୀବନଧାରଣର ମାନ ଆମେରିକୀୟମାନଙ୍କର ହାରାହାରି ଜୀବନ ଧାରଣର ମାନ ସହ ସମାନ ହୁଏ ତେବେ ପୃଥିବୀର ବର୍ତ୍ତମାନ ଲୋକସଂଖ୍ୟାକୁ ସମ୍ଭାଳିବା ପାଇଁ ଯେତିକି ସମ୍ବଳ ଦରକାର ହେବ ପୃଥିବୀ ଗ୍ରହରେ ତାର ମାତ୍ର ଏକ ପଞ୍ଚମାଂଶ ସମ୍ବଳ ରହିଛି, ବା ଏହି ଆବଶ୍ୟକତା ପୂରଣ ପାଇଁ ୫ଟି ପୃଥିବୀ ଦରକାର ହେବ। ଗତ ସପ୍ତାହରେ ଆନ୍ତର୍ଜାତିକ ଶକ୍ତି ଏଜେନ୍‌ସି ପ୍ରକାଶ କରିଥିବା ରିପୋର୍ଟ ଅନୁସାରେ ଆସନ୍ତା ୨୬ ବର୍ଷ ମଧ୍ୟରେ ପୃଥିବୀରେ କୋଇଲା ବ୍ୟବହାରରେ ୬୫ ପ୍ରତିଶତ ବୃଦ୍ଧି ଘଟିବ। ଅଙ୍ଗାର ନିର୍ଗମନରେ ଅନୁରୂପ ବୃଦ୍ଧି ଘଟି ଉତ୍ତପ୍ତୀକରଣ ଓ ଜଳବାୟୁ ପରିବର୍ତ୍ତନ ସମସ୍ୟା ଏହାଦ୍ୱାରା ଅଧିକ ଜଟିଳ ହେବ। ହୁଏତ ଏ ସବୁ ସମସ୍ୟାର ସମାଧାନ ପାଇଁ ମନୁଷ୍ୟ ନୂଆ ଜୀବନଧାରଣକ୍ଷମ ଗ୍ରହମାନ ଖୋଜିବାରେ ଲାଗିବ ଓ ବିଜ୍ଞାନ ବଳରେ ଅନୁସନ୍ଧାନରେ ସଫଳ ହେବ। ତାହେଲେ ଅତି ଦୀର୍ଘ ଜୀବନ କିମ୍ବା ଅତି ବିଶାଳ ଜନସଂଖ୍ୟା ଆଉ ଏକ ସମସ୍ୟା ହୋଇ ଉଭା ହେବନାହିଁ। ନଚେତ୍ ବିଜ୍ଞାନର ଏହି ଆଶୀର୍ବାଦ ଅଭିଶାପରେ ପରିଣତ ହୋଇଯାଇପାରେ।

## ଦୃଷ୍ଟିହୀନ ମହିଳାଙ୍କୁ ଅସଦାଚରଣ ଓ ହତ୍ୟା ଧମକ, ଅଭିଯୁକ୍ତଙ୍କୁ ୫ବର୍ଷ ଜେଲଦଣ୍ଡ

କେନ୍ଦ୍ରାପଡ଼ା (ପିଏନ୍): ଜଣେ ଦୃଷ୍ଟିହୀନ ମହିଳାଙ୍କୁ ଅସଦାଚରଣ କରିବା ଓ ଆକ୍ରମଣ କରିବା ମାମଲାର ବିଚାର କରି କେନ୍ଦ୍ରାପଡା ଫାଷ୍ଟଟ୍ରାକ କୋର୍ଟ ଅଭିଯୁକ୍ତ କାଳିଆ ମଳିକଙ୍କୁ ୫ବର୍ଷ ଜେଲଦଣ୍ଡରେ ଦଣ୍ଡିତ କରିଛନ୍ତି। କାରାଦଣ୍ଡ ସହ ଅଭିଯୁକ୍ତଙ୍କୁ ୫ହଜାର ଟଙ୍କା ଜୋରିମାନା ଦଣ୍ଡାଦେଶ ମଧ୍ୟ ପ୍ରଦାନ କରାଯାଇଛି। ଜୋରିମାନା ଅନାଦେୟ ଅଭିଯୁକ୍ତକୁ ଅଧିକ ୬ମାସ ଜେଲଦଣ୍ଡ ଭୋଗିବାକୁ ପଡିବ ବୋଲି ଜଜ ତାଙ୍କ ରାୟରେ ଉଲ୍ଲେଖ କରିଛନ୍ତି। ମାମଲାର ବିବରଣୀରୁ ପ୍ରକାଶ ନିକିରାଇ ଥାନା ଅନ୍ତର୍ଗତ ବେଣୀପୁର ଗ୍ରାମରେ ଜଣେ ଦୃଷ୍ଟିହୀନ ମହିଳାଙ୍କୁ ବାଲିଚନ୍ଦ୍ରପୁର ଥାନା ଅନ୍ତର୍ଗତ ତିଗିରିଆ ଗ୍ରାମର କାଳିଆ ମଳିକ ତାଙ୍କ ଅସହାୟତାର ସୁଯୋଗ ନେଇ ତାଙ୍କ ସହ ଅସଦାଚରଣ କରିଥିଲେ। ଏ ସମ୍ପର୍କରେ କାହାକୁ କହିଲେ ଜୀବନରେ ମାରିଦେବେ ବୋଲି ଧମକ ଦେଇଥିଲେ। ହେଲେ ମହିଳା ଜଣଙ୍କ ସାହସର ସହ ଘଟଣା ସମ୍ପର୍କରେ ପରିବାର ଲୋକଙ୍କୁ ଅବଗତ କରିଥିଲେ। ଫଳରେ ମହିଳାଙ୍କ ପିତା ଘଟଣା ସମ୍ପର୍କରେ ନିକିରାଇ ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭି[illegible]କରି ପୋଲିସ ୬୩/୨୦୧୫ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରିଥିଲା। ଏହି ମାମଲାର ଅଭିଯୋଗ ଫର୍ଦ୍ଦ ପୋଲିସ ଫାଷ୍ଟଟ୍ରାକ କୋର୍ଟରେ ଦାଖଲ କରିବା ପରେ କୋର୍ଟରେ ସଂପୃକ୍ତ ମାମଲାର ବିଚାର ଚାଲିଥିଲା। କେନ୍ଦ୍ରାପଡା ଫାଷ୍ଟଟ୍ରାକ କୋର୍ଟର ଆଡହକ ଅତିରିକ୍ତ ଜିଲ୍ଲାଜଜ ତ୍ରିବିକ୍ରମ ଚିନାରା ମାମଲାର ବିଚାର କରି ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହ ଉପରୋକ୍ତ ରାୟ ପ୍ରଦାନ କରିଛନ୍ତି।

# ଜନଜୀବନର ପ୍ରତୀକ-ବକ୍ସିପାତ୍ର

ସାଧାରଣ ଜନଜୀବନରେ ରାଜ୍ୟର ଯେଉଁ କେତେଜଣ ରାଜନେତା ସେମାନଙ୍କର ସ୍ୱଚ୍ଛତାର ଭାବମୂର୍ତ୍ତି ସୃଷ୍ଟି କରିଯାଇଛନ୍ତି, ସେମାନଙ୍କ ମଧ୍ୟରେ ହରିଶ୍ଚନ୍ଦ୍ର ବକ୍ସିପାତ୍ର ଅନ୍ୟତମ। ରାଜ୍ୟର ଜଣେ ଅଗ୍ରଣୀ ଜନନେତା ହିସାବରେ ତାଙ୍କର କାର୍ଯ୍ୟକଳାପ ଆଗାମୀ ଜନଜୀବନ ପାଇଁ ଆଦର୍ଶର ଉତ୍ସ। କୋରାପୁଟରୁ ନିଜର ରାଜନୈତିକ ଜୀବନ ଆରମ୍ଭ କରି ବିଭିନ୍ନ କ୍ଷେତ୍ରରେ ପ୍ରତିଷ୍ଠିତ ହେବା ସଙ୍ଗେ ସଙ୍ଗେ ସାଧାରଣ ଜନଜୀବନକୁ ତାଙ୍କର କାର୍ଯ୍ୟକଳାପ ବ୍ୟାପକ ଭାବରେ ପ୍ରଭାବିତ କରିଥିଲା। ମେହନତୀ ମଣିଷର ଜୀବନଧାରଣର ମାନକୁ ଉନ୍ନତ କରିବା ପାଇଁ ଅବିଭକ୍ତ କୋରାପୁଟ ଜିଲ୍ଲାରେ ରୟତ ଆନ୍ଦୋଳନଠାରୁ ଆରମ୍ଭ କରି ତାଙ୍କର ସଂଗ୍ରାମୀ ଜୀବନ କୋରାପୁଟ ଜନଜୀବନରେ ଉଜ୍ଜୀବିତ ହୋଇ ରହିଥିଲା। ଗତବର୍ଷ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଥିବା ପ୍ରତିମୂର୍ତ୍ତି ନିକଟରେ ରାଜ୍ୟର ବିଭିନ୍ନ ଅଞ୍ଚଳରୁ ଏକାଠି ହୋଇଥିବା ଲୋକମାନଙ୍କର ସମାଗମ ହିଁ ପ୍ରତିପାଦିତ କରୁଥିଲା ଯେ ବର୍ତ୍ତମାନର ରାଜନୈତିକ ନେତୃବୃନ୍ଦଙ୍କ ଅପେକ୍ଷା ତାଙ୍କର ଜୀବନ ଆଦର୍ଶ ଓଡ଼ିଶା ପାଇଁ ଏକ ନୂତନ ଦିଗ୍‌ଦର୍ଶନ ସୃଷ୍ଟି କରୁଥିଲା। ସମାଜର ସବୁ ଶ୍ରେଣୀର ଲୋକଙ୍କର ଏହି ଉତ୍ସବରେ ଯୋଗଦାନ ନିଶ୍ଚିତ ରୂପେ ଆଗାମୀ ପିଢ଼ୀ ପାଇଁ ନୂତନ ଦିଗ୍‌ଦର୍ଶନ ସୃଷ୍ଟି କରୁଥିଲା। ସମସ୍ତ ରାଜନୈତିକ ବାଛବିଚାରର ଊର୍ଦ୍ଧ୍ୱରେ ରହି ରାଜନୈତିକ ନେତୃମଣ୍ଡଳୀ ତାଙ୍କ ପ୍ରତିମୂର୍ତ୍ତି ନିକଟରେ ଉପସ୍ଥିତ ରହି ତାଙ୍କୁ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ। ରାଜ୍ୟରେ ସୀମା ଆନ୍ଦୋଳନ ଠାରୁ ଆରମ୍ଭ କରି ଶ୍ରମିକ ଆନ୍ଦୋଳନ ସର୍ବୋପରି ରାଜ୍ୟରେ ସାମଗ୍ରୀକ ବିକାଶ ଓ ଶିଳ୍ପ ଭିତ୍ତିଭୂମିର ପରିକଳ୍ପନା ତାଙ୍କ ଦ୍ୱାରା ପ୍ରତିଷ୍ଠିତ ହୋଇଥିଲା। ଆଗାମୀ ଓଡ଼ିଶାର ନୂତନ ଶିଳ୍ପନୀତି ଓ ଶିଳ୍ପର ପ୍ରସାର ତାଙ୍କର ମନ୍ତ୍ରୀତ୍ୱକାଳ ମଧ୍ୟରେ ତାଙ୍କର ରାଜ୍ୟବାସୀଙ୍କ ପ୍ରତି ଥିଲା ଉପହାର। ଜୟପ୍ରକାଶ ଆନ୍ଦୋଳନଠାରୁ ଆରମ୍ଭ କରି ମଣ୍ଡଳ କମିଶନର ସୁପାରିଶ, ଜରୁରୀ ପରିସ୍ଥିତିର ସମୟ ସବୁଥିଲେ ସେ ଥିଲେ ଆଗଧାଡ଼ିର କର୍ଣ୍ଣଧାର। ସମସ୍ତ ରାଜନୈତିକ ଚେତନା ତାଙ୍କ ନିକଟରେ ଭରପୁର ହୋଇ ଥିଲା। ରାଜ୍ୟର ଜନଜୀବନକୁ ସ୍ୱାଧୀନତା ପରେ ଦୀର୍ଘ ୫ ଦଶନ୍ଧି ଧରି ସେ ଆଗେଇ ନେଇଥିଲେ। ଏଭଳି ଜଣେ ରାଜନୈତିକ ବ୍ୟକ୍ତିତ୍ୱ ଓଡ଼ିଶା ରାଜନୀତିରେ ବିରଳ। ରାଜନୈତିକ କାର୍ଯ୍ୟକ୍ରମଠାରୁ ଆରମ୍ଭ କରି ଦୁର୍ନୀତିମୁକ୍ତ ଓଡ଼ିଶା ଗଠନ ଓ ଅଣକଂଗ୍ରେସ ରାଜନୀତିରେ ଓଡ଼ିଶାରେ ମୂଳଦୂଆ ପକାଇବାରେ ସେ ଅଗ୍ରଣୀ ଭୂମିକା ଗ୍ରହଣ କରିଥିଲେ। ତାଙ୍କରି ଉଦ୍ୟମ ଯୋଗୁଁ ଆଜି ରାଜ୍ୟରେ ଅଣକଂଗ୍ରେସ ରାଜନୀତିର ମହାସ୍ରୋତ ଆଗେଇ ଚାଲିଛି। ତାଙ୍କର କାର୍ଯ୍ୟକ୍ରମ ସବୁବେଳେ ସାଧାରଣ ଜନତାକୁ ପ୍ରଭାବିତ କରୁଥିଲା। ଆଗାମୀ ଓଡ଼ିଶାର ନିର୍ମାଣରେ ତାଙ୍କର ଅବଦାନକୁ ସମସ୍ତେ ମନେ ରଖିବେ। ଶ୍ରମିକ ରାଜନୀତିରେ ସେ ସୃଷ୍ଟି କରିଥିବା ସଂଗ୍ରାମୀମାନେ ଆଜି ଓଡ଼ିଶା ରାଜନୀତିରେ ବିଗତ ଦୁଇ ଦଶନ୍ଧି ଧରି ଆଗଧାଡ଼ିର ନେତୃତ୍ୱ ନେଉଛନ୍ତି। ତାଙ୍କର ଜୀବନକାଳର ସଂଗ୍ରାମୀ ଜୀବନର କାହାଣୀ ଯଦି କିଛି ଆଜିକାର ଯୁବପିଢ଼ୀ ଗ୍ରହଣ କରନ୍ତି, ତା'ହେଲେ ତାହା ହେବ ତାଙ୍କର ଜୀବନ ପ୍ରତି ଶ୍ରେଷ୍ଠ ସମ୍ମାନ। ବିଗତ ଦୁଇ ଦଶନ୍ଧି ଧରି ତାଙ୍କର ଜୟନ୍ତୀ ଉତ୍ସବ ରାଜ୍ୟସ୍ତରରେ ପାଳନ କରାଯାଇ ଓଡ଼ିଶାର ସାମ୍ପ୍ରତିକ ରାଜନୈତିକ ସ୍ଥିତି ଓ ଦେଶର ରାଜନୈତିକ ପରିସ୍ଥିତି ଉପରେ ବ୍ୟାପକ ଭାବରେ ଆଲୋଚନା କରାଯାଉଛି। ଆଜି ତାଙ୍କର ଜନ୍ମଜୟନ୍ତୀରେ ତାଙ୍କ ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳୀ ଜ୍ଞାପନ କରିବା ସଙ୍ଗେ ସଙ୍ଗେ ମଣିଷର ଜୀବନ କାହାଣୀ ସାଧାରଣ ଜୀବନକୁ ପ୍ରଭାବିତ କରୁ, ଏହାହିଁ ଆଜି ଦିବସର ଆହ୍ୱାନ।


# DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10c.m.x 4cm: Rs. 8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.K.G. & U.K.G.
N-3B-14/15, Ekamra Kanan Road,Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Mahaditya Publication

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact :
Near Mukteswar Temple,
Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

Pragyan Communication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.K.G., U.K.G., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com




## ନ୍ତନବୀନ' କାର୍ଯ୍ୟାଳୟରେ ୭୫ତମ ସାଧାରଣତନ୍ତ୍ର ଦିବସ ପାଳିତ



ବ୍ରହ୍ମପୁର,(ପି.ଏନ): ସ୍ଥାନୀୟ ନ୍ତନବୀନ' କାର୍ଯ୍ୟାଳୟରେ ୭୫ତମ ସାଧାରଣତନ୍ତ୍ର ଦିବସ ମହାଆଡ଼ମ୍ବରରେ ପାଳିତ ହୋଇଯାଇଛି । ବର୍ଷିୟାନ କବି କୃଷ୍ଣଚନ୍ଦ୍ର ତ୍ରିପାଠୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିଥିଲେ । ନବୀନର ସମ୍ପାଦକ ରବି ରଥଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଆଲୋଚନାଚକ୍ରରେ ନବୀନ ପାଠାଗାର ଓ ସାହିତ୍ୟ ପ୍ରତିଷ୍ଠାନର ପ୍ରତିଷ୍ଠାନର ଉପଦେଷ୍ଟା ପ୍ରଫେସର ଡ଼ମ୍ବରୁଧର ସାହୁ, କାର୍ଯ୍ୟକାରୀ ସଭାପତି କବି କୃଷ୍ଣଚନ୍ଦ୍ର ତ୍ରିପାଠୀ, କବି ପ୍ରମୋଦ କୁମାର ପଣ୍ଡା, ବି. ସତ୍ୟମ ଆଚାରୀ, ବଂଶୀଧର ସେଠୀ, ମାନବ ଅଧିକାର ସୁରକ୍ଷା ମଞ୍ଚ ସଭାପତି ଅବନୀ ଗୟା, ବନ୍ଦନା ମହାପାତ୍ର, ନବୀନର ପ୍ରକାଶିକା ମଞ୍ଜୁ ରଥ, ଯୁବ କବି ସୁନୀଲ କୁମାର ପ୍ରଧାନ, ଶିକ୍ଷାବିତ ଲିଙ୍ଗରାଜ ଜେନା, ସ୍ତମ୍ଭକାର କାଳି ଦାସ, ବି. ଶିବ ପ୍ରସାଦ ରେଡ଼ି, ଇଂ. ମାନସ ରଂଜନ ତ୍ରିପାଠୀ ପ୍ରମୁଖ ଅଂଶଗ୍ରହଣ କରି ଦେଶାତ୍ମବୋଧକ କବିତା ପାଠ କରିଥିଲେ । ଶେଷରେ ପ୍ରତିଷ୍ଠାନର ସମ୍ପାଦକ ସୁଶାନ୍ତ କର ଧନ୍ୟବାଦ ଅର୍ପଣ କରିଥିଲେ ।

## ଇଫକୋ ପାରାଦୀପ ୟୁନିଟ୍ ପକ୍ଷରୁ ୭୫ତମ ସାଧାରଣତନ୍ତ୍ର ଦିବସ ପାଳିତ

ପାରାଦୀପ,(ପି.ଏନ): ଇଫକୋ ପାରାଦୀପ ୟୁନିଟ୍ ପକ୍ଷରୁ ୭୫ ତମ ସାଧାରଣତନ୍ତ୍ର ଦିବସ ଇଫକୋ ପରିସରରେ ପାଳିତ ହୋଇଯାଇଛି । ଇଫକୋର ବରିଷ୍ଠ ଅଧିକାରୀ, ୟୁନିୟନ ଓ ଆସୋସିଏସନ୍ , ଇଫକୋ ଟାଉନସିପ୍‌ର ଅଧିବାସୀଓ ଛାତ୍ରଛାତ୍ରୀଙ୍କ ଗହଣରେ ମୁଖ୍ୟଅତିଥି ଭାବେ ଯୋଗ ଦେଇ ପତାକା ଉତ୍ତୋଳନ କରିଥିଲେ ଇଫକୋର ନିର୍ଦ୍ଦେଶକ କେ.ଜେ.ପଟେଲ୍ । ଶ୍ରୀପଟେଲ୍ ସାଧାରଣତନ୍ତ୍ର ଦିବସ ପାଳନର ଯଥାର୍ଥତା ସମ୍ପର୍କରେ ବକ୍ତବ୍ୟ ଦେବା ସହିତ ଇଫକୋ ଦ୍ୱାର ପ୍ରସ୍ତୁତ ନାନୋ ୟୁରିଆ ଓ ନାନୋ ଡିଏପି ଦେଶର କୃଷକମାନଙ୍କ ପାଇଁ ଅମୂଲ୍ୟ ଉପକରଣ ବୋଲି ମତ ଦେଇଥିଲେ । ଇଫକୋର ସିକ୍ୟୁରିଟି ସଂସ୍ଥା ଏସଆଇଏସ ଓ ଇଫକୋ ଡିଏଭି ସ୍କୁଲର ଛାତ୍ରଛାତ୍ରୀମାନେ ଶ୍ରୀ ପଟେଲଙ୍କୁ ଗାର୍ଡ ଅଫ ଅନର ପ୍ରଦାନ କରିଥିଲେ । ଇଫକୋ ଡିଏଭି ସ୍କୁଲ ଓ ଜ୍ୟୋତି ଲେଡିଜ୍ କ୍ଲବ୍ ପକ୍ଷରୁ ଚିତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଶିତ ହୋଇଥିଲା । ଇଫକୋ ଅଫିସର୍ସ କ୍ଲବ ସଭାପତି ଦେବାଶିଷ ମିଶ୍ର, ସାଧାରଣ ସମ୍ପାଦକ ଶୁବାଷିଶ ମିଶ୍ର, ଇଫକୋ କର୍ମଚାରୀ ସଂଘର ସଭାପତି ତୁଷାର ରଂଜନ ସାମଂରାୟ, ସାଧାରଣ ସମ୍ପାଦକ ରାକେଶ ଓଝାଙ୍କ ସମେତ ବହୁ ଅଧିକାରୀ, କର୍ମଚାରୀ, ଜ୍ୟୋତି ଲେଡିଜ୍ କ୍ଲବ୍ ସଦସ୍ୟାମାନେ ବହୁ ସଂଖ୍ୟାରେ ଉପସ୍ଥିତ ଥିଲେ । ଇଫକୋ ଯୁଗ୍ମ ସାଦାରଣ ପ୍ରବନ୍ଧକ କେ.ମୋହନ ରାଓ ଧନ୍ୟବାଦ ଅର୍ପଣ କରିଥିଲେ ।

## ୭୫ ତମ ଗଣତନ୍ତ୍ର ଦିବସ ପାଳନ

ବାସୁଦେବପୁର,(ପି.ଏନ);ବାସୁଦେବପୁର ରେ ବିଭିନ୍ନ ସ୍ଥାନ ରେ ୭୫ ତମ ଗଣତନ୍ତ୍ର ଦିବସ ପାଳନ ହୋଇ ଯାଇଛି । ସ୍ଥାନୀୟ ଅଟଳ ବିହାରୀ ଉଚ୍ଚ ବିଦ୍ୟାଳୟ ରେ ବିଧାୟକ ବିଷ୍ଣୁ ବ୍ରତ ରାଉତ ରାୟ ଓ ପୌର ଅଧ୍ୟକ୍ଷା ନିବେଦିତା ବେହେରା, ଉପାଧ୍ୟକ୍ଷ ଉତ୍ତମ ବାରିକ୍, ପୌର ଅଧିକାରୀ ସମୀର ରଞ୍ଜନ ଦାଶ ଙ୍କ ଉପସ୍ଥିତି ରେ ପତାକା ଉତ୍ତୋଳନ ହୋଇ ଯାଇଛି । ଏହି ଅବସର ରେ ପୌର ପରିଷଦ ର ସମସ୍ତ ବିଦ୍ୟାଳୟ ଓ ମହାବିଦ୍ୟାଳୟ ର ଛାତ୍ର ଛାତ୍ରୀ ମାନେ ଉପସ୍ଥିତ ଥିଲେ । ସେହିପରି ନୀଳ ମଣି ମାର୍କେଟ କମ୍ପ୍ଲେକ୍ସ, ଆର ଏମ ସି ମାର୍କେଟ କମ୍ପ୍ଲେକ୍ସ, ମେଡିକାଲ, ବ୍ଲକ୍ କାର୍ଯ୍ୟାଳୟ, ତହସିଲ କାର୍ଯ୍ୟାଳୟ ସହ ଅନେକ ସ୍ଥାନ ରେ ଗଣ ତନ୍ତ୍ର ଦିବସ ପାଳନ କରାଯାଇଛି ।

## ପାରାଦୀପ ବନ୍ଦର ସମେତ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ସାଧାରଣତନ୍ତ୍ର ଦିବସ ପାଳିତ



ପାରାଦୀପ,(ପି.ଏନ): ୭୫ ତମ ସାଧାରଣତନ୍ତ୍ର ଦିବସ ପାଳନ ଅବସରରେ ପାରାଦୀପ ବନ୍ଦର ପ୍ରଶାସନ ପକ୍ଷରୁ ଗୋପବନ୍ଧୁ ଷ୍ଟାଡିୟମ ପରିସରରେ ଭବ୍ୟ ସମାରୋହ ଆୟୋଜିତ ହୋଇଥିଲା । ମୁଖ୍ୟଅତିଥି ଭାବେ ପାରାଦୀପ ବନ୍ଦର ଅଧ୍ୟକ୍ଷ ପି.ଏଲ୍.ହରନାଦ ଜାତୀୟ ପତାକା ଉ□ୋଳନ କରିବା ସହିତ ମିଳିତ ପ୍ୟାରେଡ୍‌ରେ ମୁଖ୍ୟଅତିଥି ଭାବେ ଯୋଗ ଦେଇ ଅଭିବାଦନ ଗ୍ରହଣ କରିଥିଲେ । ପାରାଦୀପ ବନ୍ଦର ଦେଶର ସାମୁଦ୍ରିକ ବ୍ୟବସାୟରେ ପ୍ରମୁଖ ବନ୍ଦର ଭାବେ ଉଭା ହୋଇଛି । ସେଥି ପାଇଁ ୨୦୨୩ ମସିହା ପାଇଁ ସାଗର ଶ୍ରେଷ୍ଠ ସମ୍ମାନ ହାସଲ କରିପାରିଛି ବୋଲି ମୁଖ୍ୟଅତିଥି ଶ୍ରୀ ହରନାଦ କହିଥିଲେ । ପଣ୍ୟକାରବାର କ୍ଷେତ୍ରରେ ପାରାଦୀପ ଦେଶର ଅନ୍ୟ ବନ୍ଦରମାନଙ୍କ ତୁଳନାରେ ବହୁ ଆଗରେ ରହିଛି । ମାତ୍ର ୨୬୨ ଦିନରେ ୧୦୦ଏମଏମଟି ପଣ୍ୟ କାରବାର କରି ପାରାଦୀପ ବନ୍ଦର ଏକ ଉଦାହରଣ ସୃଷ୍ଟି କରିପାରିଛି । ମେରାଟାଇମ୍ ଭିଜନ-୨୦୩୦ ଅଧିନରେ ପାରାଦୀପ ବନ୍ଦର ବିଶ୍ୱସ୍ତରୀୟ ସଫଳ ବନ୍ଦର ହୋଇ ୨୦୩୦ ମସିହା ବେଳକୁ ୪୦୦ଏମଏମଟି ପଣ୍ୟ କାରବାର କରି ପାରିବାର ଦକ୍ଷତା ପ୍ରତିପାଦିତ କରିବ ବୋଲି ଦୃଢ ଆଶାବ୍ୟକ୍ତ କରିଥିଲେ ଶ୍ରୀ ହରନାଦ । ସେହିପରି ପାରାଦୀପ ଖବରକାଗଜ ବିତରକ ସଂଘ ଓ କାର୍ଯ୍ୟରତ ସାମ୍ବାଦିକମାନଙ୍କ ପକ୍ଷରୁ ବଡପଡିଆ ପ୍ରେସ୍ ଛକଠାରେ ଜାତୀୟ ପତାକା ଉ□ୋଳନ କରିଥିଲେ ସାମ୍ବାଦିକ ସୁଧାଂଶୁ ନାୟକ । ଖବର କାଗଜ ବିତରକ ସଂଘ ସଭାପତି ପ୍ରଦୀପ କୁମାର ଜେନାଙ୍କ ସମେତ ଖବର କାଗଜ ବିକ୍ରେତା ଓ ସାମ୍ବାଦିକମାନେ ବହୁ ସଂଖ୍ୟାରେ ଯୋଗ ଦେଇଥିଲେ । ପାରାଦୀପ ପୋର୍ଟ ବଣିକ ସଂଘ ପକ୍ଷରୁ ବଡପଡିଆ କାର୍ଯ୍ୟାଳୟ ପରିସରେ ସଭାପତି ସଂ◌ୋଷ କୁମାର ପଟ୍ଟନାୟକ ଜାତୀୟ ପତାକା ଉ□ୋଳନ କରିଥିଲେ । ସଂଘର ସମ୍ପାଦକ ଦେବବ୍ରତ ସାହୁ, ବରିଷ୍ଠ ସଦସ୍ୟ କ୍ଷିରୋଦ ସ୍ୱାଇଁ, ପ୍ରମୋଦ କୁମାର ମହାପାତ୍ରଙ୍କ ସମେତ ବ୍ୟବସାୟୀମାନେ ବହୁ ସଂଖ୍ୟାରେ ଉପସ୍ଥିତ ଥିଲେ ।

## ଡିଏଭି ପୋଖରୀପୁଟରେ ୭୫ତମ ସାଧାରଣତନ୍ତ୍ର ଦିବସ ପାଳିତ



ଭୁବନେଶ୍ୱର,(ପି.ଏନ): ଡିଏଭି ପୋଖରୀପୁଟରେ ୭୫ ତମ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି । ବିଦ୍ୟାଳୟ ପରିଚାଳନା ସମିତିର ଚେୟାରମ୍ୟାନ୍ ଡ. ଅରୁଣ କୁମାର ରଥ ମୁଖ୍ୟଅତିଥି ରୂପେ ଯୋଗଦାନ କରି ଜାତୀୟ ପତାକା ଉତ୍ତୋଳନ କରିଥିଲେ । ବିଶ୍ୱ ଦରବାରରେ ଭାରତ ଏକ ଶକ୍ତିଶାଳୀ ରାଷ୍ଟ୍ର ରୂପେ ପରିଚିତ ହେବା ପାଇଁ ସମସ୍ତଙ୍କର ଉଦ୍‌ଯୋଗ ଏକାନ୍ତ ଆବଶ୍ୟକ ବୋଲି ସେ ନିଜର ଅଭିଭାଷଣରେ କହିଥିଲେ । ଜାତୀୟ ସ୍ତରରେ ଡିଏଭି ପୋଖରୀପୁଟର ମର୍ଯ୍ୟାଦା ବୃଦ୍ଧି ନିମନ୍ତେ ସମସ୍ତଙ୍କର ଏକନିଷ୍ଠ ସାଧନାର ଆବଶ୍ୟକତା ବୋଲି ସେ ବିଦ୍ୟାର୍ଥୀମାନଙ୍କୁ ଆହ୍ୱାନ ଦେଇଥିଲେ । ସ୍ୱାଧୀନତା ସଂଗ୍ରାମୀମାନଙ୍କ ଜୀବନାଦର୍ଶରେ ଅନୁପ୍ରାଣିତ ହୋଇ ଦେଶପ୍ରେମରେ ବ୍ରତୀ ହେଲେ ଏହି ଦିବସ ପାଳନର ଉଦ୍ଦେଶ୍ୟ ସଫଳ ହେବ ବୋଲି ବିଦ୍ୟାଳୟର ଅଧ୍ୟକ୍ଷ ବିପିନ କୁମାର ସାହୁ ନିଜର ଅଭିଭାଷଣରେ କହିଥିଲେ । ଏହି ଅବସରରେ ବିଦ୍ୟାଳୟର ଚାରୋଟି ସଦନ ଭକ୍ତି, ସ୍ତୁତି, ଶ୍ଳୋକ ଓ ମନ୍ତ୍ର ବିଦ୍ୟାର୍ଥୀମାନଙ୍କ ଦ୍ୱାରା ଚିତ୍ତାକର୍ଷକ ପ୍ୟାରେଡ଼ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା , ଯେଉଁଥିରେ ମନ୍ତ୍ର ସଦନର ବିଦ୍ୟାର୍ଥୀ ଚମ୍ପିୟାନ୍ ହୋଇଥିବା ବେଳେ ସ୍ତୁତି ସଦନର ବିଦ୍ୟାର୍ଥୀ ରନର୍ସ ଅପ୍ ହୋଇଥିଲେ । ତୃତୀୟରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ପ୍ରତି ବିଭାଗର ବିଦ୍ୟାର୍ଥୀମାନଙ୍କ ଦ୍ୱାରା ଦେଶପ୍ରେମୀଙ୍କ ନାମରେ ଆଧାରିତ ଆକର୍ଷଣୀୟ ପତ୍ରିକା ଉନ୍ମୋଚିତ ହୋଇଥିଲା । ଛାତ୍ରଛାତ୍ରୀଙ୍କ ଦ୍ୱାରା ସାମୂହିକ ସଂଗୀତ ଏବଂ ଚିତ୍ତାକର୍ଷକ ନୃତ୍ୟ ପରିବେଷିତ ହୋଇଥିଲା । ବିଭିନ୍ନ ବିଭାଗରେ କୃତିତ୍ୱ ହାସଲ କରିଥିବା ବିଦ୍ୟାର୍ଥୀମାନଙ୍କୁ ପୁରସ୍କୃତ କରାଯାଇଥିଲା । ଗଣତନ୍ତ୍ର ଦିବସର ଏହି ଜାତୀୟତାବୋଧ ଭାବଗମ୍ଭୀର ପରିବେଶ ସମସ୍ତଙ୍କୁ ମନ୍ତ୍ରମୁଗ୍ଧ କରିଥିଲା ।

## ପାରାଦୀପ ତୈଳ ବିଶୋଧନାଗାର ପକ୍ଷରୁ ସାଧାରଣତନ୍ତ୍ର ଦିବସ ପାଳିତ

ପାରାଦୀପ,(ପି.ଏନ): ପାରାଦୀପ ତୈଳ ବିଶୋଧନାଗାର ପକ୍ଷରୁ ୭୫ ତମ ସାଧାରଣତନ୍ତ୍ର ଦିବସ ପାଳିତ ହୋଇଯାଇଛି । ଏହି ଅବସରରେ ବିଶୋଧନାଗାର ପରିସରରେ ଥିବା ନେତାଜୀ ସୁବାଷ ଚନ୍ଦ୍ର ବୋଷ ଷ୍ଟାଡିୟମ ପରିସରରେ ଜାତୀୟ ପତାକା ଉ□ୋଳନ କରିଥିଲେ ନିର୍ବାହୀ ନିର୍ଦ୍ଦେଶକ ତଥା ବିଶୋଧନାଗାର ମୁଖ୍ୟ କୌଶିକ ବସୁ । ଶ୍ରୀ ବସୁ ସ୍ୱାଧୀନତା ଆନ୍ଦୋଳନର ସଂଗ୍ରାମୀମାନଙ୍କୁ ଶ୍ରଦ୍ଧାଂଜଳୀ ଅର୍ପଣ କରିଥିଲେ । ଏହି ଅବସରରେ ଶ୍ରୀ ବସୁ ଓଡିଶାର ଶିଳ୍ପ ବିକାଶରେ ବିଶୋଧନାଗାର ଏକ ଉଦାହରଣ ସୃଷ୍ଟି କରିବା ସହିତ ପିଏକ୍ସ-ପିଟିଏ, ପିୟୁୟୁପି, ଏସଆରଭି,ଏଭି ଗ୍ୟାସ ଉତ୍ପାଦନ କରିବାରେ ସଫଳତା ହାସଲ କରିପାରିଛି ବୋଲି ମତବ୍ୟକ୍ତ କରିଥିଲେ । ସବୁଜ ଶକ୍ତି ବ୍ୟବହାର ଓ ଉତ୍ପାଦନକୁ ପାରାଦୀପ ତୈଳ ବିଶୋଧନାଗାର ଗୁରୁତ୍ୱ ଦେଉଥିବା ସେ କହିଥିଲେ । ଏହି ଅବସରରେ ସିଏସଆର ଯୋଜନାରେ ଶ୍ରୀ ବସୁ ଓ ଅନ୍ୟ ଅଧିକାରୀମାନେ ନିକଟସ୍ଥ ଶିକ୍ଷାନୁଷ୍ଠାନମାନଙ୍କୁ ଥଣ୍ଡା ପାନୀୟ ଜଳ ମେସିନ ପ୍ରଦାନ କରିଥିଲେ ।

## ଏମ୍ସ ଭୁବନେଶ୍ୱରରେ ଦେଶପ୍ରେମର ଅନନ୍ୟ ବାତାବରଣ ମଧ୍ୟରେ ୭୫ତମ ଗଣତନ୍ତ୍ର ଦିବସ ପାଳିତ

ଭୁବନେଶ୍ୱର, (ପି.ଏନ): ଦେଶପ୍ରେମର ଅନନ୍ୟ ବାତାବରଣ ମଧ୍ୟରେ ଏମ୍ସ ଭୁବନେଶ୍ୱରରେ ୭୫ତମ ଗଣତନ୍ତ୍ର ଦିବସ ପାଳିତ ହୋଇଯାଇଛି । ଏହି ଜାତୀୟ ସ୍ୱାସ୍ଥ୍ୟ ପ୍ରତିଷ୍ଠାନର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡ. ଆଶୁତୋଷ ବିଶ୍ୱାସ ଅମୃତ କାଳର ଏହି ଅବିସ୍ମରଣୀୟ ମୂହୁର୍ତ୍ତରେ ଜାତୀୟ ପତାକା ଉତ୍ତୋଳନ କରିଥିଲେ । ଏହି ଅବସରରେ ସ୍ୱାସ୍ଥ୍ୟ ସେବା ଯୋଗାଇବାଦେବାରେ ସମଗ୍ର ପୂର୍ବଭାରତର ବିଶ୍ୱାସ ଜିଣିପାରିଥିବା ଏମ୍ସ ଭୁବନେଶ୍ୱର ଏହି ଅମୃତ କାଳ ସମୟରେ ନିରନ୍ତର ଉତ୍ସର୍ଗୀକୃତ ତଥା ଅଭିନବ ସ୍ୱାସ୍ଥ୍ୟସେବା ସମାଧାନ ସହିତ ମାତୃଭୂମିର ସେବା କରିବାର ପ୍ରତିବଦ୍ଧତା ସମ୍ପର୍କରେ ମତବ୍ୟକ୍ତ କରିଥିଲେ ଡ. ବିଶ୍ୱାସ । ଗୁଣାତ୍ମକ ସ୍ୱାସ୍ଥ୍ୟସେବା ଯୋଗାଇଦେବା ନିମନ୍ତେ ଏମ୍ସ ପକ୍ଷରୁ ନିଆଯାଉଥିବା ବିଭିନ୍ନ ପଦକ୍ଷେପ ସମ୍ପର୍କରେ ସୂଚ଼ନା ଦେବା ସହିତ ନିକଟରେ ଆରମ୍ଭ ହୋଇଥିବା ଡ୍ରୋନ୍ ସ୍ୱାସ୍ଥ୍ୟ ସେବା ବାବଦରେ ପ୍ରକାଶ କରିଥିଲେ ।

## ଶ୍ରୀ ବାଟ ମହାବୀର ବ୍ୟବସାୟୀ ସଂଘ ପକ୍ଷରୁ ୭୫ତମ ସାଧାରଣତନ୍ତ୍ର ଦିବସ ପାଳନ



ଭୁବନେଶ୍ୱର, (ପି.ଏନ): ୭୫ତମ ସାଧାରଣତନ୍ତ୍ର ଦିବସ ଉପଲକ୍ଷେ ପ୍ରତିବର୍ଷ ପରି ଚଳିତ ବର୍ଷ ଶ୍ରୀ ବାଟ ମହାବୀର ବ୍ୟବସାୟୀ ସଂଘ ପକ୍ଷରୁ ୟୁନିଟ୍-୨ ଠାରେ ସାଧାରଣତନ୍ତ୍ର ଦିବସ ପାଳନ କରାଯାଇଥିଲା । ଭୁବନେଶ୍ୱର-ମଧ୍ୟ ବିଧାୟକ ଅନନ୍ତ ନାରାୟଣ ଜେନା ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ପତାକା ଉ□ୋଳନ କରିଥିଲେ । ଶ୍ରୀ ବାଟ ମହାବୀର ବ୍ୟବସାୟୀ ସଂଘର ସଭାପତି ଦୀପକ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ଦୂରଦର୍ଶନ, ଆକାଶବାଣୀ ଓ ସେ□ାଲ ବ୍ୟୁରୋ ଅଫ କମ୍ୟୁନିକେସନ (ସିବିସ)ର ପୂର୍ବତନ ଉପ ନିର୍ଦ୍ଦେଶକ ସୁଧାଂଶୁ ଶେଖର ଧଡ଼ା, ସାପ୍ତାହିକ ସମ୍ବାଦପତ୍ର 'ଉନ୍ନତି ପଥେ'ର ସମ୍ପାଦକ ପ୍ରଦ୍ୟୁମ୍ନ କୁମାର ମହାନ୍ତି, ଉଠାଦୋକାନୀ ମହାସଂଘର ରାଜ୍ୟ ସଭାପତି ପ୍ରତାପ ସାହୁ ଓ ରାକେଶ ପାତ୍ର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ସାଧାରଣତନ୍ତ୍ର ଦିବସର ମହ□ୂ ଓ ତାତ୍ପର୍ଯ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ ।



ସାଧାରଣ ଲୋକଙ୍କ ଖବରକାଗଜ
ଖେଳ
ପର୍ଯ୍ୟବେକ୍ଷକ 25
PARYABEKHYAK
ପର୍ଯ୍ୟବେକ୍ଷକ



# କିଟ୍ ଓ କିସ୍‌ରେ ୭୫ତମ ସାଧାରଣତନ୍ତ୍ର ଦିବସ ପାଳିତ

ଭୁବନେଶ୍ୱର,(ପି.ଏନ): କିଟ୍ ଓ କିସ୍ ବିଶ୍ୱବିଦ୍ୟାଳୟରେ ୭୫ତମ ସାଧାରଣତନ୍ତ୍ର ଦିବସ ମହାସମାରୋହରେ ପାଳିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଗିନିର ନ୍ୟାସ୍‌ନାଲ୍ ଟ୍ରାନଜିସନ୍ କାଉନ୍‌ସିଲ୍ ପ୍ରେସିଡେଣ୍ଟ ଡ. ଦନଶା କୋରୋମା ଯୋଗଦେଇଥିବା ବେଳେ ପ୍ରାକ୍ତନ ଲେଫ୍‌ଟ୍‌ନାଣ୍ଟ ଜେନେରାଲ ସି ପି ମହାନ୍ତି ସ୍ୱତନ୍ତ୍ର ଅତିଥି ଭାବେ ଯୋଗ ଦେଇଥିଲେ।ଏହି ଅବସରରେ ଡ. କୋରୋମା ଛାତ୍ରଛାତ୍ରୀଙ୍କୁ ଉଦ୍‌ବୋଧନ ଦେଇ କହିଲେ, ଭାରତର ଏହି ସ୍ୱତନ୍ତ୍ର ଉତ୍ସବରେ ଓଡ଼ିଶାର ଏଭଳି ଏକ ଅନୁଷ୍ଠାନରେ ଅତିଥି ଭାବେ ଯୋଗ ଦେଇଥିବାରୁ ବ୍ୟକ୍ତିଗତ ଭାବେ ମୁଁ, ଆମ ଦେଶର ଲୋକ ଓ ଆମ ଦେଶ ଏଥିପାଇଁ ଗୌରବାନ୍ୱିତ ମନେକରୁଛି। ସାଧାରଣତନ୍ତ୍ର ଦିବସ ସମସ୍ତଙ୍କ ପାଇଁ ଗୁରୁତ୍ୱ ବହନ କରେ। ଆମ ଦେଶ ଗିନିରେ ମଧ୍ୟ ସାଧାରଣତନ୍ତ୍ର ଦିବସ ଅତି ଗୁରୁତ୍ୱର ସହ ପାଳନ କରାଯାଇଥାଏ। ଏଭଳି କାର୍ଯ୍ୟକ୍ରମରେ ମୋତେ ନିମନ୍ତ୍ରଣ କରାଯାଇଥିବାରୁ ସେ କିଟ୍ ଓ କିସ୍ ତଥା ଏହାର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କୁ ଧନ୍ୟବାଦ ଦେଇଥିଲେ। ପ୍ରାକ୍ତନ ଲେଫ୍‌ଟ୍‌ନାଣ୍ଟ ଜେନେରାଲ ସି ପି ମହାନ୍ତି ଛାତ୍ରଛାତ୍ରୀଙ୍କ ପ୍ୟାରେଡ୍ ଓ ମାର୍ଚ୍ଚପାଷ୍ଟର ଭୂୟସୀ ପ୍ରଶଂସା କରିଥିଲେ। ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇ ସେ କହିଲେ, ଏଠାରୁ ଉଚ୍ଚଶିକ୍ଷା ଗ୍ରହଣ କରି



ପିଲାମାନେ ଯେତେବେଳେ ନିଜ ସ୍ଥାନକୁ ଯିବେ ସେମାନେ ଅତିକମ୍‌ରେ ୧୦ଜଣଙ୍କୁ ଶିକ୍ଷା ସମ୍ପର୍କରେ ସଚେତନ କରାଇବା ଉଚିତ। ପ୍ରତ୍ୟେକ ଛାତ୍ରଛାତ୍ରୀ ସମାଜରେ ଜଣେ ଜଣେ ଭଲ ମଣିଷ ହେବା ସହ ରାଷ୍ଟ୍ର ଗଠନ ଦିଗରେ ବ୍ରତୀ ହେବା ପାଇଁ ଚେଷ୍ଟା କରିବା ଉଚିତ। ଏହା ସହ ସମୟାନୁବର୍ତ୍ତିତା ଅନୁସରଣ କରିବା ସହ ଶୃଙ୍ଖଳା ଜ୍ଞାନ ଛାତ୍ରଛାତ୍ରୀଙ୍କ ମଧ୍ୟରେ ରହିବା ଉଚିତ ବୋଲି ସେ କହିଥିଲେ। କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ କହିଲେ, ବିଗତ ୨୬ବର୍ଷ ଧରି କିଟ୍ ଓ କିସ୍ ନିଜର ପ୍ରୟାସ ଓ ଉଦ୍ୟମ ଯୋଗୁଁ ସମଗ୍ର ବିଶ୍ୱରେ ପ୍ରଶଂସାର ପାତ୍ର ହୋଇପାରିଛି। କିଟ୍ ଓ କିସ୍‌ର ଛାତ୍ରଛାତ୍ରୀ ଓ କର୍ମଚାରୀଙ୍କ ମିଳିତ ସହଯୋଗ ଯୋଗୁଁ ଏହା ସମ୍ଭବ ହୋଇପାରିଛି ବୋଲି ଶ୍ରୀ ସାମନ୍ତ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ କିଟ୍ ଓ କିସ୍ ସଭାପତି ଶାଶ୍ୱତୀ ବଳ, ଉପସଭାପତି ଉମାପଦ ବୋଷ, ସମ୍ପାଦକ ଆର ଏନ୍ ଦାଶ, କିଟ୍ ବିଶ୍ୱବିଦ୍ୟାଳୟ କୁଳାଧିପତି ଅଶୋକ ପରିଜା, ଉପକୁଳାଧିପତି ଡା. ସୁବ୍ରତ ଆଚାର୍ଯ୍ୟ, କିସ୍ ବିଶ୍ୱବିଦ୍ୟାଳୟ ଉପକୁଳାଧିପତି ପ୍ରଫେସର ଅମରେଶ୍ୱର ଗାଲା, କିଟ୍ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଶରଣଜିତ ସିଂହ, ଉପକୁଳପତି ଡା. ସିବିକେ ମହାନ୍ତି, କୁଳସଚିବ ପ୍ରଫେସର ଜ୍ଞାନ ରଞ୍ଜନ ମହାନ୍ତି, କିସ୍ ବିଶ୍ୱବିଦ୍ୟାଳୟ କୁଳସଚିବ ଡ. ପି. କେ ରାଉତରାୟ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଅନୁଷ୍ଠିତ ହୋଇଥିବା କାର୍ଯ୍ୟକ୍ରମରେ କିଟ୍ ଓ କିସ୍‌ର ବିଭିନ୍ନ ସ୍କୁଲ ପକ୍ଷରୁ ପ୍ରଜ୍ଞାପନ ମେଢ଼ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ମାର୍ଚ୍ଚପାଷ୍ଟ ବିଚାରକ ଭାବେ ପ୍ରାକ୍ତନ ପୋଲିସ କମାଣ୍ଡାଣ୍ଟ ସୁବାସ ଚନ୍ଦ୍ର ତ୍ରିପାଠୀ ଓ ଅମ୍ବିକା ପ୍ରସାଦ ପଣ୍ଡା ଯୋଗ ଦେଇଥିବା ବେଳେ ସାଂସ୍କୃତିକ କାର୍ଯ୍ୟକ୍ରମ ବିଚାରକ ଭାବେ ଶ୍ରୀକାନ୍ତ ଗୌତମ, ପ୍ରତିଭା ପଣ୍ଡା ଓ ଗୀତା ପଟ୍ଟନାୟକ ଯୋଗ ଦେଇଥିଲେ।

## ନୀଳାଦ୍ରି ବିହାର ଆବାସିକ ସଂଘ ପକ୍ଷରୁ ସାଧାରଣତନ୍ତ୍ର ଦିବସ ପାଳିତ

ଭୁବନେଶ୍ୱର,(ପି.ଏନ); ନୀଳାଦ୍ରିବିହାର ଆବାସିକ ସଂଘ କାର୍ଯ୍ୟାଳୟ ଠାରେ ୬୯ତମ ସାଧାରଣତନ୍ତ୍ର ଦିବସ ମହାସମାରୋହରେ ପାଳିତ ହୋଇଯାଇଛି । ସଂଘର ଉପଦେଷ୍ଟା ତଥା ବରିଷ୍ଠ ଆଇନଜୀବୀ ମନମୋହନ ପଟ୍ଟନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପତାକା ଉତ୍ତୋଳନ କରିଥିଲେ । ସମ୍ମାନୀତ ଅତିଥି ଭାବେ କାର୍ଯ୍ୟକାରୀ ସଭାପତି ଅମିତାଭ ମଲ୍ଲିକ ଯୋଗଦେଇ ସାଧାରଣତନ୍ତ୍ର ଦିବସର ତାତ୍ପର୍ଯ୍ୟ ଉପରେ ଆଲୋକପାତ କରିଥିଲେ। ସଂଘର ସମ୍ପାଦକ ଦେବେନ୍ଦ୍ର ପାତ୍ର କାର୍ଯ୍ୟକ୍ରମୁ ପରିଚାଳନା କରିଥିଲା ବେଳେ କୋଷାଧ୍ୟକ୍ଷ ଅରୁଣ କୁମାର ଦେ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ସଂଘର ସମସ୍ତ କର୍ମକର୍ତ୍ତା, ସଭ୍ୟ, ସ୍ଥାନୀୟ ବୁଦ୍ଧିଜୀବିମାନେ ଉପସ୍ଥିତ ଥିଲେ।

## ମହିଳା କଂଗ୍ରେସ ପକ୍ଷରୁ କର୍ମକର୍ତ୍ତାଙ୍କୁ ଜିଲ୍ଲା ଦାୟିତ୍ୱ ବଂଟନ

ଭୁବନେଶ୍ୱର, (ପି.ଏନ): ମହିଳା କଂଗ୍ରେସ ସଂଗଠନକୁ ବିଭିନ୍ନ ଜିଲ୍ଲାରେ ସୁଦୃଢ଼ କରିବା ନିମନ୍ତେ ଓଡ଼ିଶା ପ୍ରଦେଶ ମହିଳା କଂଗ୍ରେସ ସଭାପତି ଶ୍ରୀମତୀ ବନ୍ଦିତା ପରିଡ଼ା ମହିଳା କଂଗ୍ରେସ କର୍ମକର୍ତାଙ୍କ ମଧ୍ୟରେ ବିଭିନ୍ନ ଜିଲ୍ଲା ଦାୟିତ୍ୱ ବଂଟନ କରିଛନ୍ତି । ଏହି କ୍ରମରେ ବଲାଙ୍ଗୀର ଓ ନବରଙ୍ଗପୁର ଜିଲ୍ଲା ପ୍ରଭାରୀ ଭାବେ ମାହେନ୍ଦ୍ରୀ ସାହୁ ଦାୟିତ୍ୱରେ ଥିବାବେଳେ ଗୀତାଳୀ ପାଣିଗ୍ରାହୀ ସହ ପ୍ରଭାରୀ ଭାବେ ଦାୟିତ୍ୱରେ ରହିଛନ୍ତି । ସେହିପରି ଭାବରେ ବାଲେଶ୍ୱର ଜିଲ୍ଲା ସଂଗୀତା ସିଂଦେଓ-ପ୍ରଭାରୀ ଓ ସୁନୀତା ନାୟକ-ସହପ୍ରଭାରୀ, ଭଦ୍ରକ ଓ କେନ୍ଦ୍ରାପଡ଼ା ଜିଲ୍ଲା ଦିପ୍ତୀରାଣୀ ପ୍ରଧାନ-ପ୍ରଭାରୀ ଓ ସ୍ୱର୍ଣ୍ଣଲତା ବାଆଁରା-ସହପ୍ରଭାରୀ, ଭୁବନେଶ୍ୱର ରୀତାଶ୍ରୀ ମହାନ୍ତି-ପ୍ରଭାରୀ, ନିର୍ମଳା ମଲ୍ଲିକ-ସହ ପ୍ରଭାରୀ, ବୌଦ୍ଧ ଜିଲ୍ଲା ରଶ୍ମି ମହାପାତ୍ର-ପ୍ରଭାରୀ, ସିପ୍ରା ସେନାପତି-ସହପ୍ରଭାରୀ, କଟକ ଓ ଗାମ ଶ୍ରୀୟାସ୍ମିତା ପଣ୍ଡା-ପ୍ରଭାରୀ, ମୁଲତା ମିଶ୍ର-ସହପ୍ରଭାରୀ, କଟକ ନଗର ରୀତାଶ୍ରୀ ମହାନ୍ତି-ପ୍ରଭାରୀ,ନିର୍ମଳା ମଲ୍ଲିକ-ସହ ପ୍ରଭାରୀ, ଦେଓଗଡ଼ ଏଲ. ମାଣିକପ୍ରଭା-ପ୍ରଭାରୀ, ରାଜଲକ୍ଷ୍ମୀ ପାତ୍ର-ସହପ୍ରଭାରୀ, ଢ଼େଙ୍କାନାଳ ସବିତା ଧିର-ପ୍ରଭାରୀ, ଲିପ୍ସା ଚାନ୍ଦ-ସହପ୍ରଭାରୀ, ଗଜପତି ମୋତି କୈବର୍ତ-ପ୍ରଭାରୀ, ସୁଦିପ୍ତା ଦାସ-ସହପ୍ରଭାରୀ, ଜଗତସିଂହପୁର ଓ ଯାଜପୁର ଅମୀତବାଳା ଆଚାର୍ଯ୍ୟ-ପ୍ରଭାରୀ, ସ୍ନେହ ମହାପାତ୍ର-ସହପ୍ରଭାରୀ,କଳାହାଣ୍ଡି ସବିତା ଧିର- ପ୍ରଭାରୀ, ନଳୀନ ଜାଲ - ସହପ୍ରଭାରୀ, କେନ୍ଦୁଝର ଦେବସ୍ମିତା ସାମଲ-ପ୍ରଭାରୀ, ଲତାନାୟକ-ସହପ୍ରଭାରୀ, କନ୍ଧମାଳ ଏଲ.ମାଣିକ ପ୍ରଭା- ପ୍ରଭାରୀ, ଓ ଗେରଟି ସେସ୍-ସହପ୍ରଭାରୀ, ଖୋର୍ଦ୍ଧା ସୁଭଦ୍ରା ମିଶ୍ର - ପ୍ରଭାରୀ, ରୀନା ସାହୁ- ସହପ୍ରଭାରୀ, କୋରାପୁଟ ସବିତା ଧିର-ପ୍ରଭାରୀ, ପଦ୍ମାବତୀ ମାଡାଙ୍ଗୀ-ସହ ପ୍ରଭାରୀ, ମାଲ୍‌କାନାଗିରି ସୁପ୍ରଭା ବରାଇ-ପ୍ରଭାରୀ, ଗୀତାଳୀ ପିଡ଼ିକା -ସହପ୍ରଭାରୀ, ମୟୁରଭ-ସଂଗୀତା ସିଂଦେଓ- ପ୍ରଭାରୀ, ଗୌରୀ ଦାସ-ସହ ପ୍ରଭାରୀ, ନୟାଗଡ଼ ସିଲ୍ଲିସେଠୀ ପ୍ରଭାରୀ, କିରଣବାଳା ମହାନ୍ତି-ସହ ପ୍ରଭାରୀ, ନୂଆପଡ଼ା ଜିଲ୍ଲା ଜ୍ୟୋତିର୍ମୟୀ ବାଗ-ପ୍ରଭାରୀ, ସୁକାନ୍ତୀ ସରାଫ-ସହପ୍ରଭାରୀ,ପୁରୀ ଲକ୍ଷ୍ମୀପ୍ରିୟା ଆଚାର୍ଯ୍ୟ-ପ୍ରଭାରୀ, ଲିପ୍‌ସା ଚାନ୍ଦ-ସହପ୍ରଭାରୀ, ରାୟଗଡ଼ା ନମୀତା ମାଝି-ପ୍ରଭାରୀ ଓ ଗୀତାଳୀ ପିଡ଼ିକା-ସହପ୍ରଭାରୀ, ରାଉରକେଲା ସୁଭଦ୍ରା ମିଶ୍ର-ପ୍ରଭାରୀ, ତୁଷାରକାନ୍ତି ମିଶ୍ର-ସହପ୍ରଭାରୀ, ସୁବର୍ଣ୍ଣପୁର ଚୌତାଳୀ ପଟ୍ଟନାୟକ-ପ୍ରଭାରୀ, ସୁଦୀପ୍ତା ଦାସ-ସହପ୍ରଭାରୀ ଓ ସୁନ୍ଦରଗଡ଼ ଜିଲ୍ଲା ନିମନ୍ତେ ଏଲ.ମାଣିକପ୍ରଭା- ପ୍ରଭାରୀ, କଲ୍ୟାଣୀ ପୁଷ୍ଟି- ସହପ୍ରଭାରୀ ଭାବେ ଦାୟିତ୍ୱ ଦିଆଯାଇଛି । ଦାୟିତ୍ୱରେ ଥିବା କର୍ମକର୍ତାମାନେ ଖୁବ୍‌ଶୀଘ୍ର ସେମାନଙ୍କର କାର୍ଯ୍ୟ ନିର୍ବାହ କରିବାକୁ ଶ୍ରୀମତୀ ପରିଡ଼ା ଅନୁରୋଧ କରିଛନ୍ତି।




# ଯୌତୁକ ନିର୍ଯ୍ୟାତନା ମାମଲା : ସ୍ୱାମୀ ସମେତ ୬ ଜଣଙ୍କୁ ଜେଲ ଓ ଜୋରମାନା

ଦର୍ପଣ,(ପିଏନ) : ଏକ ଯୌତୁକ ନିର୍ଯ୍ୟାତନା ମାମଲାରେ ଆସାମୀ ସ୍ୱାମୀ, ଶାଶୁ, ଶଶୁର, ନଣନ୍ଦ, ନଣନ୍ଦେଇ, ସଂପର୍କୀୟ ନଣନ୍ଦ ଓ ମାମୁ ଶଶୁରଙ୍କୁ ୨ ବର୍ଷ କାରାଦଣ୍ଡାଦେଶ ସହିତ ୭ ହଜାର ଟଙ୍କା ଜୋରିମାନା ଆଦେଶ ଶୁଣାଇଛନ୍ତି ଚଣ୍ଡିଖୋଲ କୋର୍ଟ ସହକାରୀ ଦୌରାଜଜ। ସୂଚନା ଅନୁଯାଇ ବଡଚଣା ଥାନା ଶାନ୍ତିପୁର ଗ୍ରାମର ଫକୀର ଚରଣ ସେଠୀଙ୍କ ଝିଅ ରଶ୍ମିତା କଟକ ଜିଲ୍ଲା ମାହାଙ୍ଗା ଥାନା କଇଥା ଗ୍ରାମର ଅଶୋକ ସେଠୀଙ୍କ ପୁଅ ବିନୋଦଙ୍କ ସହିତ ୩୧.୦୫.୨୦୧୫ ମସିହାରେ ବୈଦିକ ମତେ ବିବାହ ହୋଇଥିଲା। ବର ପକ୍ଷଙ୍କ ଦାବୀ ମୁତାବକ କନ୍ୟା ପକ୍ଷ ଜାନି ଯୌତୁକ ଦେଇଥିଲେ। ଫ୍ରିଜ ଓ ଗ୍ରାଇଣ୍ଡର ପଛରେ ଦେବାପାଇଁ କହିଥିଲେ। ନ ଦେବାରୁ ଆସାମୀ ମାନେ ରଶ୍ମିତାର ପାଟିରେ କନାବିଣ୍ଡା ପୁରେଇ ଗୋଇଠା ବିଧା ମରା ମରି କରିଥିଲେ। ସେ ଆସନ୍ନ ପ୍ରସବା ଥିବାରୁ ପ୍ରବଳ ରକ୍ତଶ୍ରାବ ହୋଇ ଗର୍ଭପାତ ହୋଇଯାଇଥିବା ମେଡିକାଲରେ ଜଣାପଡିଥିଲା। ସେଠାରୁ ତାକୁ ଏକ ଅଟୋରେ ତା ବାପ ଘର ଶାନ୍ତିପୁର ଗାଁ ଶେଷମୁଣ୍ଡ ହନୁମାନ ମନ୍ଦିର ପାଖେ ଛାଡି ଦେଇ ଆସାମୀ ମାନେ ଖସି ପଳାଉ ଯାଉଥିବା ବେଳେ ରଶ୍ମିତାର ଚିତ୍କାର ଶୁଣି ଗାଁ ଲୋକେ ତାକୁ ଉଦ୍ଧାର କରି ଆସାମୀମାନଙ୍କୁ କାବୁ କଲେ। ଏହି ଘଟଣାକୁ ନେଇ ବଡଚଣା ଥାନାରେ ଏକ ମୋକଦ୍ଦମା କେଶ ନଂ ୨୪୨/୨୦୧୫ ରୁଜୁ ହୋଇଥିଲା ଓ କୋର୍ଟରେ ସି.ଟି କେଶ ନଂ ୧୨୩/ ୨୦୧୭ ରେ ୧୪ ଜଣ ସାକ୍ଷୀଙ୍କ ବୟାନକୁ ଆଧାର କରି ଚଣ୍ଡିଖୋଲ କୋର୍ଟର ସହକାରୀ ଦୌରାଜଜ ସୌଭାଗ୍ୟ ରଞ୍ଜନ ସ୍ୱାଇଁ ଏହାର ବିଚାର କରି ଅଭିଯୁକ୍ତ ବିନୋଦ ସେଠୀ, ଅଶୋକ ସେଠୀ, ଦଫା ୩୨୩ ରେ ଏକ ବର୍ଷ କାରାଦଣ୍ଡାଦେଶ, ଦଫା ୪ ଯୌତୁକ ନିରୋଦ ଆଇନ ଅନୁଯାୟୀ ୨ ବର୍ଷ କାରାଦଣ୍ଡ ସହିତ ୫୦୦୦ଟଙ୍କା ଜୋରିମାନା ଏବଂ ଜୋରିମାନା ଅନାଦେୟ ଅଧିକ ଚାରି ମାସର କାରାଦଣ୍ଡ ଶୁଣାଇଛନ୍ତି।

# ଗଣରାଜ୍ୟ ଦିବସ ପାଳିତ

ଫୁଲନଖରା,(ପି.ଏନ): ହରିଅନ୍ତା ପଞ୍ଚାୟତ ଖନ୍ଦୋଳସ୍ଥିତ ବିଳାଶୁଣୀ ବିଦ୍ୟାପୀଠରେ ବରିଷ୍ଠ ସଂସ୍କୃତ ଶିକ୍ଷକ ପଣ୍ଡିତ ବିମ୍ବାଧର ଦାସ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ଶିକ୍ଷାବିତ ପ୍ରବୋଧ ମହାପାତ୍ର, ପ୍ରଧାନ ଶିକ୍ଷକ ଶରତକୁମାର ଆଚାର୍ଯ୍ୟ, ରବିନାରାୟଣ ନାଥ, ଆନନ୍ଦଚନ୍ଦ୍ର ଦାସ, ଚନ୍ଦ୍ରଶେଖର ମାଝୀ ପ୍ରମୁଖ ଉପସ୍ଥିତ ଥିଲେ। ସଂସ୍କୃତ ଏକାଡ଼େମୀ: କୁରାଙ୍ଗଶାସନସ୍ଥିତ ବାବା ରାମ ପ୍ରସାଦ ସଂସ୍କୃତ ଏକାଡ଼େମୀରେ ଆୟୋଜିତ ଗଣରାଜ୍ୟ ଦିବସ ପାଳନରେ ସମାଜସେବୀ ତ୍ରିଲୋଚନ ଜେନା ଜାତୀୟ ପତାକା ଉତ୍ତୋଳନ କରିଥିଲେ। ଏହି ଅବସରରେ ପ୍ରଧାନ ପଣ୍ଡିତ ଘନଶ୍ୟାମ ମୁଦୁଲି, ସୁଧାଂଶୁଶେଖର ମହାନ୍ତି, ବନବିହାରୀ ପାତ୍ର, ହୃଦରନ ଦାଶ, ଭବାନୀଶଙ୍କର ମିଶ୍ର, ଧିରେନ୍ଦ୍ର ନନ୍ଦ ଉପସ୍ଥିତ ଥିଲେ। ପଣ୍ଡିତ ଅଜୟକୁମାର ପତି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପ୍ରେସ କ୍ଲବ : କଟକ ସଦର ପ୍ରେସ କ୍ଲବ ତରଫରୁ ଗଣରାଜ୍ୟ ଦିବସ ଅରଡ଼ିଆପଦାସ୍ଥିତ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଥିଲା। ସଭାପତି ସୁରେନ୍ଦ୍ର ମହାପାତ୍ର ଜାତୀୟ ପତାକା ଉତ୍ତୋଳନ କରିଥିଲାବେଳେ ସରକାରୀ ଓକିଲ କବିନାରାୟଣ ଜେନା, ପଣ୍ଡିତ ସୁରେନ୍ଦ୍ରନାଥ ଛୋଟରାୟ, କାର୍ଯ୍ୟକାରୀ ସଭାପତି ଲଳିତକୁମାର ଦାଶ, ଉପସଭାପତି ଅଜୟକୁମାର ପାତ୍ର, କୋଷାଧ୍ୟକ୍ଷ ଅଜୟକୁମାର ଦାଶ, ଯୁଗ୍ମ ସମ୍ପାଦକ ଶଶିଭୂଷଣ ଦାଶ, କଲ୍ୟାଣ ପାଣ୍ଠି ମୁଖ୍ୟ ରାଜକିଶୋର ବେହେରା, ଯୋଜନା କାର୍ଯ୍ୟ ନିର୍ବାହୀ ରାକେଶକୁମାର ହୋତା, ଜନ ସମ୍ପର୍କ ମୁଖ୍ୟ ଧିରେନ୍ଦ୍ରକୁମାର ସାହୁ, ସହ ସମ୍ପାଦକ ଗଜେନ୍ଦ୍ରନାଥ ଦାସ, ସହ କୋଷାଧ୍ୟକ୍ଷ ଦୀପ୍ତିରଂଜନ ଶତପଥି ପ୍ରମୁଖ ଉପସ୍ଥିତ ଥିଲେ। ପ୍ରେସ କ୍ଲବ ସମ୍ପାଦକ ପ୍ରତାପକେଶରୀ ପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶୁଦ୍ଧାନନ୍ଦ ବିଦ୍ୟାଳୟ: ଗଙ୍ଗେଶ୍ୱରଠାରେ ଥିବା ଶୁଦ୍ଧାନନ୍ଦ ବିଦ୍ୟାଳୟରେ ଅଭିନେତା ଡଃ.ଚିତ୍ତରନ ମିଶ୍ର ମୁଖ୍ୟ ଅତିଥିଭାବେ ଯୋଗଦେଇ ପତାକା ଉତ୍ତୋଳନ କରିଥିଲେ। ସମ୍ପାଦିକା ବ୍ରହ୍ମଚାରିଣୀ ମନିଷା ଚୈତନ୍ୟ, ଅଧ୍ୟକ୍ଷ ସୁଧାଂଶୁଶେଖର ପଣ୍ଡା ଓ ଶିକ୍ଷକ ଶିକ୍ଷୟିତ୍ରୀ ଉପସ୍ଥିତ ଥିଲେ। ଏହି ଅବସରରେ ଛାତ୍ରଛାତ୍ରୀମାନେ ଜାତୀୟ ସଂଗୀତ ଓ ସ୍ଲୋଗାନ ସହକାରେ ଅଞ୍ଚଳ ପରିକ୍ରମା କରିଥିଲେ। ଶୁଦ୍ଧାନନ୍ଦ କଲେଜ: ନଛିପୁରସ୍ଥ ଶୁଦ୍ଧାନନ୍ଦ ଇଂଜିନିୟରିଙ୍ଗ କଲେଜ ପରିସରରେ ଜନରାଜ୍ୟ ଦିବସ ପାଳିତ ହୋଇଛି। ଶିକ୍ଷାନୁଷ୍ଠାନର ଶତାଧିକ ଛାତ୍ରଛାତ୍ରୀ ଆୟୋଜିତ ପ୍ୟାରେଡ଼ରେ ଅଂଶ ଗ୍ରହଣ କରି ଜାତୀୟ ସଂଗୀତ ଗାନ କରିଥିଲେ। ଶିକ୍ଷାବିତ ପ୍ରଫେସର ଚିତ୍ତରନ ପଣ୍ଡା ଜାତୀୟ ପତାକା ଉତ୍ତୋଳନ କରିଥିଲାବେଳେ ଚେୟାରମ୍ୟାନ ଇଂ.ସୁନିଲକୁମାର ପଟ୍ଟନାୟକ ଓ ଡିନ ପ୍ରଫେସର ରନକୁମାର ସାହୁଙ୍କ ସମେତ ସମସ୍ତ ବିଭାଗର ଅଧ୍ୟକ୍ଷ, ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀ ଉପସ୍ଥିତ ଥିଲେ।ଜାଭିୟର ହାଇସ୍କୁଲ: ବ୍ରାହ୍ମଣଝରିଲୋସ୍ଥିତ ସେଣ୍ଟ ଜାଭିୟର ହାଇସ୍କୁଲରେ ୭୫ ତମ ଗଣତନ୍ତ୍ର ଦିବସ ପାଳିତ ହୋଇଛି। ଏହି ଉପଲକ୍ଷେ ଆୟୋଜିତ କାର୍ଯ୍ୟକ୍ରମରେ ଶିକ୍ଷାବିତ ଇଂ.ସୁଶାନ୍ତକୁମାର ତ୍ରିପାଠୀ ମୁଖ୍ୟ ଅତିଥିଭାବେ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ଏହି ଅବସରରେ ପ୍ରତିଷ୍ଠାତା ଶେଖ କଲିମୁଦ୍ଦିନ, ସମ୍ପାଦିକା ଇଂ.ଯଶ୍ମିନ ବେଗମ, ଅଧ୍ୟକ୍ଷ ରମାକାନ୍ତ ସାହୁ, ସୟଦ ଇକବାଲ ଅଲ୍ଲୀ, ବିଜୟକୁମାର ଦାସ ପ୍ରମୁଖ ଉପସ୍ଥିତ ଥିଲେ। ସିନର୍ଜି କଲେଜ: ଫୁଲନଖରାସ୍ଥିତ ସିନର୍ଜି ବୈଷୟିକ ଶିକ୍ଷା ପ୍ରତିଷ୍ଠାନରେ ୭୫ ତମ ଜନରାଜ୍ୟ ଦିବସ ପାଳନ କରାଯାଇଛି। ଏହି ଉପଲକ୍ଷେ ଆୟୋଜିତ କାର୍ଯ୍ୟକ୍ରମରେ ଶିକ୍ଷା ପ୍ରତିଷ୍ଠାନର ଅଧ୍ୟକ୍ଷା ଡଃ.ଯୋଗେଶ୍ୱରୀ ରାଉତ ମୁଖ୍ୟ ଅତିଥିରୂପେ ଯୋଗଦେଇ ଜାତୀୟ ପତାକା ଉତ୍ତୋଳନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରଫେସର ଧରଣୀଧର ସାହୁ, ପ୍ରଫେସର ଚିତ୍ରସେନ ଜଗତଦେଓ ଏବଂ ଅନ୍ୟାନ୍ୟ ବିଭାଗୀୟ ମୁଖ୍ୟ ଅଧ୍ୟାପକ ଓ ଅଧ୍ୟାପିକା ଉପସ୍ଥିତ ଥିଲେ।

# ୫ମ ଶ୍ରେଣୀ ଛାତ୍ରୀ ଉତ୍ତୋଳନ କଲେ ଜାତୀୟ ପତାକା

ଭୁବନେଶ୍ୱର,(ପି.ଏନ): ଭୁବନେଶ୍ୱର ଉପକଣ୍ଠ ଚନ୍ଦକା-ଡ଼ମପଡ଼ା ହସ୍ତୀ ଅଭୟାରଣ୍ୟ ଘେର ମଧ୍ୟରେ ଅବସ୍ଥିତ ଅଗମ୍ୟ ଆଦିବାସୀ ପଲ୍ଲୀ କନ୍ଦଳେଇ ଠାରେ ୭୫ତମ ସାଧାରଣତନ୍ତ୍ର ଦିବସ ଉତ୍ସାହ ଓ ଉଦ୍ଦୀପନା ମଧ୍ୟରେ ପାଳିତ ହୋଇଯାଇଛି । ଏଠି ବିଦ୍ୟାର୍ଥୀ ସାଜନ୍ତି ଅତିଥି । କରନ୍ତି ପତାକା ଉତ୍ତୋଳନ । ଚଳିତ ବର୍ଷ ୫ମ ଶ୍ରେଣୀର ଛାତ୍ରୀ ସାବିତ୍ରୀ ଗାଗରାଇ ଜାତୀୟ ପତାକା ଉତ୍ତୋଳନ କରିବା ସଙ୍ଗେ ସଙ୍ଗେ ସମ୍ବିଧାନ ପ୍ରଣେତା ଡଃ. ଭୀମରାଓ ଆମ୍ବେଦକରଙ୍କ ସ୍ମୃତିଚାରଣ କରିଥିଲେ । ବିଦ୍ୟାର୍ଥୀ, ଶିକ୍ଷକ, ସାମାଜିକ ସଂଗଠନର କର୍ମକର୍ତ୍ତା, ଗାଁ ଲୋକେ ସାମିଲ ହୋଇ ବେଶ୍ ଧୁମ୍‌ଧାମ୍‌ରେ ଗଣତନ୍ତ୍ର ଦିବସକୁ ପାଳନ କରିଥିଲେ ।



ଜଙ୍ଗଲ ଘେରା ଏହି ଗାଁର ବିଦ୍ୟାଳୟ ପରିସର ମଧ୍ୟରେ ନିର୍ଦ୍ଦିଷ୍ଟ ଏକ ସ୍ଥାନକୁ ଗୋବର ଓ ମାଟିରେ ଲିପା ପୋଛା କରି ରଙ୍ଗ ବେରଙ୍ଗ ଫୁଲରେ ସଜାଇଥିଲେ । 'ଭାରତ ମାତା କି ଜୟ', 'ବନ୍ଦେ ମାତରମ୍' ଧ୍ୱନିରେ କମ୍ପି ଉଠିଥିଲା ସମଗ୍ର ପରିବେଶ । ଉକ୍ତ କାର୍ଯ୍ୟକ୍ରମରେ ସାମାଜିକ କର୍ମୀ ସୁଶାନ୍ତ ସାହୁ, ତ୍ରିଲୋଚନ ବେଉରା, ପ୍ରିୟବ୍ରତ ପଣ୍ଡା, ଶୋଭନ ରାଉତରାୟ, ବଦ୍ରି ନାରାୟଣ ଜେନା, ରୁଦ୍ର ନାରାୟଣ ଜେନା, ସ୍ଥାନୀୟ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବିଚିତ୍ର କୁମାର ମାଝୀ, ଶିକ୍ଷକ ସୁବାସ ଓଝା ପ୍ରମୁଖ ଯୋଗଦେଇ ଏହି ରାଷ୍ଟ୍ରିୟ ପର୍ବର ମହତ୍ୱକୁ ନେଇ ଚର୍ଚ୍ଚା କରିଥିଲେ । ସୂଚନାଯୋଗ୍ୟ, ୨୦୧୬ରେ ଗ୍ରାମବାସୀମାନେ ଏକାଠି ହୋଇ ପ୍ରଥମ ଥର ପାଇଁ ସାଧାରଣତନ୍ତ୍ର ଦିବସ ପାଳନ କରିଥିଲେ । ସାମାଜିକ କର୍ମୀ ସୁଶାନ୍ତ ସାହୁ ପ୍ରଥମେ ଏପରି ଏକ ଜାତୀୟ ପର୍ବ ପାଳନ ଓ ଛାତ୍ରଛାତ୍ରୀଙ୍କ ଦ୍ୱାରା ପତାକା ଉତ୍ତୋଳନ ପାଇଁ ଲୋକଙ୍କୁ ପ୍ରବର୍ତ୍ତାଇଥିଲେ । ସେହିଦିନ ଠାରୁ ବିଗତ ୯ବର୍ଷ ଧରି ସ୍ୱାଧୀନତା ଦିବସ ଓ ସାଧାରଣତନ୍ତ୍ର ଦିବସ ପାଳିତ ହୋଇ ଆସୁଛି ।

Printed & Published by Budhadev Mohapatra on behaöf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Puböished at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-maiö :editorpbkc@gmaiö.com, paryabekhyak@gmaiö.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray